بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

www.akhbarbadrqadian.in

ସଂଖ୍ୟା 6-7

ସମ୍ପାଦକ : କମରୁଲ ହକ୍ ଖାଁ

ସହ-ସମ୍ପାଦକ: ମକସୁଦ ଅଲୀ ଖାଁ

ଗୁରୁବାର 14-21 ଅପ୍ରେଲ 2016 06-13 ରଜବ 1437 ହି.ଶ 14-21 ଶାହାଦତ୍ 1395 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସାହାବା[ର.ଅ]ଙ୍କ ଯୁଗ ଠାରୁ ନେଇ ଆମର ଏଇ ଯୁଗ ପର୍ଯ୍ୟନ୍ତ ସମସ୍ତ ଇସଲାମୀ ସଂପ୍ରଦାୟଗୁଡ଼ିକ ଗୋଟିଏ କଥାରେ ଏକମତ ଯେ ଇସଲାମର ବାସ୍ତବିକତା ଏହା ଅଟେ, ଯେ କୌଣସି ବ୍ୟକ୍ତି ଏହା ବିଶ୍ୱାସ କରିଥାଏ ଯେ ଅଲ୍ଲାଃ ଅଦ୍ୱିତୀୟ ଓ ଅସମକକ୍ଷ । ଯେପରି ସେ ତା'ର ଅସ୍ତିତ୍ୱ ଏବଂ ଏକେଶ୍ୱରବାଦିତା ଉପରେ ବିଶ୍ୱାସ ଆଣିଥାଏ । ସେହିପରି ତା ନିମନ୍ତେ ହଜରତ ମୁହମ୍ମଦ[ସ.ଅ]ଙ୍କ ଅବତାରତ୍ୱ ଉପରେ ବିଶ୍ୱାସ ଆଣିବା ଆବଶ୍ୟକ ।**

## ହଜରତ ମସିହ ମଉଦ[ଅ.ସ]ଙ୍କ ନୀତି ବାଣୀ

ଯଦିଓ ଏ ବିପଦ ସଂକୁଳ ଯୁଗରେ ମୁସଲମାନଙ୍କ ମଧ୍ୟରେ ଏପରି ବି ଲୋକମାନେ ଜନ୍ମିଲେଣି । ଯେଉଁମାନେ ହଜରତ ମୁହମ୍ମଦ[ସ.ଅ]ଙ୍କ ଉପରେ ବିଶ୍ୱାସ ଆଣିବା ଏବଂ ଆପଣଙ୍କୁ ଅନୁସରଣ କରିବା ମୁକ୍ତି ପାଇଁ ଆବଶ୍ୟକ ମଣୁନାହାନ୍ତି । ଏବଂ କେବଳ ଅଲ୍ଲାଃଙ୍କୁ ଅଦ୍ୱିତୀୟ ଓ ଅସମକକ୍ଷ ମଣିବା ହିଁ ସ୍ୱର୍ଗରେ ପ୍ରବେଶ କରିବା ପାଇଁ ଯଥେଷ୍ଟ ବୋଲି ଭାବୁଛନ୍ତି । ଅନେକ ଏପରି ଅଛନ୍ତି ଯେ କେବଳ ମିଥ୍ୟା ଓ ଅତ୍ୟାଚାର ଭାବେ ବା ନିଜ ଭୁଲ ଧାରଣା ଦ୍ୱାରା ମୋ ଉପରେ ଭଳି ଭଳି ଅବାନ୍ତର ଅଭିଯୋଗ କରିଥାନ୍ତି । ତାଙ୍କର ଏପରି ଅଭିଯୋଗର ଅର୍ଥ ଏହା ଜଣାପଡୁଛି ଯେ ଏହା ଦ୍ୱାରା ଲୋକମାନଙ୍କୁ ଏ ସଂପ୍ରଦାୟରୁ ପଥଭ୍ରଷ୍ଟ କରାଇବା ହେବେ। କେତେକ ଏପରି ବି ଅଛନ୍ତି ସେମାନେ ଧର୍ମର ତତ୍ୱ ଭାବ ବୁଝିବାକୁ କୌଣସି ରୁଚି ରଖୁନାହାନ୍ତି । ଏବଂ ତାଙ୍କ ସ୍ୱଭାବରେ ବିଶୃଙ୍ଖଳା ନଥିଲେ ମଧ୍ୟ ବୁଝିବାର ଶକ୍ତି ତାଙ୍କ ସ୍ୱଭାବରେ ଆଦୌ ନାହିଁ । ଏବଂ ନା ହି ସେମାନଙ୍କ ପାଖେ ଜ୍ଞାନର ଅଧିକତା ଅଛି । ଯଦ୍ଦ୍ୱାରା ସେମାନେ ନିଜେ ବାସ୍ତବିକତାକୁ ଜାଣିପାରିବେ । ସେଥି ଯୋଗୁଁ ମୁଁ ଉଚିତ୍ ଭାବିଲି ଯେ ଏହି ଶେଷାଂଶରେ ସେହି ସବୁ ସଙ୍କାଗୁଡ଼ିକର ନିବାରଣ କରାଯାଉ ।

ଏହି ସଙ୍କାଗୁଡ଼ିକର ନିବାରଣ ପାଇଁ ଧ୍ୟାନ ଦେବାର କୌଣସି ଆବଶ୍ୟକତା ନଥିଲା । କାରଣ ଏହି ଅବାନ୍ତର ଅଭିଯୋଗଗୁଡ଼ିକର ମୋର ଅନେକ ପୁସ୍ତକଗୁଡ଼ିକରେ ଭିନ୍ନ ଭିନ୍ନ ସ୍ଥାନରେ ତା'ର ଉତର ଦେଇ ଦିଆଯାଇଛି । କିନ୍ତୁ ଏବେ ଅବ୍ଦୁଲ ହକିମ ଖାନ ନାମୀ ଜଣେ ବ୍ୟକ୍ତି ଯେକି ପଟିଆଲା ରାଜ୍ୟର ଆସିଷ୍ଟାଂଟ ସରଜନ ଅଛନ୍ତି । ସେ ପ୍ରଥମେ ଏହି ସଂପ୍ରଦାୟରେ ଭୁକ୍ତ ଥିଲେ । କିନ୍ତୁ ତାଙ୍କର କମ ସାକ୍ଷାତ,ଅଳ୍ପ ସଂଗତି,ଧାର୍ମିକ ତତ୍ୱରୁ ଅଜଣା ଏବଂ ବଂଚିତ ଥିଲା । ଅହଂକାର ଓ ଅଜ୍ଞତାର ବଶବର୍ତୀ ଏବଂ ଦେଖାଣିଆ ଓ ଭୁଲଧାରଣାରେ ପିଡ଼ିତ ଥିଲା । ସେ ଦୁର୍ଭାଗ୍ୟ ବଶତଃ ବିଧର୍ମୀ ହୋଇ ଏ ସଂପ୍ରଦାୟର ଶତ୍ରୁ ହୋଇଗଲା । ସେ ପ୍ରାଣପଣେ ଚେଷ୍ଟା କରି ଅଲ୍ଲାଃଙ୍କ ଜ୍ୟୋତିକୁ ଶେଷ କରିଦେବା ପାଇଁ ନିଜ ନିର୍ବୋଧ ଲେଖନୀରେ ବିଷାକ୍ତ ଫୁଙ୍କ ମାରି ସେ ଦୀପକୁ ଲିଭାଇବାକୁ ପ୍ରୟାସ କରୁଛି । ଯାହା ଅଲ୍ଲାଃଙ୍କ ହସ୍ତରେ ଆଲୋକିତ ହୋଇଛି । ସେଥିଯୋଗୁଁ ଆବଶ୍ୟକ ହେଲା ଯେ ସଂକ୍ଷିପ୍ତରେ ତା'ର କେତେକ ଅଭିଯୋଗଗୁଡ଼ିକର ଉତର ଲେଖିଦିଆଯାଉ । ଯାହା ଜନସାଧାରଣଙ୍କ ଅବଗତ ପାଇଁ ଉଚିତ୍ ଉତର ହେବ । କାରଣ ଜନ ସାଧାରଣଙ୍କ ଅବହେଳା ଓ କର୍ମଜଞ୍ଜାଳତା ଯୋଗୁଁ କଷ୍ଟ ସାଧ ହୋଇଥାଏ ଯେ ସେମାନେ ମୋର ପୁସ୍ତକଗୁଡ଼ିକୁ ଅନୁସନ୍ଧାନ କରି ସେଥି ମଧ୍ୟରୁ ଉତର ଜାଣିପାରିବେ ।

ତେଣୁ ପ୍ରଥମେ ସେ ବିଷୟରେ ଲେଖିବା ଆବଶ୍ୟକ ଅଟେ । ଯାହା ଫଳରେ ଅବ୍ଦୁଲ ହକିମ ଖାନ ଆମ ସଂପ୍ରଦାୟରୁ ବିଚ୍ଛିନ୍ନ ହେଲା । ତା'ର ଏହା ସିଦ୍ଧାନ୍ତ ଥିଲା ଯେ ପର କାଳର ମୁକ୍ତି ହାସଲ କରିବା ପାଇଁ ହଜରତ ମୁହମ୍ମଦ[ସ.ଅ]ଙ୍କ ଉପରେ ବିଶ୍ୱାସ ଆଣିବା ଆବଶ୍ୟକ ନୁହେଁ । ବରଂ ଯେକେହି ଅଲ୍ଲାଃଙ୍କୁ ଅଦ୍ୱିତୀୟ ଓ ଅସମକକ୍ଷ ମଣୁଛି । (ଯଦିଓ ସେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କୁ ମିଥ୍ୟାବାଦୀ ବୋଲି ମଣୁଛି )ସେ ମୁକ୍ତି ପାଇଯିବ । ଏଥିରୁ ସ୍ପଷ୍ଟ ଜଣା ପଡୁଛି ଯେ ତା' ନିକଟରେ ଜଣେ ବ୍ୟକ୍ତି ଇସଲାମକୁ ତ୍ୟାଗ କରି ମଧ୍ୟ ମୁକ୍ତି ପାଇପାରିବ । ଏବଂ ବିଧର୍ମୀ ହେବାର ଦଣ୍ଡ ତାକୁ ମିଳିବା ତା ଉପରେ ଅତ୍ୟାଚାର ହେବ । ଉଦାହରଣ ସ୍ୱରୂପ ଏବେ ଜଣେ ବ୍ୟକ୍ତି ଅବ୍ଦୁଲ ଗଫୁର ନାମୀ ବିଧର୍ମୀ ହୋଇ ଆର୍ଯ୍ୟ ସମାଜି ହୋଇଗଲା । ଏବଂ ସେ ତା'ର ନାମ ଧର୍ମପାଳ ରଖିନେଲା । ଏବଂ ସେ ଦିନ ରାତି ହଜରତ ମୁହମ୍ମଦ[ସ.ଅ]ଙ୍କ ଅପମାନ ଓ ଅବମାନନା କରିବାରେ ଅଂଟା ଭିଡ଼ି ଛିଡ଼ା ହୋଇଛି । ସେ ମଧ୍ୟ ଅବ୍ଦୁଲ ହକିମ ଖାନଙ୍କ ଦୃଷ୍ଟି କୋଣରୁ ସିଧାସଳଖ ସ୍ୱର୍ଗ ପ୍ରାପ୍ତକାରୀ ହେବ । କାରଣ ଆର୍ଯ୍ୟ ସମାଜିମାନେ ମୂର୍ତୀପୂଜକ ନୁହଁନ୍ତି । କିନ୍ତୁ ଯେ କେହି ବି ଜ୍ଞାନୀ ସେ ବୁଝିପାରିବ ଯେ ଏପରି ଦୃଷ୍ଟି କୋଣରୁ ଅବତାରମାନଙ୍କର ଆବିର୍ଭାବ ହେବା କେବଳ ମାତ୍ର ଅନର୍ଥକ ଓ ଅନାବଶ୍ୟକ ହେବ । କାରଣ ଯେତେବେଳେ ଜଣେ ବ୍ୟକ୍ତି ଅବତାରମାନଙ୍କ ଅମାନ୍ୟକାରୀ ଓ ତାଙ୍କର ଶତ୍ରୁ ହୋଇ ମଧ୍ୟ ଅଲ୍ଲାଃଙ୍କୁ ଅଦ୍ୱିତୀୟ ଜାଣି ମୁକ୍ତି ପାଇ ପାରିଥାଏ । ତେବେ ଏଭଳି ପରିସ୍ଥିତିରେ ଅବତାର ମାନେ ସଂସାରରେ ଅଯଥା ଆବିର୍ଭାବ ହୋଇପାରିଛନ୍ତି । ନଚେତ୍ ସେମାନଙ୍କ ବିନା କାମ ହୋଇ ପାରିଥାନ୍ତା । ତଥା ସେମାନଙ୍କ ଅସ୍ତିତ୍ୱର କୌଣସି ଆବଶ୍ୟକତା ନଥିଲା । ଯଦି ଏହା ସତ୍ୟ ଥିଲା ଯେ ଅଲ୍ଲାଃଙ୍କୁ କେବଳ ଏକ ଓ ଅଦ୍ୱିତୀୟ କହିଦେବା ହିଁ ଯଥେଷ୍ଟ ଅଟେ ତେବେ ଏହା ମଧ୍ୟ ଏକ ପ୍ରକାରର ଶିର୍କ ହେବ ଯେ 'ଲା ଇଲାହା ଇଲଲ୍ଲାଃହୁ'ସହ 'ମୁହମ୍ମଦୁର୍ ରସୁଲୁଲ୍ଲାହି 'ବାଧ୍ୟତା ସହ ମିଳାଇ ଦିଆଗଲା । ବାସ୍ତବରେ ଏପରି ଚିନ୍ତାଧାରାର ଲୋକମାନେ 'ମୁହମ୍ମଦୁର ରସୁଲୁଲ୍ଲାଃ'କହିବା ଶିର୍କ ବୋଲି ଭାବୁଛନ୍ତି । ଅଲ୍ଲାଃଙ୍କ ସଂପୂର୍ଣ୍ଣ ଏକେଶ୍ୱରବାଦିତା ଏଇଥିରେ ହିଁ ଥାଏ ଯେ ତା' ସହିତ ଆଉ କାହାର ନାମ ମିଳାଇ ଦିଆ ନଯାଉ । ଏବଂ ସେମାନଙ୍କ ଦୃଷ୍ଟିରେ ଇସଲାମ ଧର୍ମରୁ ବହିଷ୍କୃତ ହୋଇ ଯିବା ମୁକ୍ତିରୁ ବଂଚିତ ହୋଇଯିବା ନୁହେଁ । ଉଦାହରଣ ସ୍ୱରୂପ ଯଦି କୌଣସି ଦିନ ସମସ୍ତ ମୁସଲମାନମାନେ ହଜରତ ମୁହମ୍ମଦ[ସ.ଅ]ଙ୍କ ଅବତାରତ୍ୱକୁ ପ୍ରତ୍ୟାଖ୍ୟାନ କରି ଭ୍ରମିତ ଦାର୍ଶନିକଙ୍କ ଭଳି କେବଳ ଏକେଶ୍ୱରବାଦକୁ ଯଥେଷ୍ଟ ଭାବିନେଇଥାନ୍ତି । ଏବଂ ନିଜ ପକ୍ଷେ ପବିତ୍ର କୋରାନ ଓ ହଜରତ ମୁହମ୍ମଦ[ସ.ଅ]ଙ୍କ ଅନୁସରଣରୁ ଅଲଗା ଭାବିନେଲେ ଏବଂ ମିଥ୍ୟାବାଦୀ ହୋଇଗଲେ ମଧ୍ୟ ତାଙ୍କ ଦୃଷ୍ଟି କୋଣରୁ ଏମାନେ ସମସ୍ତେ ବିତାଡ଼ିତ ହୋଇ ମଧ୍ୟ ମୁକ୍ତି ପାଇଯିବେ । ଏବଂ ନିସନ୍ଦେହରେ ସ୍ୱର୍ଗରେ ପ୍ରବେଶ କରିଯିବେ । କିନ୍ତୁ ଏ କଥା କୌଣସି ଅଳ୍ପବିଜ୍ଞ ଉପରେ ବି ଲୁଚି ରହିନଥାଏ ଯେ ସାହାବା[ର.ଅ]ଙ୍କ ଯୁଗ ଠାରୁ ନେଇ ଆମର ଏଇ ଯୁଗ ପର୍ଯ୍ୟନ୍ତ ସମସ୍ତ ଇସଲାମୀ ସଂପ୍ରଦାୟଗୁଡ଼ିକ ଗୋଟିଏ କଥାରେ ଏକମତ ଯେ ଇସଲାମର ବାସ୍ତବିକତା ଏହା ଅଟେ ଯେ କୌଣସି ବ୍ୟକ୍ତି ଏହା ବିଶ୍ୱାସ କରିଥାଏ ଯେ ଅଲ୍ଲାଃ ଅଦ୍ୱିତୀୟ ଓ ଅସମକକ୍ଷ । ଯେପରି ସେ ତା'ର ଅସ୍ତିତ୍ୱ ଏବଂ ଏକେଶ୍ୱରବାଦିତା ଉପରେ ବିଶ୍ୱାସ ଆଣିଥାଏ । ସେହିପରି ତା ନିମନ୍ତେ ସେ ହଜରତ ମୁହମ୍ମଦ[ସ.ଅ]ଙ୍କ ଅବତାରତ୍ୱ ଉପରେ ବିଶ୍ୱାସ ଆଣିବା ଆବଶ୍ୟକ । ଏବଂ ଯାହା କିଛି ପବିତ୍ର କୋରାନରେ ଲିଖିତ ଅଛି ସମସ୍ତଙ୍କ ଉପରେ ବିଶ୍ୱାସ ଆଣିବା ଆବଶ୍ୟକ । ଏହାହିଁ ସେହି କଥା ଯାହାକୁ ପ୍ରାରମ୍ଭରୁ ମୁସଲମାନମାନଙ୍କୁ ଜ୍ଞାନ୍ତ କରାଇ ଦିଆ ଯାଇଛି । ଏବଂ ଏଥିରେ ଦୃଢ ବିଶ୍ୱାସ ରଖିବା ହେତୁ ସାହାବାମାନେ ନିଜ ଜୀବନ ଉତ୍ସର୍ଗ କଲେ । ଏବଂ କେତେକ ସତ୍ ମୁସଲମାନମାନେ ଯେଉଁମାନେ ଅମାନ୍ୟକାରୀଙ୍କ ଦ୍ୱାରା ହଜରତ ମୁହମ୍ମଦ ସଲ୍ଲମଙ୍କ ସମୟରେ ବନ୍ଦି ହୋଇଯାଇଥିଲେ । ସେମାନଙ୍କୁ ବାରମ୍ବାର ଜ୍ଞାନ୍ତ କରାଇ ଦିଆ ଯାଇଥିଲା ଯେ ହଜରତ ମୁହମ୍ମଦ ସଲ୍ଲମଙ୍କୁ ଛାଡ଼ି ଦେଲେ ତୁମେମାନେ ଆମ କବଳରୁ ମୁକ୍ତ ହୋଇଯିବ । କିନ୍ତୁ ସେମାନେ କଦାପି ଅମାନ୍ୟକାରୀ ହେଲେ ନାହିଁ । ପରିଶେଷରେ ସେମାନେ ନିଜ ପ୍ରାଣ ହରାଇଲେ । ଏ ଘଟଣାବଳୀ ଇସଲାମ ଇତିହାସରେ ଏପରି ପ୍ରସିଦ୍ଧ ଅଟେ କି ଯେକେହି ବି ଇସଲାମ ଇତିହାସ ବିଷୟରେ ତିଳେ ହେଲେ ବି ଜ୍ଞାନ ରଖିଥାନ୍ତି ସେମାନେ ଆମର ଏହି ବର୍ଣ୍ଣନାକୁ ବାରଣ କରିବେ ନାହିଁ ।

**ଟୀକା*** ଯଦି ଏ କଥା ସତ୍ୟ ଯେ ଯେଉଁମାନେ ଅବତାରମାନଙ୍କୁ ମିଥ୍ୟାବାଦୀ ବୋଲି କହିଥାନ୍ତି , ଏବଂ ସେମାନଙ୍କର ଶତ୍ରୁ ଅଟନ୍ତି । ସେମାନେ ନିଜ ମନ ଗଢା ଏକେଶ୍ୱରବାଦ ବଳେ ମୁକ୍ତି ପାଇ ଯିବେ ତାହେଲେ କୟାମତ ଦିନ ଅମାନ୍ୟକାରୀଙ୍କୁ କୌଣସି ଦଣ୍ଡ ମିଳିବା ପରିବର୍ତେ ଅବତାରମାନଙ୍କୁ ଏକ ପ୍ରକାରର ଦଣ୍ଡିତ କରାଯିବ । ଯେବେକି ସେମାନେ ନିଜ ଶତ୍ରୁ ଓ ମିଥ୍ୟାରୋପୀ ଏବଂ ଅସମ୍ମାନକାରୀଙ୍କୁ ସ୍ୱର୍ଗର ଆସନରେ ବସିଥିବାର ଦେଖିବେ । ଏବଂ ସେମାନଙ୍କୁ ଏକ ପ୍ରକାର ପ୍ରଶଂସା ଓ ପ୍ରଶନ୍ନତାରେ ଦେଖିବେ । ହୋଇପାରେ ସେମାନେ ସେ ସମୟରେ ବି ଅବତାରମାନଙ୍କୁ ଥଟ୍ଟା ପରିହାସ କରି କହିବେ କି ଆମେ ତୁମକୁ ମିଥ୍ୟାବାଦୀ ଓ ଅସମ୍ମାନ କରିବା ଦ୍ୱାରା ଆମର କ'ଣ ଅସୁବିଧା ହୋଇଗଲା କି ? ସେ ସମୟରେ ଅବତାରମାନଙ୍କର ସ୍ୱର୍ଗରେ ରହିବା ଅସହ୍ୟ ହୋଇ ପଡ଼ିବ ।

**(ହକିକତୁଲ୍ ଓ୍ୱହି,ରୁହାନୀ ଖଜାଏନ୍ ,**
**ଖଣ୍ଡ-୨୨,ପୃଷ୍ଠା- ୧୧୧-୧୧୪)**

ପ୍ରିନ୍ଟର ଓ ପବ୍ଲିସର: ଜମିଲ ଅହମଦ ନାସିର, ଫଜଲେ ଉମର ପ୍ରିନ୍ଟିଙ୍ଗ ପ୍ରେସ୍,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ

# ସମ୍ପାଦକୀୟ......



## ଖିଲାଫତ୍ ପରମ୍ପରା

### (ଖିଲାଫତ୍ ଦିବସ ଉପଲକ୍ଷେ)

ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଏକ ଚିରନ୍ତନ ସତ୍ୟ ଦୃଷ୍ଟିଗୋଚର ହୋଇଥାଏ ଯେ ଯେତେବେଳେ ଧର୍ମର ଗ୍ଲାନି ଘଟି ଅଧର୍ମ ତା'ର ଚରମ ସୀମାକୁ ପହଂଚି ଯାଏ । ଠିକ ସେହି ଅନ୍ଧକାର ସମୟରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ସଂସାରରେ ଅବତାର ଅବତୀର୍ଣ୍ଣ କରିଥାନ୍ତି । ଯେପରି ଗୀତାରେ ଲେଖାଅଛି,

**ଯଦା ଯଦା ହି ଧର୍ମସ୍ୟ, ଗ୍ଲାନିର୍ଭବତି ଭାରତ ।**
**ଅଭ୍ୟୁତ୍‌ଥାନମ ଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହମ୍ ।।**
**ପରିତ୍ରାଣାୟ ସାଧୂନାଂ, ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମ ସଂସ୍ଥାପନାର୍ଥାୟ , ସମ୍ଭବାମି ଯୁଗେ ଯୁଗେ ।।**

ଯାହାଙ୍କ ଦ୍ୱାରା ସେ ନିଜ ସୃଷ୍ଟିକୁ ନିଜ ଆଡ଼କୁ ଟାଣି ଆଣି ନିଜର ପ୍ରକୃତ ରୂପ ଦେଖାଇ ଘୋର ଅନ୍ଧକାରକୁ ଆଲୋକରେ ପରିବର୍ତ୍ତନ କରି ଦେଇଥାନ୍ତି । ସେହି ଅବତାରମାନେ ପରମେଶ୍ୱରଙ୍କ ନିଜସ୍ୱ ରୂପ ଧାରଣ କରି ଓ ଆଧାତ୍ମିକ ଅମୃତରେ ଅମିୟ ହୋଇ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃଙ୍କ ଭକ୍ତଗଣଙ୍କୁ ସତ୍ ମାର୍ଗ ଦେଖାଇଥାନ୍ତି । ଏବଂ ଅନ୍ୟ ପକ୍ଷରେ ଦୁଷ୍ଟ ମାନଙ୍କୁ ଦମନ କରିବା ସହ ଆଧାତ୍ମିକ ଦୃଷ୍ଟି କୋଣରୁ ଆକ୍ରାନ୍ତ ଥିବା ରୋଗୀ ମାନଙ୍କର ଉତ୍ତମ ଚିକିତ୍ସା ମଧ୍ୟ କରିଥାନ୍ତି ।

ଇସଲାମ ଧର୍ମ ଆଦି ଧର୍ମ ଏବଂ ସଂପୂର୍ଣ୍ଣ ଧର୍ମ । ପବିତ୍ର କୋରାନରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ କୁହନ୍ତି; ''ଆଜି ଆମେ ତୁମ୍ଭମାନଙ୍କ କଲ୍ୟାଣ ସକାଶେ ତୁମ୍ଭମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କଲୁ । ଏବଂ ତୁମ୍ଭମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସଂପୂର୍ଣ୍ଣ କରିଛୁ । ଏବଂ ତୁମ୍ଭମାନଙ୍କ ସକାଶେ 'ଇସଲାମ'କୁ ଧର୍ମ ରୂପରେ ପସନ୍ଦ କରିଛୁ ।''

ତେଣୁ ସେହି ଇସଲାମ ଧର୍ମ ଯାହା ବିଶ୍ୱ ବ୍ରହ୍ମାଣ୍ଡରେ ଅଦ୍ୱିତୀୟ ସେହି ପବିତ୍ର ଧର୍ମରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାଃ ନିଜର ସର୍ବଶ୍ରେଷ୍ଠ ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କୁ ଅବତୀର୍ଣ୍ଣ କରି ତାଙ୍କ ଦ୍ୱାରା ଧର୍ମବାଣୀର ଉପଦେଶକୁ ସଂପୂର୍ଣ୍ଣ କଲେ । କିନ୍ତୁ ଇସଲାମ ଧର୍ମରେ ସେହି ଉପଦେଶଗୁଡ଼ିକୁ ବିଶ୍ୱବ୍ୟାପ୍ତ କରିବା ପାଇଁ ତଥା ତାର ପୂର୍ଣ୍ଣ ପ୍ରକାଶ ଓ ପ୍ରଚାର କରିବା ପାଇଁ ବର୍ତ୍ତମାନର ଯୁଗ ଅର୍ଥାତ୍ କଳି ଯୁଗକୁ ଧାର୍ଯ୍ୟ କଲେ । ଏହି କଳି ଯୁଗରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଅନୁରୂପ ତଥା ଦାସାନୁଦାସ ମୋହନ ମୋଗଲ ହଜରତ ମିର୍ଜା ଗୁଲାମ ଅହମଦ ସାହେବଙ୍କ ସୁସମ୍ବାଦ ଜଣାଇ ପବିତ୍ର କୋରାନବାଣୀରେ କହିଲେ ; ''ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି ।''ଏହି ମହାନ ଯୁଗାବତାରଙ୍କ ସମ୍ବନ୍ଧରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କହିଥିଲେ ଯେ ଯଦି ଧର୍ମବିଶ୍ୱାସ ସପ୍ତର୍ଷିମଣ୍ଡଳ ପର୍ଯ୍ୟନ୍ତ ମଧ୍ୟ ଆରୋହଣ କରିଯିବ ତେବେ ଇରାନୀୟ ବଂଶଜଙ୍କ ମଧ୍ୟରୁ ଜଣେ ବା ଏକାଧିକ ବ୍ୟକ୍ତି ସେହି ଧର୍ମ ବିଶ୍ୱାସକୁ ଫେରାଇ ଆଣିବେ । ଏହି କଥାରେ ଦୁଇଗୋଟି ଭବିଷ୍ୟବାଣୀ ରହିଛି । ପ୍ରଥମଟି ହେଲା ଯେତେବେଳେ ଇସଲାମ ଧର୍ମର ଗ୍ଲାନି ଘଟିବ , ଧର୍ମବିଶ୍ୱାସରେ ଦୁର୍ବଳତା ପରିଲକ୍ଷିତ ହେବ ,ତେବେ ସେହି ସମୟରେ ଯୁଗାବତାର ଆସି ପୁନଃ ଧର୍ମସ୍ଥାପନା କରିବେ । ତଥା ସେହି ଯୁଗାବତାରଙ୍କ ମରଣାନ୍ତେ ସେହି ଧର୍ମ ସ୍ଥାପନାର ମହତ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଲାଗି ଦ୍ୱିତୀୟ ଶକ୍ତି ରୂପେ ଖଲିଫାଙ୍କ ସମୟ କାଳ ଉପନିତ ହେବ । 'ଖଲିଫା'ଶବ୍ଦର ଅର୍ଥ ହେଲା,ଉତରାଧିକାରୀ । ଅବତାରଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟଭାରକୁ ତଥା ସେହି ମିଶନକୁ ସଂପୂର୍ଣ୍ଣ କରିବା ପାଇଁ ଯେଉଁ ବ୍ୟବସ୍ଥା ସ୍ଥାପିତ କରାଯାଏ ତାକୁ ଖିଲାଫତ୍ କୁହାଯାଏ । ଯେପରି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ମରଣାନ୍ତେ ହଜରତ ଅବୁବକର ସିଦ୍ଦିକ,ହଜରତ ଉମର ଫାରୁକ,ହଜରତ ଉସମାନ ଗନୀ ଏବଂ ହଜରତ ଅଲିଙ୍କ ଖିଲାଫତ୍ ବ୍ୟବସ୍ଥା ଚାଲିଥିଲା । ଠିକ ସେହି ପରି ଭବିଷ୍ୟତବାଣୀ ଥିଲା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ୧୩୦୦ ବର୍ଷ ପରେ ଯେତେବେଳେ ଇସଲାମର ପୁନରୁତ୍‌ଥାନ ନିମନ୍ତେ ଯୁଗବତାର ଆସିବେ ଏବଂ ତାଙ୍କ ପରେ ପୁନର୍ବାର ଖିଲାଫତ ବ୍ୟବସ୍ଥା ସ୍ଥାପିତ ହେବ । ଏହି ପରିପ୍ରେକ୍ଷୀରେ ଅହମଦୀୟା ମୁସଲିମ ଜମାତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ବିୟୋଗ ପରେ ଅହମଦୀୟା ଜମାତରେ ପ୍ରଥମେ ହଜରତ ମୌଲବି ହକିମ ନୁରୁଦ୍ଦିନ ସାହେବ(୧୯୦୮-୧୯୧୪ ),ଦ୍ୱିତୀୟରେ ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ ସାହେବ(୧୯୧୪-୧୯୬୫ ),ତୃତୀୟରେ ହଜରତ ମିର୍ଜା ନାସର ଅହମଦ ସାହେବ (୧୯୬୫-୧୯୮୨ ) ,ଚତୁର୍ଥରେ ହଜରତ ମିର୍ଜା ତାହେର ଅହମଦ ସାହେବ(୧୯୮୨-୨୦୦୩ ) ଏବଂ ବର୍ତ୍ତମାନ ହଜରତ ମିର୍ଜା ମସରୁର ଅହମଦ ସାହେବ (୨୦୦୩ ରୁ ) ସମ୍ପ୍ରତି ଖିଲାଫତ ଆସନରେ ଅଧିଷ୍ଠିତ ହୋଇଛନ୍ତି । ଅଲ୍ଲାଃଙ୍କର ଏହି ଦ୍ୱିତୀୟ ଶକ୍ତି ଖିଲାଫତ୍‌ର ବ୍ୟବସ୍ଥା ଦ୍ୱାରା ବିଶ୍ୱରେ ଧର୍ମ ଓ ଶାନ୍ତି ସ୍ଥାପିତ ହୋଇ ଚାଲିଛି ।

ଅଲ୍ଲାଃ ସ୍ୱୟଂ ଜଣେ ବ୍ୟକ୍ତି ବିଶେଷକୁ ଯେକି ସତ୍ୟବାଦୀ ଏବଂ ଧର୍ମପରାୟଣ ହୋଇଥାଏ ଖଲିଫା ନିର୍ବାଚିତ କରିଥାନ୍ତି । ଯେପରି ପବିତ୍ର କୋରାନ କୁହେ; ''ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ରଖନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା (ଉତରାଧିକାରୀ) କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ।''

ସୁତରାଂ ବର୍ତ୍ତମାନ ଅହମଦୀୟା ମୁସଲିମ ସଂପ୍ରଦାୟରେ ଖିଲାଫତର ପରମ୍ପରା ଜାରି ରହିଛି । ହଜରତ ମିର୍ଜା ମସରୁର ଅହମଦ ସାହେବ ଅହମଦୀୟା ମୁସଲିମ ସଂପ୍ରଦାୟର ପଂଚମ ଖଲିଫା ରୂପେ କାର୍ଯ୍ୟଭାର ସମ୍ପାଦନ କରି ଚାଲିଛନ୍ତି । ସେ ପାକିସ୍ତାନର ରବୁଆରେ ୧୫ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୯୭୭ ମସିହାରେ ପାକିସ୍ତାନର ଫୈସିଲାବାଦ ସ୍ଥିତ କୃଷି ବିଶ୍ୱ ବିଦ୍ୟାଳୟରୁ କୃଷି ଅର୍ଥନୀତିରେ ସ୍ନାତକୋତର ଡ଼ିଗ୍ରୀ ହାସଲ କରିଥିଲେ । ୧୯୭୭ ମସିହାରୁ ସେ ନିଜ ଜୀବନକୁ ମାନବସେବା ପାଇଁ ଉତ୍ସର୍ଗ କରିଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱରେ ଅହମଦୀୟା ମୁସଲିମ ସଂପ୍ରଦାୟ ପୃଥିବୀର ୨୦୯ ଗୋଟି ରାଷ୍ଟ୍ରରେ ବହୁ ସଂଖ୍ୟାରେ ଦାତବ୍ୟ ଅନୁଷ୍ଠାନ,ଚିକିତ୍ସାଳୟ, ଉପାସନାଗୃହ ନିର୍ମାଣ , ବିଦ୍ୟୁତ ଓ ଜଳ ଯୋଗାଣ ତଥା ଦୀନଦରିଦ୍ରଙ୍କୁ ସାହାଯ୍ୟ ଓ ସମର୍ଥନ କରିବା । ଶିକ୍ଷା ଓ ପ୍ରଶିକ୍ଷଣର ଯୋଜନାମାନ କରିଛାଲିଛନ୍ତି । ସେ ପ୍ରକୃତ ଇସଲାମର ସାର ତତ୍ୱକୁ ୟୁରୋପ ଓ ଆମେରିକାର ତଥା ବିଭିନ୍ନ ରାଷ୍ଟ୍ରର ବୁଦ୍ଧିଜୀବିଙ୍କ ମଧ୍ୟେ ମର୍ମସ୍ପର୍ଶୀ ଭାଷଣ ମାଧ୍ୟମରେ ଇସଲାମର ଶାନ୍ତିବାର୍ତାକୁ ଉପସ୍ଥାପିତ କରିବାର ବିଶ୍ୱବ୍ୟାପି ଅଭିଯାନ ଆରମ୍ଭ କରିଛନ୍ତି । ଯଦ୍ଦ୍ୱାରା ଇସଲାମର ଶାନ୍ତି ଓ ସହାବସାନ ବାର୍ତାକୁ ସମାଜର ବିଭିନ୍ନ ବର୍ଗରେ ଲୋକଙ୍କ ମଧ୍ୟରେ ପରିବେଷଣ କରୁଛନ୍ତି । ତଥା ବିଶ୍ୱର ପ୍ରମୁଖ ରାଷ୍ଟ୍ରମୁଖ୍ୟ ଏବଂ ଧର୍ମଗୁରୁମାନଙ୍କୁ ପତ୍ର ମାଧ୍ୟମରେ ଶାନ୍ତି ପ୍ରତି ଆହ୍ୱାନ ଜଣାଇ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କ ଦାୟିତ୍ୱବୋଧ ପ୍ରତି ସଚେତନ କରାଉଛନ୍ତି । ଆଜି ବିଶ୍ୱ ସମାଜରେ ଅହମଦୀୟା ମୁସଲିମ ସଂପ୍ରଦାୟ ଖିଲାଫତର ସୁବ୍ୟବସ୍ଥା ମାଧ୍ୟମରେ ଏକତା, ଅଖଣ୍ଡତା, ଭାଇଚାରା, ସ୍ନେହ, ସହାନୁଭୂତି, ମାନବସେବା, ବିଶ୍ୱ ଶାନ୍ତି କ୍ଷେତ୍ରରେ ବଳିଷ୍ଠ ପ୍ରୟାସ କରିଚାଲିଛି । ଆସନ୍ତୁ ଆମେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ଖଲିଫାଙ୍କ ସହଯୋଗ କରିବା ଏବଂ ସର୍ବେ ଭବନ୍ତୁ ସୁଖିନଃର ପ୍ରେମଭରା ସଂଦେଶ ସାରା ବିଶ୍ୱରେ ପ୍ରସାର କରିବା ।

**ମୌଲବି ଫଜଲ ହକ ଖାଁ**
**ମୁବଲ୍ଲିଗ୍ ଇନ୍‌ଚାର୍ଜ,କେରଙ୍ଗ**
**ମୋ: ୯୪୩୭୬୪୫୬୭୭**

## ଖିଲାଫତ୍ ଦିବସ ପାଳିତ

### " ଖିଲାଫତ ଏକ ଐଶ୍ୱରୀୟ ଉପହାର"

( ଖୋର୍ଦ୍ଧା ) ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଂଗ ଅହମଦୀୟା ମୁସଲିମ ଜମାତର ଜାମା ମସଜିଦ ପ୍ରାଙ୍ଗଣରେ " ଖିଲାଫତ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ କେରଙ୍ଗ ପଭାପତି ସୈଫୁର ରହମାନ ପୌରହିତ୍ୟ କରିଥିଲେ । ସର୍ବ ପ୍ରଥମେ ପବିତ୍ର କୋରାନ ପାଠ ଆରାଫତ୍ ଅଲ୍ଲୀ କରିଥିଲେ । ମୌଲାନା ବସିର ଅହମଦ ,ମୌଲାନା ଜାଫର ସାଦିକ ଖିଲାଫତ ଦିବସର ଆବଶ୍ୟକତା , ଉଦ୍ଦେଶ୍ୟ ବିଷୟରେ ଭାଷଣ ଦେଇ ଥିଲେ । ଖିଲାଫତର ଅର୍ଥ ହେଲା କୌଣସି ଅବତାର ବା ଯୁଗ ସଂସ୍କାରକ ବା ନବି ଓ ରସୁଲଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟକୁ ଐଶୀ ଆଦେଶାନୁଯାୟୀ ତୋରାନ୍ୱିତ କରାଇବା । ଖିଲାଫତ ଏକ ଐଶ୍ୱରୀୟ ଉପହାର । ଯେପରି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ପରେ ଇସଲାମ ଇତିହାସରେ ହଜରତ ଅବୁବକ୍କର , ଉମର ଫାରୁକ, ଉସମାନ ଗନୀ ଓ ହଜରତ ଅଲ୍ଲୀ ଇସଲାମୀୟ ଖିଲାଫତର କାର୍ଯ୍ୟଭାର ତୁଲାଇଥିଲେ । ଖିଲାଫତ ପଦବୀରେ ଅଧିଷ୍ଠିତ ମହାପୁରୁଷଙ୍କୁ ଖଲିଫା କୁହାଯାଏ ବୋଲି ମୌଲାନା ମକସୁଦ ଅଲ୍ଲୀ ଭାଷଣରେ କହିଲେ । ଖଲିଫା କେବଳ ଈଶ୍ୱରଙ୍କ ଆଦେଶ ଓ ମନୋନିତକ୍ରମେ ପ୍ରାପ୍ତ ହୋଇଥାଏ । ଇସଲାମୀୟ ଖିଲାଫତର ପରିସମାପ୍ତି ପରେ ମୁହମ୍ମଦ ସଲ୍ଲମଙ୍କ ଭବିଷ୍ୟତବାଣୀ ଅନୁଯାୟୀ ୧୯୦୮ ମସିହାରୁ ହଜରତ ମିର୍ଜା ଗୁଲାମ ଅହମଦ ସାହେବ ଏଯୁଗ ସଂସ୍କାରକଙ୍କ ବିୟୋଗ ପରେ ଅହମଦୀୟା ଖିଲାଫତର ଶୁଭ୍ରପାତ ହୋଇଥିଲା । ସର୍ବ ପ୍ରଥମେ ହଜରତ ମୌଲବି ହକିମ ନୁରୁଦ୍ଦନ ସାହେବ , ଦ୍ୱିତୀୟରେ ମିର୍ଜା ବସିରୁଦ୍ଦିନ ମହମୁଦ ଅହମଦ ସାହେବ, ତୃତୀୟରେ ମିର୍ଜା ନାସିର ଅହମଦ ସାହେବ,ଚତୁର୍ଥରେ ମିର୍ଜା ତାହେର ଅହମଦ ସାହେବଙ୍କ ବିୟୋଗ ପରେ ଏବେ ଅହମଦୀୟା ସଂପ୍ରଦାୟର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେବ ଖିଲାଫତ କାର୍ଯ୍ୟଭାର ସୁଚାରୁ ରୂପେ ତୁଲାଉଛନ୍ତି । ଏହି ଖିଲାଫତ ସଂସ୍ଥା ଦ୍ୱାରା ସମଗ୍ର ବିଶ୍ୱରେ ମାନବ କଲ୍ୟାଣକାରୀ ଯୋଜନା, ବିଶ୍ୱ ଭାତୃଭାବ ଏବଂ ବିଶ୍ୱ ଶାନ୍ତି ପାଇଁ ମହାନ କାର୍ଯ୍ୟମାନ ସମ୍ପାଦନ କରାଯାଉଛି , ବୋଲି ମୌଲାନା ଇଫତେଖାର ଅହମଦ କହିଥିଲେ । ସଭାପତି ନିଜ ଭାଷଣରେ ଅହମଦୀୟା ସଂପ୍ରଦାୟର ମାନବ ସମାଜ ପ୍ରତି ସେବା ଓ ଅବଦାନ ବିଷୟରେ ଆଲୋକପାତ କରିଥିବା ବେଳେ ଏହି ଉତ୍ସବରେ ନଜିର ଖାନ,ମୌଲାନା ଫଜଲ ହକ ଖାନ୍ , ମୌଲାନା ଶମସୁଲ ହକ ଖାନ,ମୌଲାନା ଶେଖ ରୌଶନ ସମ୍ମାନନୀୟ ଅତିଥି ରୂପେ ଯୋଗଦେଇଥିଲେ । ଏହି ଖିଲାଫତ୍ ଦିବସ କେରଙ୍ଗ ଅହମଦୀୟା ମୁସଲିମ ଜମାତର ଜାମା ମସଜିଦ,ନୁର ମସଜିଦ,ନାସିରାବାଦ ମସଜିଦ ଏବଂ ମହମୁଦାବାଦ ମସଜିଦରେ ହରସ ଓ ଉଲ୍ଲାସର ସହିତ ପାଳିତ ହୋଇଛି । ❋ ❋ ❋

# ଖୁତ୍‌ବା ଜୁମା

- ସଇତାନ ସୃଷ୍ଟିର ଆରମ୍ଭରୁ ହିଁ ମନୁଷ୍ୟର ଶତ୍ରୁ ରହିଛି । ଏବଂ ସର୍ବଦା ରହିବ, ସଇତାନର ଏହି ଶତ୍ରୁତା କୌଣସି ଖୋଲା ଖୋଲି ଶତ୍ରୁତା ନୁହେଁ ଯେ ସାମ୍ନାରେ ଆସି ଲଢିଥାଏ । ବରଂ ବିଭିନ୍ନ ବାହାନାରେ ଲୋକଙ୍କୁ ପ୍ରଲୋଭିତ କରାଇ ତାଙ୍କର ଅହଂଭାବନାକୁ ଉଜାଗର କରାଇଥାଏ ଏବଂ ସତ୍ କର୍ମରୁ ଦୂରେଇ ଦେଇ ତଥା ମନ୍ଦ କର୍ମର ନିକଟବର୍ତୀ କରାଇଥାଏ । କିନ୍ତୁ ତତ୍ ସହିତ ଅଲ୍ଲାଃତାଲା ଲୋକମାନଙ୍କୁ ସୁପଥଗାମୀ କରାଇବା ପାଇଁ ଅବତାରମାନଙ୍କୁ ପ୍ରେରଣ କଲେ , ସେମାନଙ୍କୁ ସତ ପଥର ମାର୍ଗ ବତାଇବା ସହିତ ସେମାନଙ୍କର ଇହ ଓ ପରକାଳ ସଜାଡ଼ିବାର ରାସ୍ତା ବତାଇଲେ ।
- ଏହି କଥା ଆମକୁ ମନେ ରଖିବା ଉଚିତ ଯେ ସଇତାନର ଆକ୍ରମଣ ଅଚାନକ ହୋଇନଥାଏ ସେ ଧୀରେ ଧୀରେ ଆକ୍ରମଣ କରିଥାଏ । ଗୋଟିଏ ଛୋଟ ପାପକୁ ମଣିଷର ହୃଦୟରେ ରଖିଦେଇ ଏହା ଅନୁଭବ କରାଇଥାଏ କି ଏହି ଛୋଟ ପାପ ଦ୍ୱାରା କୌଣସି ପ୍ରଭାବ ପଡ଼ିବ ନାହିଁ, ଏହା କ'ଣ ବଡ଼ ପାପ କି ? ପୁଣି ଏହି ଛୋଟ ଛୋଟ ପାପଗୁଡ଼ିକ ବଡ଼ ବଡ଼ ପାପ କରିବାରେ ସହାୟକ ହୋଇଯାଏ ।
- ସଇତାନ ମିଥ୍ୟା, ଅତ୍ୟାଚାର, ଆବେଗ, ହତ୍ୟା, ଅଯଥା କାର୍ଯ୍ୟ , କପଟତା ଏବଂ ଗର୍ବ ଆଡ଼କୁ ଡ଼ାକିଥାଏ ।
- ମନୁଷ୍ୟ ଅନୁତାପ କରିବା ଓ ଅଲ୍ଲାଃଙ୍କ ନିକଟରୁ କ୍ଷମା ମାଗିବା ଦ୍ୱାରା ବଂଚି ଯାଇଥାଏ । ଏବଂ ଏହା ଆଶା କରାଯାଏ ଯେ ଅଲ୍ଲାଃତାଲା କ୍ଷମା ଦେବେ । କିନ୍ତୁ ସଇତାନ ଗର୍ବ କରିବା ଦ୍ୱାରା ଅଭିଶପ୍ତ ହେଲା ।
- ବେଳେ ବେଳେ ମଣିଷ ଗର୍ବକୁ ବୁଝିପାରେ ନାହିଁ , ତେଣୁ ବହୁତ ସୁକ୍ଷ୍ମତାର ସହିତ ଆମକୁ ନିଜର ସମୀକ୍ଷା କରିବାକୁ ହେବ ।
- ବେଳେ ବେଳେ ସଇତାନ ପୁଣ୍ୟ(ନେକି)ର ଆଳ ଦେଖାଇ ନିଜ ପଛରେ ଚଲାଇଥାଏ ।
- କେତେକ ଲୋକ ବାହାରକୁ ପୁଣ୍ୟବାନ ଜଣା ପଡ଼ନ୍ତି କିନ୍ତୁ ତାଙ୍କ ଉପରେ କୌଣସି ଦୁଃଖ ଦୁର୍ଦ୍ଦଶା ପଡ଼ିଲେ ବା ସେମାନେ କୌଣସି ପୁଣ୍ୟ କାର୍ଯ୍ୟରୁ ଦୂରେଇ ଗଲେ ଲୋକେ ଆଶ୍ଚର୍ଯ୍ୟ ହୁଅନ୍ତି । ପ୍ରକୃତରେ ସେମାନଙ୍କ ଭିତରେ ପାପ ଲୁଚିକରି ରହିଥାଏ ଯିଏ ତାଙ୍କୁ ଏହି ପରି ଅବସ୍ଥାରେ ପହଂଚାଇଥାଏ ।
- ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ କିଛି ନା କିଛି ଖରାପ ଅଣୁ ଥାଏ । ସେ ତାର ସଇତାନ ଅଟେ । ଯେପର୍ଯ୍ୟନ୍ତ ତାକୁ ହତ୍ୟା(ନଷ୍ଟ) ନକରାଯାଇଛି କିଛି ହୋଇପାରିବ ନାହିଁ ।

(ହଜରତ ମସିହ ମଉଦ[ଆ.ସ]ଙ୍କ ଆଦେଶ ପ୍ରସଙ୍ଗରେ ସଇତାନ, ତାର ଆକ୍ରମଣ ଓ ତାର ପ୍ରଲୋଭନରୁ ବଂଚିବାର

**ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ପଂଚମ[ଅ.ବ]**
**(ପ୍ରଦତ୍ତ: ୧୧ ମାର୍ଚ୍ଚ ୨୦୧୬ଅନୁଯାୟୀ ୧୧ ଅମାନ ୧୩୯୫ହି.ଶ)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

**ୟା ଆୟୁହଲ୍ ଲଜିନା ଆମନୁ ଲାତତ୍ ତବିଉ ଖୁତୁଓାତିଶ୍ ଶଇତାନ୍ ୱ ମଇଁ ୟତ୍‌ତବି ଖୁତୁୱାତିଶ୍ ଶଇତାନି ଫଇନ୍ନହୁ ୟାମୁରୁ ବିଲ୍ ଫହ୍‌ଶାଇ ୱଲ୍ ମୁନ୍‌କର୍ । ୱ ଲୌ ଲା ଫଜ୍‌ଲୁଲ୍ଲାହି ଆଲୈକୁମ୍ ୱ ରହ୍‌ମତୁହୁ ମା'ଯକା ମିନ୍‌କୁମ ମିନ୍ ଅହଦିନ୍ ଅବଦା । ୱଲା କିନ୍ନଲ୍ ଲାହା ୟୁଯକ୍କି ମାଇଁ ୟଶାଉ । ୱଲ୍ଲାହୁ ସମିଉନ୍ ଅଲିମ୍ (ସୁରେ-ନୁର୨୧)** ଅର୍ଥାତ ହେ ବିଶ୍ୱାସକାରୀମାନେ -ସଇତାନର ଅନୁସରଣ କର ନାହିଁ ଏବଂ ଯେ କେହି ସଇତାନର ଅନୁସରଣ କରେ (ସେ ଜାଣିରଖୁ ଯେ)ସଇତାନ ଅଶ୍ଳୀଳତା ଓ ଅଶୋଭନୀୟ କାର୍ଯ୍ୟ ସମ୍ବନ୍ଧରେ ଆଦେଶ ଦିଏ ଏବଂ ଯଦି ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କର କୃପା ଓ କରୁଣା ନଥାନ୍ତା, ତେବେ ତୁମମାନଙ୍କ ମଧ୍ୟରେ କେବେ ବି କେହି ପବିତ୍ର ହୁଅନ୍ତା ନାହିଁ କିନ୍ତୁ ଅଲ୍ଲାଃ ଯାହାକୁ ଇଚ୍ଛା କରନ୍ତି ପବିତ୍ର କରନ୍ତି । ଅଲ୍ଲାଃ ହିଁ ମହାନ ଶ୍ରୋତା ଓ ସର୍ବଜ୍ଞ ।

ସଇତାନ ସୃଷ୍ଟିର ଆରମ୍ଭରୁ ହିଁ ମନୁଷ୍ୟର ଶତ୍ରୁ ରହିଛି ଏବଂ ସର୍ବଦା ରହିବ । ଏହା ଏଥିପାଇଁ ନୁହେଁ ଯେ ତାହାର ନିଜସ୍ୱ କୌଣସି ଶକ୍ତି ଅଛି ଓ ସର୍ବଦା ରହିବ ବରଂ ମନୁଷ୍ୟର ସୃଷ୍ଟି ସମୟରୁ ଅଲ୍ଲାଃ ସଇତାନକୁ ସ୍ୱାଧୀନତା ପ୍ରଦାନ କରିଥିଲେ ଏବଂ ସେ ଜାଣିଥିଲେ ଯେ ମୋର ଭକ୍ତମାନେ ଏହାର ମନ୍ତ୍ରଣାରେ କଦାପି ଆସିବେ ନାହିଁ । ସଇତାନର ଏପରି ଶତ୍ରୁତା କୌଣସି ଆମନା ସାମନାର ଲଢେଇ ନୁହେଁ । ବରଂ ବିଭିନ୍ନ ବାହାନାରେ ଲୋକଙ୍କୁ ପ୍ରଲୋଭିତ କରାଇ ତାଙ୍କର ଅହଂଭାବନାକୁ ଉଜାଗର କରାଇଥାଏ ଏବଂ ସତକର୍ମରୁ ଦୂରେଇ ନେଇଥାଏ । ତଥା ମନ୍ଦକର୍ମର ନିକଟବର୍ତୀ କରାଇଥାଏ କାରଣ ସଇତାନ ପ୍ରାରମ୍ଭରୁ ହିଁ ଅଲ୍ଲାଃଙ୍କୁ କହିଥିଲା କି ମୁଁ ଲୋକମାନଙ୍କୁ ପଥଭ୍ରଷ୍ଟ କରାଇବି ଏବଂ ଅଲ୍ଲାଃର କିଛି ପ୍ରକୃତ ଭକ୍ତଙ୍କୁ ବାଦ ଦେଲେ ଅଧିକାଂଶ ଲୋକ ମୋର ବଶବର୍ତୀ ହେବେ । ସେତେବେଳେ ଅଲ୍ଲାଃ ସଇତାନକୁ ଏହାର ଅନୁମତି ଦେଇ କହିଥିଲେ କି ଯେକେହି ଏପରି କରିବ ସେ ସମସ୍ତଙ୍କୁ ମୁଁ ନର୍କରେ ଭରି ଦେବି ।

କିନ୍ତୁ ତତ୍‌ସହିତ ଅଲ୍ଲାଃତାଲା ଲୋକମାନଙ୍କୁ ସତ୍‌ପଥଗାମୀ କରାଇବା ନିମନ୍ତେ ଅବତାରମାନଙ୍କୁ ପ୍ରେରଣ କଲେ । ଯେ ଦୁର୍ବଳ,ଅବଳା ଲୋକମାନଙ୍କୁ ସତ୍‌ପଥ ଦେଖାଇବା ସହ ସେମାନଙ୍କ ଚରିତ୍ର ସୁଧାରିବା ସହ ତାଙ୍କ ଇହ ଓ ପରକାଳ ସଜାଡିବାରେ ସହାୟ ହୋଇଥାନ୍ତି । ଏହା ମଧ୍ୟ ସ୍ପଷ୍ଟ କରିଦେଲେ ଯେ ସଇତାନ ତୁମର ବଡ଼ ଶତ୍ରୁ ଅଟେ । ସେ ସାହାଯ୍ୟ ଓ ସମର୍ଥନର ଆଡୁଆଳରେ ତୁମକୁ ଶୁଭ ଓ ଲାଭ ନୁହେଁ ବରଂ କଷ୍ଟ ଓ ନଷ୍ଟ ଆଡ଼କୁ ଡ଼ାକିଥାଏ । ଏବଂ ଯେତେବେଳେ ହିସାବ କରିବାର ସମୟ ଆସିବ ସେତେବେଳେ ସେ ନିର୍ଲଜ ପଣିଆରେ ଧୀରେ କହିଦେବ କି ମୁଁ ତୁମକୁ ମନ୍ଦକର୍ମ ଆଡ଼କୁ , ଲାଳସା ଆଡ଼କୁ, ପାପ କରିବା ଆଡ଼କୁ, ଅଲ୍ଲାଃଙ୍କ ଆଦେଶର ଅବମାନନା କାରିବା ଆଡ଼କୁ ଡ଼ାକିଥିଲି । କିନ୍ତୁ ତୁମେ ତ ଜ୍ଞାନୀ ମଣିଷ ଥିଲ । ତୁମେ କାହିଁ ତୁମର ଜ୍ଞାନ ବ୍ୟବହାର କଲ ନାହିଁ । କାହିଁ ମୋ ମନ୍ଦ ଆହ୍ୱାନକୁ ଅଲ୍ଲାଃଙ୍କ ଉତମ ଓ ସତ୍‌ବାଣୀ ଉପରେ ଗୁରୁତ୍ୱ ଦେଲ । ତେଣୁ ଏବେ ତୁମେ କରିଥିବା ଅନୁଯାୟୀ ଦଣ୍ଡ ଭୋଗ କର । ମୋର ଏବେ ତୁମ ସହ କୌଣସି ସଂପର୍କ ନାହିଁ। ମୋର ଉଦ୍ଦେଶ୍ୟ କେବଳ ତୁମ ସହ ଶତ୍ରୁତା କରିବାର ଥିଲା । ଯାହାକି ମୁଁ କରିନେଲି । ଏବେ ନର୍କ କୁଣ୍ଡରେ ଜଳୁଥାଅ । ତେଣୁ ଏପରି ସଇତାନ ମଣିଷ ସହ ଶତ୍ରୁତା କରିଥାଏ ।

ପବିତ୍ର କୋରାନର ଅନେକ ସ୍ଥାନରେ ଅଲ୍ଲାଃ ସଇତାନର ଆକ୍ରମଣ,ପ୍ରବର୍ତନ ଓ ମନ୍ତ୍ରଣାରୁ ନିଜକୁ ରକ୍ଷା କରିବା ପାଇଁ ସଚେତନ କରାଇଛନ୍ତି । ଉପରୋକ୍ତ ପଙ୍କ୍ତିଂରେ ମଧ୍ୟ ଏହି ଶିକ୍ଷା ଦିଆଯାଇଛି କି ଅଲ୍ଲାଃ ଏହା ହିଁ କହିଲେ କି ସଇତାନ ସର୍ବଦା ମଣିଷ ପଛରେ ଲାଗି ରହିଛି । ଯେତେବେଳେ ସେ ଅଲ୍ଲାଃଙ୍କୁ କହିଲା କି ମୁଁ ମଣିଷର ଡ଼ାହାଣରେ ବି,ବାମରେ ବି, ଆଗରେ ବି ପଛରେ ବି ଆକ୍ରମଣ କରିବି । ତେଣୁ ସଇତାନ ଏପରି ଭାବେ ନିୟମିତ ଆକ୍ରମଣ କରିବାର ଥିଲା । ଏବଂ କରିଚାଲିଛି । ଏପରିକି ସଇତାନ ଏହା ମଧ୍ୟ କହୁଛି, ମୁଁ ସତ୍ ମାର୍ଗରେ ବସିପଡ଼ି ମଣିଷକୁ ଆକ୍ରମଣ କରିବି । ଏବେ ଜଣେ ମଣିଷ ଭାବୁଛି କି ସେ ସତ୍ ପଥରେ ଚାଲୁଛି। ଏବଂ ସେ ସଇତାନର ଆକ୍ରମଣରୁ ବଂଚିଗଲା । କିନ୍ତୁ ଏପରି ଧାରଣା ତାର ଭୁଲ ହୋଇଥାଏ । ଯେଉଁମାନଙ୍କ ଉପରେ ଅଲ୍ଲାଃତାଲାଙ୍କ ପ୍ରକୋପ ବର୍ଷଣ ହୋଇଥିଲା,ଯେଉଁମାନେ ବିପଥଗାମୀ ହେଲେ । ସେମାନେ ତ ପ୍ରଥମେ ସତ୍‌ମାର୍ଗରେ ପରିଚାଳିତ ହେଉଥିଲେ । ସେମାନେ ତ ହଜରତ ମୁଷା[ଅ.ସ]ଙ୍କୁ ମାନିବାବାଲା ଥିଲେ । ପୁଣି ହଜରତ ଈଶା[ଅ.ସ]ଙ୍କୁ ବି ମାନିବାବାଲା ଥିଲେ। କିନ୍ତୁ ବିପଥଗାମୀ ଏବଂ ଅନେକେଶ୍ୱରବାଦର ବଶବର୍ତୀ ହୋଇଗଲେ । ହଜରତ ମୁହମ୍ମଦ[ସ.ଅ]ଙ୍କ ଅମାନ୍ୟକାରୀ ହୋଇଗଲେ । ତେଣୁ ଅଲ୍ଲାଃତାଲା କହିଲେ କି ମଣିଷ ଯେତେବେଳେ ବିଶ୍ୱାସ ଆଣି ନେଇଥାଏ, ତେବେ ବି ସଇତାନ ତାର ପଛ ଛାଡ଼ି ନଥାଏ । ଏବଂ ତାକୁ ପଥଭ୍ରଷ୍ଟ କରାଇଥାଏ । ଅନେକ ଲୋକମାନେ ତାର ବଶବର୍ତୀ ହୋଇ ବିପଥଗାମୀ ହୋଇଯାଇଥାନ୍ତି । ଏପରି କି ମୁସଲମାନ କୁହାଇବାବାଲା ବି ବିଧର୍ମୀ ଓ ବିପଥଗାମୀ ହୋଇଯାଇଥାନ୍ତି । ତେଣୁ ଏହା ବହୁତ ବଡ଼ ସଇତାନି ବିପଦ । ଏହା ଅଲ୍ଲାଃତାଲାଙ୍କର ବିଶେଷ କରୁଣା ହିଁ ଅଟେ ଯାହା ମଣିଷକୁ ସେହି ବଡ଼ ବିପଦରୁ ରକ୍ଷା କରିପାରିବ । ଏବଂ ରକ୍ଷା ମଧ୍ୟ କରିଥାଏ ।

ଅଲ୍ଲାଃତାଲା ଉକ୍ତ ଆୟତର ଶେଷରେ ମୋମିନମାନଙ୍କୁ ଏହି ଶବ୍ଦ ସହ ଧୈର୍ଯ୍ୟ ଦେଇଛନ୍ତି କି ଅଲ୍ଲାଃତାଲା ଶ୍ରୋତା । ସେ ଶୁଣିବାବାଲା । ତେଣୁ ତାଙ୍କର ହିଁ ଉପାସନା କର । ତାଙ୍କ ନିକଟରେ ଦଣ୍ଡାୟମାନ ହୋଇ ଅନବରତ ପ୍ରାର୍ଥନା କର । ସେ ହିଁ ସର୍ବଜ୍ଞ, ନିଜ ଭକ୍ତର ଅବସ୍ଥା ସହ ଭଲ ଭାବେ ପରିଚିତ । ଯେତେବେଳେ ସେ ପରିଲକ୍ଷିତ କରିବେ ଯେ ମୋ ଭକ୍ତ ଶ୍ରଦ୍ଧାର ସହ ମୋ ନିକଟରେ ଅନବରତ ପ୍ରାର୍ଥନା ଓ ଦୁଆ କରିଚାଲିଛି । ଏଥିରେ ଅଲ୍ଲାଃ ପ୍ରଶନ୍ନ

ହୋଇ ତାହାକୁ ଏପରି ବିଶ୍ୱାସର ଶକ୍ତି ପ୍ରଦାନ କରିଥାନ୍ତି ଯଦ୍ୱାରା ସେ ସଇତାନର ସମସ୍ତ ପ୍ରକାରର ଆକ୍ରମଣରୁ ସୁରକ୍ଷିତ ରହିବ । ପୁଣ୍ୟର ସ୍ତରକୁ ଉଚ୍ଚରୁ ଉଚ୍ଚ ସ୍ତର କରିବାର ସୌଭାଗ୍ୟ ମଳିଯିବ । ମନ୍ଦକର୍ମରୁ ନିବୃତ ରହିବାର ଶକ୍ତି ପ୍ରାପ୍ତ ହୋଇଯିବ ।

ତେଣୁ ଯେତେବେଳେ ସଇତାନ କହିଥିଲା କି ତୋର ପ୍ରିୟ ଭକ୍ତଙ୍କ ବ୍ୟତୀତ ସମସ୍ତେ ମୋ ପଛରେ ଚାଲିବେ । ତେବେ ଜଣେ ଜ୍ଞାନ ରଖିବାବାଲା ମଣିଷକୁ ଚିନ୍ତା କରିବା ଆବଶ୍ୟକ । ଜଣେ ପ୍ରକୃତ ମୋମିନକୁ ଚିନ୍ତା କରିବା ଆବଶ୍ୟକ ଯେ ନିଷ୍ପାପର ଭକ୍ତ କିପରି ହେବା । ଏପରି ନିଷ୍ପାପର ଭକ୍ତ ନିମନ୍ତେ ଅଲ୍ଲାଃ ଉକ୍ତ ଆୟତରେ ଏକ ସୁତ୍ର ବତାଇଛନ୍ତି କି ଅଶ୍ଳୀଳ ଓ ଅଶୋଭନୀୟ କାର୍ଯ୍ୟରୁ ନିବୃତ ରୁହ କାରଣ ଏସବୁ ଅଲ୍ଲାଃ ପସନ୍ଦ କରନ୍ତି ନାହିଁ ଏବଂ ଯେ କେହି ଏପରି ଅପକର୍ମରୁ ନିବୃତ ରହିବ, ଅଲ୍ଲାଃଙ୍କ କୃପା ଲାଭ କରି ପବିତ୍ର ହୋଇଯିବ । ପୁଣି ଏପରି ପବିତ୍ର ଲୋକମାନଙ୍କ ନିକଟରେ ସଇତାନ କଦାପି ପ୍ରବେଶ କରିପାରି ନଥାଏ ।

ଏକଥା ଆମକୁ ସର୍ବଦା ମନେରଖିବା ଉଚିତ ଯେ ସଇତାନ କଦାପି ଆକସ୍ମିକ ଭାବରେ ଆକ୍ରମଣ କରି ନଥାଏ ବରଂ ଧୀରେ ଧୀରେ ପ୍ରବେଶ କରିଥାଏ । ଯେପରି ମଣିଷ ହୃଦୟରେ ଏକ ଛୋଟ ମନ୍ଦ ଭାବନା ଜାଗ୍ରତ କରି କହିଥାଏ କି "ଏଇବା କୋଉ ବଡ ପାପ ଯେ" କ୍ରମଶଃ ଏହି ଛୋଟ ଛୋଟ ପାପ ବଡ ବଡ ପାପ କରିବାକୁ ପ୍ରୋତ୍ସାହିତ କରିଥାନ୍ତି । ଜରୁରୀ ନୁହେଁ ଯେ ଡକାୟତି କିମ୍ବା ହତ୍ୟା ଆଦିକୁ ପାପ କହିବା ବରଂ ଯେଉଁ ସବୁ କାର୍ଯ୍ୟ ଦ୍ୱାରା ପରିବେଶର ଶାନ୍ତି ଭଙ୍ଗ ହୋଇଥାଏ । ସେ ସବୁ ବଡ଼ ପାପ ଅଟେ । କାରଣ ଏପରି ବ୍ୟକ୍ତି ନିଜର ହିତାହିତ ଜ୍ଞାନ ହରାଇ ବସିଥାଏ । ତେଣୁ ଅଲ୍ଲାଃତାଲା କହିଲେ, ଯଦି ପବିତ୍ର ହେବାକୁ ଚାହୁଁଛ, ଯଦି ଅଲ୍ଲାଃଙ୍କ ପ୍ରଶନ୍ନତା ହାସଲ କରିବାକୁ ଚାହୁଁଛ,ଯେଉଁଠି ନିୟମିତ ଭାବେ ମନ୍ଦକର୍ମରୁ ନିବୃତ ରହିବା ସହ ସଇତାନର ପଥରେ ଚାଲିବାରୁ ବଂଚିବାକୁ ହେବ,ସେଠି ନିୟମିତ ଭାବେ ଅଲ୍ଲାଃଙ୍କ ଶରଣରେ ଆସି ପବିତ୍ର ହେବା ପାଇଁ ଚେଷ୍ଟା କରିବା ମଧ୍ୟ ଜରୁରୀ ଅଟେ । ନିୟମିତତା ଭାବେ ଏବଂ ସର୍ବଦା ଅଲ୍ଲାଃଙ୍କୁ ଡ଼ାକିବା ଏବଂ ତା ଠାରୁ ସାହାଯ୍ୟ ଭିକ୍ଷା କରିବା ବି ନିତ୍ୟାନ୍ତ ଆବଶ୍ୟକ । ଏହା ବ୍ୟତୀତ ମଣିଷ ସଇତାନର ଆକ୍ରମଣରୁ ବଂଚି ପାରିନଥାଏ । ଏବେ ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କ କେତେକ ଉଦ୍ଧୃତାଂଶ ଉପସ୍ଥାପନ କରୁଛି । କେତେକ ଲୋକଙ୍କ ମନରେ ପ୍ରଶ୍ନ ଉଠିଥାଏ କି ଅଲ୍ଲାଃତାଲା ସଇତାନକୁ ସୃଷ୍ଟି ହିଁ କାହିଁ କଲେ ? ପ୍ରଥମ ଦିନ ହିଁ ତାହାର ଅମାନ୍ୟ କରିବାର ପ୍ରତିଫଳ ସ୍ୱରୂପ ବିନାଶ କାହିଁକି କରିଦେଲେ ନାହିଁ । ଏପରି ହୋଇଥିଲେ କେତେ ଭଲ ହୋଇଥାନ୍ତା, ସଂସାରରେ ଅନ୍ୟାୟ,ଅତ୍ୟାଚାର,ଅଶାନ୍ତି ହିଁ ଦେଖାଦେଇ ନଥାନ୍ତା ।

ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ[ଆ.ସ] କୁହନ୍ତି–ଏକଥା ସମସ୍ତେ ସ୍ୱୀକାର କରିଥାନ୍ତି ଯେ ପ୍ରତ୍ୟେକ ମଣିଷ ମଧ୍ୟରେ ଦୁଇ ପ୍ରକାର ଆକର୍ଷଣ ରହିଛି । ଗୋଟିଏ ତାକୁ ସତ୍‌କର୍ମ କରିବାକୁ ଆକର୍ଷିତ କରିଥାଏ । ଅନ୍ୟଟି ଅପକର୍ମ କରିବାକୁ । ଯେମିତିକି ସେ ଅନୁଭବ କରିଥାଏ କି କେହି ଜଣେ ତାକୁ ଅପକର୍ମ କରିବାକୁ ଟାଣି ନେଉଛି ଏବଂ ଏଥିପାଇଁ ତାମନରେ ପ୍ରବଳ ଇଚ୍ଛା ଜାଗ୍ରତ ହୋଇଥାଏ । ପୁଣି କେତେବେଳେ ଅପକର୍ମ କରି ବେଶ ଅନୁତପ୍ତ ଓ ପତିତ ମନେକରି, ସତକର୍ମ କରିବାକୁ ମନ ବଳାଇଥାଏ । ଯେପରି ଜଣେ କାହାରିକୁ ଗାଳିଗୁଲଜ ଓ କଷ୍ଟ ଦେଇ ଦୁଃଖ ପ୍ରକାଶ କରେ କି ଏସବୁ ମୁଁ ଠିକ୍ କଲି ନାହିଁ ତେଣୁ ସେ ଉକ୍ତ ବ୍ୟକ୍ତିକୁ କ୍ଷମା ମାଗି ତାହା ସହ ଉତମ ବ୍ୟବହାର କରିଥାଏ । (କୁକର୍ମର ତାକୁ ଅନୁଭବ ହୋଇଥିଲେ ସେ କହିଥାଏ )ତେଣୁ ଉକ୍ତ ଦୁଇ ପ୍ରକାରର ଶକ୍ତି ପ୍ରତ୍ୟେକ ମନୁଷ୍ୟ ଠାରେ ଦେଖା ଯାଇଥାଏ । (ମଣିଷର ଏହା ପ୍ରକୃତି ଅଟେ ଯାହା ଅଲ୍ଲାଃତାଲା ଗଢିଛନ୍ତି )ଏବଂ ଇସଲାମୀ ଶରିୟତ ସତ୍‌କର୍ମ ଶକ୍ତିର ନାମ 'ଲିମ୍ମାଏ ମଲକ୍'ରଖିଛି । ଏବଂ କୁକର୍ମ ଶକ୍ତିର ନାମକୁ 'ଲିମ୍ମାଏ ଶୈତାନ୍' ବୋଲି ଆଖ୍ୟା ଦେଇଛି । ଆପଣ କୁହନ୍ତି, ଦାର୍ଶନିକ ଲୋକମାନେ କେବଳ ସେ ପର୍ଯ୍ୟନ୍ତ ମାନ୍ୟତା ଦେଇଥାନ୍ତି କି ଉକ୍ତ ଦୁଇଗୋଟି ଶକ୍ତି ପ୍ରତ୍ୟେକ ମଣିଷ ମଧ୍ୟରେ ନିହିତ ଅଛି । (ଅର୍ଥାତ୍ କୁକର୍ମ ଏବଂ ସତ୍ କର୍ମର ଶକ୍ତି । କିନ୍ତୁ ଇସଲାମୀୟ ବିଧାନରେ ସତ୍ କର୍ମର ଯେଉଁ ଶକ୍ତି ଅଛି ତାକୁ 'ଲିମ୍ମାଏ ମଲକ୍'ର ନାମ ଦିଆଯାଇଛି । ଏବଂ କୁକର୍ମକୁ 'ଲିମ୍ମାଏ ଶୈତାନ୍'ର ନାମ ଦିଆଯାଇଛି ।) ଆପଣ କୁହନ୍ତି, ଦାର୍ଶନିକ ଲୋକମାନେ କେବଳ ସେ ପର୍ଯ୍ୟନ୍ତ ମାନ୍ୟତା ଦେଇଥାନ୍ତି କି ଉକ୍ତ ଦୁଇଗୋଟି ଶକ୍ତି ପ୍ରତ୍ୟେକ ମଣିଷ ମଧ୍ୟରେ ନିହିତ ଅଛି । କିନ୍ତୁ ଅଲ୍ଲାଃ ଯେକି ସବୁ କିଛି ଦେଖୁଛି,ଗୁପ୍ତତଥ୍ୟକୁ ପ୍ରକାଶ କରିଥାଏ । (ବହୁ ଦୂର ଏବଂ ଗୁପ୍ତ ଭେଦକୁ ମଧ୍ୟ ଜଣାଇ ଦେଇଥାଏ । )ତଥା ସୁକ୍ଷ୍ମ ଓ ଗୁପ୍ତ ତଥ୍ୟର ସୂଚନା ଦେଇଥାଏ । ସେ ଉକ୍ତ ଦୁଇଗୋଟି ଶକ୍ତିକୁ ସୃଷ୍ଟଜ ବୋଲି ଆଖ୍ୟା ଦେଇଛି । ଯେ ସତ୍ କର୍ମ କରିବାକୁ ପ୍ରେରଣା ଦେଇଥାଏ ତା'ର ନାମ ଫରିସ୍ତା ଏବଂ ପବିତ୍ରାତ୍ମା ଦେଇଛି । ଏବଂ ଯେ କୁକର୍ମ କରିବାର ପ୍ରେରଣା ଦେଇଥାଏ ତା'ର ନାମ ସଇତାନ ଏବଂ ଇବ୍‌ଲିସ୍ ଆଖ୍ୟା ଦେଇଛି । କୁହନ୍ତି ଯେ କିନ୍ତୁ ପୁରାତନ ଜ୍ଞାନୀ,ଗୁଣୀ ଏବଂ ଦର୍ଶନଶାସ୍ତ୍ରୀମାନେ ଏହା ଗ୍ରହଣ କରିନେଇଛନ୍ତି ଯେ ପ୍ରେରଣା ସୃଷ୍ଟି କରିବା ବିଷୟ ଅଯଥା ଏବଂ ନିରର୍ଥକ ନୁହେଁ ।

ଅର୍ଥାତ୍ ଏହା ଅବାନ୍ତର କଥା ନୁହେଁ । ସେମାନେ ଏହାକୁ ମାନୁଛନ୍ତି ଯେ ଏହା ଏକ ସତ୍ୟ କଥା ଯେ ମଣିଷ ମନରେ କୁକର୍ମ କରିବାର ଶକ୍ତି ଜନ୍ମୁଛି ଅଥବା ପ୍ରେରଣା ସୃଷ୍ଟି ହେଉଛି ତଥା ସତ୍ କର୍ମ କରିବାର ପ୍ରେରଣା ମଧ୍ୟ ସୃଷ୍ଟି ହେଉଛି । ପୁଣି ଆପଣ ଏହାର ସ୍ୱଷ୍ଟିକରଣ କରି କହିଲେ, ''ଉକ୍ତ ଦୁଇଗୋଟି ଶକ୍ତି ପ୍ରତ୍ୟେକ ମଣିଷ ମଧ୍ୟରେ ନିହିତ ଅଛି । ତୁମେ ତାକୁ ଦୁଇଗୋଟି ଶକ୍ତି କୁହ ଅଥବା ପବିତ୍ରାତ୍ମା ଏବଂ ସଇତାନ ନାମ ରଖ । କିନ୍ତୁ ଯାହା ହେଉବା ନାକାହିଁକି ତୁମେ ଉକ୍ତ ଦୁଇଗୋଟି ଅବସ୍ଥାର ସତ୍ୟତାକୁ ଭୁଲାଇ ପାରିବ ନାହିଁ । ସେମାନଙ୍କୁ ସୃଷ୍ଟି କରିବାର ଉଦ୍ଦେଶ୍ୟ ହେଲା ମଣିଷ ନିଜ ସତ୍ କର୍ମର ଫଳ ପାଇବାର ଯୋଗ୍ୟ ହୋଇପାରବ । କାରଣ ଯଦି ମଣିଷର ସୃଷ୍ଟି କେବଳ ସତ୍ କର୍ମ କରିବା ହିଁ ହୋଇଥାନ୍ତା ଏବଂ କୁକର୍ମରୁ ତାକୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଦିଆଯାଇଥାନ୍ତା,ତେବେ ଏପରି ଅବସ୍ଥାରେ ତା ସତ୍‌କର୍ମର ତିଳେ ହେଲେ ପୂଣ୍ୟ ମିଳି ପାରିନଥାନ୍ତା । କିନ୍ତୁ ଯେତେବେଳେ ସ୍ୱଭାବରେ ଏହି ଉଭୟ କାର୍ଯ୍ୟ ପ୍ରତି ଆଶକ୍ତି ଭାବ ରହିଛି ସେତେବେଳେ ସତ୍‌କର୍ମ ପ୍ରତି ଆକର୍ଷିତ ହେବାର ସୁଫଳ ମଧ୍ୟ ମିଳିଥାଏ । ''

ଆପଣ କୁହନ୍ତି ନିଃସନ୍ଦେହ ମଣିଷ ହୃଦୟରେ ଏହି ଉଭୟ କିସମ ଅର୍ଥାତ କୁକର୍ମ ଓ ସତ୍‌କର୍ମ ନିମନ୍ତେ ଭାବନା ଜାଗ୍ରତ ହୋଇଥାଏ କିନ୍ତୁ କେହି ନିଜ ଜନ୍ମ ହେବା ସହ ଏହା ସାଥିରେ ନେଇ ଆସିନଥାଏ । (ଅର୍ଥାତ୍ ଜନ୍ମ ହେବା ସମୟରେ ଏହା ମଣିଷ ସହ ଜନ୍ମି ନଥିଲା । ) କାରଣ ଏହା ପରସ୍ପର ଅଲଗା । (ନିଜ ମଧ୍ୟରେ ପାର୍ଥକ୍ୟ ରହିଛି । କୁକର୍ମ ଏବଂ ସତ୍ କର୍ମ ମଧ୍ୟରେ ପ୍ରଭେଦ ରହିଛି । ଏବଂ ମଣିଷର ତା'ଉପରେ କୌଣସି ଜୋର ରହିନଥାଏ । ଏଥିରୁ ସାବ୍ୟସ୍ତ ହେଲା କି ଏଦୁଇ ଗୋଟି ଭାବନା ବାହାରୁ ଆସିଥାଏ । (ସତ୍ କର୍ମ ଏବଂ କୁକର୍ମର ପ୍ରଭାବ ମଣିଷ ମଧ୍ୟରେ ବାହାରୁ ପ୍ରବେଶ କରିଥାଏ । ଛୁଆ ମଧ୍ୟ ଯେତେବେଳେ ଧୀରେ ଧୀରେ ସତ୍ କର୍ମରେ ଅଗ୍ରସର ହୋଇଥାଏ ଅଥବା କୁକର୍ମରେ ବଢିଥାଏ ସେ ସମୟରେ ତାର ପ୍ରଭାବ ବାହାରୁ ପଡ଼ିଥାଏ । ) କୁହନ୍ତି;ମଣିଷର ସଂପୂର୍ଣ୍ଣତା ତାହାରି ଉପରେ ଆଧାରିତ । ଆଚମ୍ବିତ କଥା ଏହା ଯେ ସେହି ଦୁଇ ଗୋଟି ଅସ୍ତିତ୍ୱ ଅର୍ଥାତ୍ ଫରିସ୍ତା ଏବଂ ସଇତାନର ଉଲ୍ଲେଖ ହିନ୍ଦୁ ପୁସ୍ତକମାନଙ୍କରେ ହୋଇଛି ଏବଂ ପାରସୀ ଧର୍ମାବଲମ୍ବୀ (ଅର୍ଥାତ୍ ଅଗ୍ନି ପୂଜକ)ମାନେ ମଧ୍ୟ ଏହାକୁ ସ୍ୱୀକାର କରନ୍ତି ବରଂ ସଂସାରରେ ଅଲ୍ଲାଃଙ୍କ ତରଫରୁ ଯେତେ ବି ଧର୍ମ ପୁସ୍ତକ ଅବତୀର୍ଣ୍ଣ ହୋଇଛି ସେ ସବୁରେ ମଧ୍ୟ ଉକ୍ତ ଅସ୍ତିତ୍ୱର ପ୍ରମାଣ ମୁଳୁଛି । ଏହାପରେ ଅଭିଯୋଗ କରିବାଟା କେବଳ ଅଜ୍ଞତା ଓ ଶତ୍ରୁତା ହେବ । ଏବଂ ଉତରରେ ଏତିକି ଲେଥିବା ଆବଶ୍ୟକ ହେବ ଯେ ଯେଉଁ ବ୍ୟକ୍ତି କୁକର୍ମ ଏବଂ ଦୁଷ୍କର୍ମରୁ ନିବୃତ ହୋଇ ନଥାଏ, ସେ ନିଜେ ସଇତାନ ବିବେଚିତ ହୋଇଯାଇଥାଏ । ଯେପରି ଅଲ୍ଲାଃତାଲା କୁହନ୍ତି; ମନୁଷ୍ୟ ବି ସଇତାନ ହୋଇଯାଇଥାନ୍ତି । ଏବଂ ଏପରି ପରିସ୍ଥିତିରେ ଅଲ୍ଲାଃତାଲା ତାକୁ କାହିଁକି ଦଣ୍ଡ ଦେଇନଥାଏ । (ଏବେ ପ୍ରଶ୍ନ ଏହା ଉଠୁଛି ଯେ ଯେବେ ସଇତାନ ହୋଇଗଲା ତେବେ ଏପରି ଲୋକମାନଙ୍କୁ ଦଣ୍ଡ କାହିଁକି ଦିଆ ଯାଇନଥାଏ ?) ଏହାର ଉତର ହେଲା ସଇତାନକୁ ଦଣ୍ଡ ଦେବା ପାଇଁ ପବିତ୍ର କୋରାନରେ ପ୍ରତିଶ୍ରୁତିର ଦିବସ ଧାର୍ଯ୍ୟ କରାଯାଇଛି । ତେଣୁ ଉକ୍ତ ପ୍ରତିଶ୍ରୁତ ଦିବସକୁ ଅପେକ୍ଷା କରି ରହିବା ଉଚିତ୍ । (ଅଲ୍ଲାଃତାଲା ପବିତ୍ର କୋରାନରେ ବର୍ଣ୍ଣନା କରନ୍ତି; ମୁଁ ନିଶ୍ଚିତ ଦଣ୍ଡ ଦେବି । ଇହ କାଳରେ । ବା ପର କାଳରେ ଯେବେ ବି ଧାର୍ଯ୍ୟ କରାଯାଇଛି ଦଣ୍ଡ ମିଳିଯିବ । ) କେତେକ ସଇତାନ ଅଲ୍ଲାଃଙ୍କ ହସ୍ତରୁ ଦଣ୍ଡିତ ହୋଇଛନ୍ତି , ଏବଂ କେତେକ ଦଣ୍ଡ ପାଇବେ ।

**(ଚଶ୍‌ମାଏ ମାରିଫତ୍, ରୁହାନୀ ଖଜାଏନ୍, ଖଣ୍ଡ-୨୩,ପୃଷ୍ଠା- ୨୯୩-୨୯୪)**

ପୁଣି ଏ କଥାକୁ ବର୍ଣ୍ଣନା କରି କି ସଇତାନ କେଉଁ କେଉଁ ମନ୍ଦକର୍ମ ପ୍ରତି ପ୍ରଲୋଭିତ କରିଥାଏ ଏବଂ କେଉଁମାନେ ତାହାର ଅନୁସରଣ କରିଥାନ୍ତି,ପୁଣି କିପରି ଜଣେ ନିଜକୁ ସଇତାନ କବଳରୁ ରକ୍ଷା କରିବ ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ[ଆ.ସ] କୁହନ୍ତି– ସଇତାନ ମଣିଷକୁ ଅତ୍ୟାଚାର,ମିଥ୍ୟା, ହତ୍ୟା ଓ ଲୋକଦେଖାଣିଆ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ । କିନ୍ତୁ ଏହା ପରିବର୍ତେ ଅଲ୍ଲାଃ ଉତମ ଚରିତ୍ର,ଧୈର୍ଯ୍ୟ, ନିଷ୍ପାପର ବିଶ୍ୱାସ ଏବଂ ଈଶ୍ୱର ମଧ୍ୟରେ ଲୀନ ହେବାର ଡାକରା ଦେଇଥାନ୍ତି । ଗୋଟିଏ ପାର୍ଶ୍ୱରୁ ସଇତାନ ଓ ଅନ୍ୟ ପାର୍ଶ୍ୱରୁ ଅଲ୍ଲାଃତାଲାଙ୍କ ଡାକରା ଆସିଥାଏ । ଅତଏବ ଏହି ଉଭୟ କିସମର ଶକ୍ତି ପ୍ରତ୍ୟେକଙ୍କୁ ଆକର୍ଷିତ କରିଥାଏ । ଯେ ପବିତ୍ର ସ୍ୱଭାବର ହୋଇଥାଏ ସେ ସୌଭାଗ୍ୟ ବଶତଃ ସଇତାନର ସମସ୍ତ ପ୍ରକାରର ଉପାୟ ଓ ଆକ୍ରମଣରୁ ରକ୍ଷା ପାଇ ଅଲ୍ଲାଃଙ୍କ ଶରଣାଗତ ହୋଇଥାଏ ଏବଂ ଅଲ୍ଲାଃଙ୍କ ଶରଣରେ ନିଜର ଆତ୍ମ ଶାନ୍ତି ଓ ଆତ୍ମ ତୃପ୍ତି ପାଇଥାଏ । (ଅର୍ଥାତ୍ ପୁଣି ଯେଉଁଭଳି ବି ଇଚ୍ଛା ସେ ଡ଼ାକିଥାଏ ଯାହା ମଧ୍ୟରେ ଅଲ୍ଲାଃତାଲା ସୌଭାଗ୍ୟର ବୀଜ ରଖିଥାଏ ସେ ତାର ସୌଭାଗ୍ୟ ବଳରୁ ଏବଂ ତା ସମୃଦ୍ଧିରୁ ସେ ଅଲ୍ଲାଃଙ୍କ ଆଡ଼କୁ ଢଳିଥାଏ । ଯଦ୍ୱାରା ଅଲ୍ଲାଃତାଲା ତାକୁ ଏତିକି ତ ସୁଯୋଗ ଦେଇ ଦେଇଥାଏ କି ସେ ସଇତାନ ଆଡ଼କୁ ଦୌଡ଼ିବା ପରିବର୍ତେ ଅଲ୍ଲାଃତାଲା ଆଡ଼କୁ ଦୌଡ଼ି ଆସିଥାଏ । ଏବଂ ଅଲ୍ଲାଃଙ୍କ ଠାରେ ହିଁ ନିଜ ସୁଖ ଶାନ୍ତିକୁ ପାଇଥାଏ ।

ପୁଣି ଆପଣ ଆହୁରି କୁହନ୍ତି ଯେ କୌଣସି ଜିନିଷର ପ୍ରମାଣ ନ ପାଇଲାଯାଏ ତାହାର ଅସ୍ତିତ୍ୱ ସମ୍ବନ୍ଧରେ ବିଶ୍ୱାସ କରାଯାଇ ନଥାଏ । ଦେଖନ୍ତୁ ଔଷଧର ଚିହ୍ନଟ ଡ଼ାକ୍ତର କରିଥାଏ । ପ୍ରତ୍ୟେକ ଜିନିଷର କିଛି ଲକ୍ଷଣ ଥାଏ ଯେଉଁ ପର୍ଯ୍ୟନ୍ତ ସେହି ଜିନିଷର ଲକ୍ଷଣ ମିଳିନଥାଏ, ତାହା ଭରସା ଯୋଗ୍ୟ ହୋଇନଥାଏ । ଦେଖନ୍ତୁ ଜିନିଷ ଗୁଡିକୁ ବଇଦ ଚିହ୍ନି ନେଇଥାଏ । ବନପଶାଁ, ଖିୟାରେ, ଶମ୍ବର, ତର୍‌ବୁଦ୍ ଆଦି (ଫଳମୂଳ ଓ ଚେରମୂଳି ଗୁଡିକରେ) ଔଷଧୀୟ ଗୁଣ ମିଳିଥାଏ – ଯାହା ବହୁତ ଗବେଷଣା ଦ୍ୱାରା ଜଣାଯାଇଛି କି ସମସ୍ତ ଗୁଣ ସେହି ଫଳ ମୂଳରେ ନିହିତ ଅଛି ଏବଂ କେତେକ ରୋଗ ମଧ୍ୟ ଏହାଦ୍ୱାରା ଆରୋଗ୍ୟ ସାଧନ ହୋଇ ଥାଏ । ଯଦି ଜଣାଯାଏ ଯେ ଏହିଗୁଣ ଗୁଡିକ ନାହିଁ) ତେବେ ଡାକ୍ତର ସେ ଗୁଡିକୁ ଫିଙ୍ଗି ଦେଇଥାଏ । ଏହିପରି ଇମାନର (ବିଶ୍ୱାସର) ଲକ୍ଷଣ ମାନ ମଧ୍ୟ ରହିଛି । ଅଲ୍ଲାଃ ତାହା ବାରମ୍ବାର ନିଜ ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଏହା ସତ ଯେ, ଯେବେ ଇମାନ୍ (ବିଶ୍ୱାସ) ମଣିଷ ନିକଟରେ ପ୍ରବେଶ କରେ ତା ସହିତ ଅଲ୍ଲାଃତାଲାଙ୍କର ଅଜ୍‌ମତ୍ (ଉତ୍କୃଷ୍ଟତା, ଶ୍ରେଷ୍ଠତା) ଅର୍ଥାତ ଜଲାଲ, (ମହିମା, ଗୌରବ), କୁଦ୍ଦୁସ୍(ପବିତ୍ରତା, ଶୁଦ୍ଧତା) ମହାନତା, କୁଦ୍‌ରତ(କ୍ଷମତା) ଏବଂ ସବୁଠାରୁ ବଳି 'ଲାଏଲାହା ଇଲ୍ଲଲ୍‌ଲାହ'ର ପ୍ରକୃତ ଅର୍ଥ ପ୍ରବେଶ

କରିଥାଏ । ପରିଶେଷରେ ଅଲ୍ଲାଃତାଲା ତା ଭିତରେ ନିବାସ କରିଥାଏ ଏବଂ ସଇତାନି ଜୀବନ ଉପରେ ଏକ ମୃତ୍ୟୁ ଆସିଥାଏ ଏବଂ ପାପ ପ୍ରକୃତି ନଷ୍ଟ ହୋଇ ଯାଇଥାଏ । ଏହା ପ୍ରକୃତିର ସେହି ଭାଗ୍ୟ ଅଟେ ଯେ ଯଦି ଠିକ୍ ଇମାନ୍ ଅଛି ତେବେ ପାପର ପ୍ରକୃତି ଶେଷ ହୋଇଯାଏ) "ଏହି ସମୟରେ ଏକ ନୂଆ ଜୀବନର ଆରମ୍ଭ ହୋଇଥାଏ ଏବଂ ଏହା ଆଧ୍ମିକ ଜୀବନ ହୋଇଥାଏ । କିମ୍ବା ଏପରି କହିପାରିବା ଯେ ସ୍ୱର୍ଗୀୟ ଜନ୍ମର ପ୍ରଥମ ଦିନ ତାହା ହୋଇଥାଏ ଯେବେ ସଇତାନି ଜୀବନର ମୃତ୍ୟୁ ହୋଇଥାଏ ଏବଂ ଆଧ୍ୟାତ୍ମିକ ଜୀବନର ଜନ୍ମ ହୋଇଥାଏ ।"(

**ମୁଲଫୁଜାତ୍,ଖଣ୍ଡ-୨, ପୃଷ୍ଠା -୧୬,ସଂସ୍କରଣ ୧୯୮୫ )**

ତେବେ ଏହି ହିଁ ସେହି ପ୍ରକୃତ ସମୟ ଅଟେ ଯେତେବେଳେ ମଣିଷ ଅଲ୍ଲାଃଙ୍କର ହୋଇଯାଇଥାଏ ।

ପୁଣି ଗର୍ବ ଏବଂ ସଇତାନ ସମ୍ବନ୍ଧରେ ହଜରତ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରୁଛନ୍ତି ।

"ସର୍ବପ୍ରଥମ ଆଦମ ମଧ୍ୟ ପାପ କରିଥିଲା । (ଧାର୍ମିକ ଇତିହାସରେ ଆଦମର ପାପ ସମ୍ବନ୍ଧରେ ବର୍ଣ୍ଣନା ଅଛି) ଏବଂ ସଇତାନର ମଧ୍ୟ । ପାପ ଦୁଇଟା ଥିଲା ଗୋଟିଏ ଆଦମ କରିଥିଲା ଓ ଗୋଟିଏ ସଇତାନ । କିନ୍ତୁ ଆଦମର ଗର୍ବ ନଥିଲା । ସେଥିପାଇଁ ଅଲ୍ଲାଙ୍କ ପାଖରେ ନିଜ ପାପକୁ ମାନିନେଲା । ଏବଂ ତାର ପାପ କ୍ଷମା କରିଦିଆଗଲା । ଏଥିରେ ମନୁଷ୍ୟ ପାଇଁ ତୋବା (ପ୍ରାୟଶ୍ଚିତ) କରି ପାପରୁ କ୍ଷମା ପାଇବାର ଆଶା ଅଛି ।" (ଗର୍ବ ନକରି, ପାପକୁ ସ୍ୱୀକାର କରି ମଣିଷ ପ୍ରାୟଶ୍ଚିତ କରୁ । ଅଲ୍ଲାଃତାଲାଙ୍କଠାରୁ କ୍ଷମା ଚାହୁଁ ତ କ୍ଷମା ପାଇବ ଏବଂ ଏହି ଆଶା ଜନ୍ମ ନେଇଥାଏ ଯେ ଅଲ୍ଲାତାଲା କ୍ଷମା ଦେବେ) । "କିନ୍ତୁ ସଇତାନ ଗର୍ବ କଲା ଓ ଅଭିଶପ୍ତ ହେଲା । ସେହି ଜିନିଷ ମନୁଷ୍ୟ ଭିତରେ ନାହିଁ ।।"( ଯାହାର ମନୁଷ୍ୟ ଭିତରେ ଶକ୍ତି ନାହିଁ) -ଆପଣ କହୁଛନ୍ତି । "ଗର୍ବିଲୋକ ତୁଚ୍ଛାରେ ନିଜପାଇଁ ଏହାର ଦାବି କରିବା ପାଇଁ ପ୍ରସ୍ତୁତ ହୋଇଯାଉଛି "ଏତେ ସାମର୍ଥ୍ୟ ତୁମ ପାଖରେ ନାହିଁ ଯେ ତୁମେ ଗର୍ବ କରିପାରିବ - କେଉଁ ପର୍ଯ୍ୟନ୍ତ ଯାଇପାରିବ ? କେତେ ଉଗ୍ର ହୋଇପାରିବ ? ଯଦି ତୁମର ଏତିକି ଶକ୍ତି ନାହିଁ ଯେ ତୁମେ ସବୁ କିଛି ପାଇପାରିବ ତା ହେଲେ ଗର୍ବ କଣ ପାଇଁ ? କହିଲେ ଯେ- (ଗର୍ବି ଲୋକ ତୁଚ୍ଛାଟାରେ ନିଜ ପାଇଁ ଏହି ଜିନିଷର ଦାବି ପ୍ରସ୍ତୁତ କରିଦେଉଛି । ଯାହା ନିଜ ପାଖରେ ହିଁ ନାହିଁ ) "ଅବତାରଙ୍କ ନିକଟରେ ବହୁତ ଗୁଡିଏ ଯୋଗ୍ୟତା(ଭଲଗୁଣ) ଥାଏ । ସେଥିମଧ୍ୟରୁ ଗୋଟିଏ ସେମାନେ ନିଜକୁ ନ୍ୟୁନ ମନେ କରିଥାନ୍ତି ।" ସେମାନଙ୍କ ମଧ୍ୟରେ ନିଜସ୍ୱ କିଛି ନଥାଏ ସେମାନେ ନିଜ ଉପରେ ଏକ ମୃତ୍ୟୁକୁ ଆବୋରି ନେଇଥାନ୍ତି । ବଡ଼ିମା କେବଳ ଅଲ୍ଲାତାଲାଙ୍କ ପାଇଁ ଉଦ୍ଦିଷ୍ଟ । ଯେଉଁମାନେ ଗର୍ବ ନକରି ନମ୍ରତାର ସହିତ କାର୍ଯ୍ୟ କରନ୍ତି ସେମାନେ ନଷ୍ଟ ହୁଅନ୍ତି ନାହିଁ ।

**( ମଲ୍ଫୁଜାତ୍ , ଖଣ୍ଡ- ୯ , ପୃଷ୍ଠା -୨୮୧,୧୯୮୫ ସଂସ୍କରଣ ଲଣ୍ଡନ ମୁଦ୍ରିତ)**

ତେଣୁ ଗର୍ବ କରିବାରୁ ବଂଚିତ ରୁହ । ଏହା ସେହି ବିଶେଷତ୍ୱ ଅଟେ ଯାହାକୁ ମୋମିନ (ବିଶ୍ୱାସକାରୀ)ଙ୍କୁ ଧାରଣ କରିବାକୁ ପଡିବ । ନଚେତ ସେ ସଇତାନର ପାଦରେ ତାଳ ଦେଇ ପରିଚାଳିତ ହେବେ । ଗର୍ବକୁ ବେଳେ ବେଳେ ମଣିଷ କଳନା କରିପାରି ନଥାଏ । ସେଥିଯୋଗୁଁ ବହୁତ ସୁକ୍ଷ୍ମ ରୂପେ ନିଜର ସମୀକ୍ଷା କରିବା ଉଚିତ୍ ।

ସଇତାନ ମନୁଷ୍ୟକୁ କାବୁ କରିବା ପାଇଁ କିପରି ବାହାନା କରିଥାଏ ? ସେ ସମ୍ପର୍କରେ ଗୋଟିଏ ସ୍ଥାନରେ ହଜରତ୍ ମସିହ୍ ମଉଦ ଆ :ସ କହୁଛନ୍ତି ଯେ, ମନୁଷ୍ୟ ଏପରି କାର୍ଯ୍ୟ ନକରୁ ଯଦ୍ୱାରା ପାପ ହୁଏ । କହିଲେ ଯେ- "ଯଦି ମନୁଷ୍ୟର କର୍ମରୁ ପାପ ଦୂର ହୋଇଯାଏ"(ଅର୍ଥାତ୍ କୌଣସି କାମ ନକରୁ ଯାହା ପାପ କର୍ମ ଅଟେ କୌଣସି କାର୍ଯ୍ୟ ତାହାର ଏପରି ନହେଉ ଯାହାକୁ ପାପ ବୋଲି କୁହାଯାଇପାରିବ ) ତା'ହେଲେ ସଇତାନ ଚାହିଁଥାଏ । (ସଇତାନ କଣ ଚାହିଁଥାଏ) କି ଆଖିକାନ ନାକ ଆଦି ସମସ୍ତ ଅଙ୍ଗରେ ତା'ର ଆଧିପତ୍ୟ ରହୁ । ଯଦି ସ୍ୱଷ୍ଟ ରୂପେ ମଧ୍ୟ କୌଣସି କାର୍ଯ୍ୟ ପାପ ପରି ହୋଇନଥାଏ ତାହେଲେ ମଧ୍ୟ ସଇତାନର ଇଛା ଏହା ହୋଇଥାଏ ଯେ ମଣିଷର ଆଖିରେ ବସିଥାଉ, କାନରେ ବସିଥାଉ, ନାକରେ ବସିଥାଉ ଏବଂ ଯଦି ସେଥିରେ ତାକୁ ସଫଳତା ନ ମିଳେ ତେବେ ପୁଣି ସେ, ସେ ପର୍ଯ୍ୟନ୍ତ ଚେଷ୍ଟା କରିଥାଏ କି କିଛି ନୁହେଁ ତ ହୃଦୟ ଭିତରେ ପାପ ବସି ରହୁ । କିଛି ଲୋକ ପ୍ରତ୍ୟେକ୍ଷରେ ପାପ କରି ନଥାନ୍ତି, ବଡ ପାପ ବା ଛୋଟ ପାପ କରି ନଥାନ୍ତି । କେତେକଙ୍କ ପରିସ୍ଥିତିରେ (ଅବସ୍ଥାରେ) ଅବସର ମିଳି ନଥାଏ ବା କୌଣସି କାରଣରୁ ସୁଯୋଗ ମିଳି ନଥାଏ ବା କୌଣସି ଡର ଯୋଗୁଁ କରିନଥାନ୍ତି । ସାଧାରଣତଃ କର୍ମରେ କୌଣସି ପାପ ନାହିଁ କିନ୍ତୁ ସଇତାନ ପୁଣି ମଧ୍ୟ ଚେଷ୍ଟା କରି ଚାଲିଥାଏ ଯେ ଯଦି ଅଲ୍ଲାତାଲା ସହିତ ସମ୍ପର୍କ ନାହିଁ ତ କୌଣସି ନା କୌଣସି ଉପାୟରେ ସେ ତା ମଧ୍ୟରେ ପାପର ମଞ୍ଜି ରଖୁ ଏବଂ ତାର ମନରେ ବସି ରହୁ ।

କହିଲେ କି " ଯେପରି ସଇତାନ ନିଜର ଯୁଦ୍ଧକୁ ଶେଷ ସୀମା ପର୍ଯ୍ୟନ୍ତ ପହଁଚାଇ ଥାଏ କିନ୍ତୁ ଯେଉଁ ହୃଦୟରେ ଅଲ୍ଲାଙ୍କ ଭୟ ଥାଏ ସେଠି ସଇତାନର ଶାସନ ଚାଲିପାରେ ନାହିଁ ।"(ଯଦି ଅଲ୍ଲାଙ୍କ ଭୟ ଥାଏ ତାହେଲେ ମନରେ ପ୍ରଶ୍ନ ଉଠେନାହିଁ ଯେ ପାପର ମଞ୍ଜି ସଇତାନ ରଖିପାରିବ) । କହିଲେ ଯେ" ସଇତାନ ପରିଶେଷରେ ନିରାଶ ହୋଇଥାଏ ଏବଂ ଅଲଗା ହୋଇଯାଇଥାଏ । ଏବଂ ନିଜର ବଡିମାରେ ଅସଫଳ ହୋଇ ତାକୁ ନିଜର ବସ୍ତାନି ବାନ୍ଧିବାକୁ ପଡିଥାଏ ।" (ପୁଣି ବିଚରା ସେଠାରୁ ଚାଲିଯାଏ) ।

**(ମୁଲଫୁଜାତ୍ ,ଖଣ୍ଡ-୩ ପୃଷ୍ଠା-୪୦୧- ୪୦୨, ୧୯୮୫ ସଂସ୍କରଣ ଲଣ୍ଡନ )**

ଏଣୁ ପ୍ରକୃତ କଥା ଏହା ଅଟେ କି ଅଲ୍ଲାଙ୍କ ଭୟ ମନୁଷ୍ୟର ମନରେ ରହିବା ଉଚିତ । ଅଲ୍ଲାଃଙ୍କ ଭୟ ଦ୍ୱାରା ବହୁତ ଗୁଡିଏ କୁକର୍ମରୁ ମଣିଷ ବଂଚିଥାଏ । ଜଣେ ଚୋର ମଧ୍ୟ ଚୋରୀ କରିଥାଏ, ଯଦି ତାକୁ ଜଣାପଡେ ଯେ ଗୋଟିଏ ପିଲା ତାକୁ ଦେଖୁଛି ତେବେ ସେହି ପିଲାର ଭୟ ତାକୁ ଲାଗିରହିଥାଏ । ତେଣୁ ଯେ ପର୍ଯ୍ୟନ୍ତ ଆମେ ଆମ ମନରେ ଏହା ନଭାବିଥାଉ କିମ୍ବା କୌଣସି କାର୍ଯ୍ୟ କରିବା ସମୟରେ ବା ସବୁ ସମୟରେ ଏହା ଚିନ୍ତା ନ କରୁ ଯେ ଅଲ୍ଲାଃ ଆମର ସମସ୍ତ କାର୍ଯ୍ୟକୁ ଦେଖୁଛନ୍ତି ସେ ପର୍ଯ୍ୟନ୍ତ ମନୁଷ୍ୟ ପାପରୁ ବଂଚି ପାରିବ ନାହିଁ ।

ବେଳେ ବେଳେ ସଇତାନ ପୂଣ୍ୟର ଆଳ ଦେଖାଇ ନିଜ ପଛରେ ଚଲାଇଥାଏ - ଥରେ ଗୋଟିଏ ସଭାରେ ସ୍ୱର୍ଗବାଣୀ ଓ ମନର ଭ୍ରାନ୍ତି ବିଷୟରେ ଆଲୋଚନା ଚାଲିଥିଲା । ସ୍ୱର୍ଗବାଣୀ ବିଷୟରେ ଆଲୋଚନା ହେଉଥିଲା । ଯେ ଏହା ବହୁତ କଷ୍ଟସାଧ୍ୟ ଅଟେ । ହଜରତ୍ ମସିହ ମଉଦ୍ ଆ:ସ: କହୁଛନ୍ତି ଯେ - "କେତେ ଲୋକ ଆତ୍ମବାଣୀ (ହଦିସୁନ୍ ନଫସ୍) ଏବଂ ସଇତାନର ନିର୍ଦ୍ଦେଶକୁ ଦୈବିବାଣୀ ଠାରୁ ପୃଥକ କରି ପାରନ୍ତି ନାହିଁ । (ମନର କଥା ହୋଇଥାଏ, ସଇତାନର ନିର୍ଦ୍ଦେଶ ହୋଇଥାଏ , ଯାହାକୁ ସେ ଦୈବିବାଣୀ ବୋଲି ବିବେଚନା କରିଥାନ୍ତି) । " ଏବଂ ଧୋକା ଖାଇଥାନ୍ତି । "ଅଲ୍ଲାଙ୍କ ନିକଟରୁ ଆସୁଥିବା ବାଣୀ ଯଶଭରା ଏବଂ ଆନନ୍ଦଦାୟକ ଅଟେ । ହୃଦୟକୁ ଦୋହଲାଇ ଦେଇଥାଏ । ତାହା ଅଲ୍ଲାଃଙ୍କ ଆଙ୍ଗୁଳିରୁ ବାହାରିଥାଏ । ତାହାର ସମକକ୍ଷ କେହି ନାହିଁ । ତାହା ଇସ୍ପାତ ସଦୃଶ ବିରାଜମାନ ହୋଇ ଥାଏ । ଯେପରି ପବିତ୍ର କୋରାନର **(ସୁରା ମୋଜମ୍ମିଲ ଆୟତ ନମ୍ବର -୬)** ରେ ବର୍ଣ୍ଣିତ ଅଛି - "ଅର୍ଥାତ୍ ନିଶ୍ଚିତ ରୂପେ ଆମ୍ଭେ ତୁମ ଉପରେ ସ୍ୱର୍ଗବାଣୀ ଅବତିର୍ଣ୍ଣ କରିବୁ ଯାହା ବେଶ ଓଜନିଆ ଅଟେ । କିନ୍ତୁ ସଇତାନ ଓ ମନଗଢା ଉକ୍ତି ଏପରି ହୋଇନଥାଏ । ଆତ୍ମବାଣୀ(ମନରେ ଉତ୍ପତି ଭାବନା) ଓ ସଇତାନର ନିର୍ଦ୍ଦେଶ ଏକା ପରି ଅଟେ । ମଣିଷ ସହିତ ଦୁଇଟି ଶକ୍ତି ନିହିତ ଥାଏ ଯାହା ସର୍ବଦା ତା ସହିତ ଲାଗି ରହିଥାଏ । ଗୋଟିଏ ଦେବଦୂତ ଆରଟି ସଇତାନ । ଯେମିତି ତାର ଗୋଡରେ ଦୁଇଟି ରସି ଲାଗିଛି ।

ଦେବଦୂତ (ଫରିସ୍ତା) ପୁଣ୍ୟ ଆଡକୁ ଡାକି ସାହାଯ୍ୟ କରେ ଯେପରି ପବିତ୍ର କୋରାନରେ ଲେଖାଅଛି । **ଅୟଦହୁମ୍ ବିରୁହିମ୍ ମିନ୍‌ହୁ (ସୁରା ମୋଯାଦଲା ଆୟତ ନଂ -୨୩)** ଅର୍ଥାତ୍ - "ନିଜର ବାଣୀ ଅବତୀର୍ଣ୍ଣ କରି ତାର ସାହାଯ୍ୟ କଲେ ।" ଏବଂ ସଇତାନ କୁକର୍ମ କରିବା ପାଇଁ ଟାଣିଥାଏ ଯେପରି ପବିତ୍ର କୋରାନରେ ଆସିଛି **ୟୁଓ୍ୱସଓ୍ୱିସୁ** । ଏହି ଦୁଇଟିର ଅମାନ୍ୟ କରିହେବ ନାହିଁ । ଅନ୍ଧାର ଓ ଆଲୋକ ଦୁଇଟି ପରସ୍ପର ସହ ଲାଗି ରହିଛି । କୌଣସି ବିଷୟରେ ଅଜ୍ଞାନତା ତାହାର ନଥିବାକୁ ପ୍ରମାଣିତ କରିନଥାଏ । (ଅର୍ଥାତ୍ - ଯଦି କୌଣସି ଜିନିଷ ଉପରେ ଜ୍ଞାନ ନାହିଁ ତା ଅର୍ଥ ନୁହେଁ ଯେ ସେ ଜିନିଷ ନାହିଁ ) କହିଲେ ଯେ- " ଏ ବିଶ୍ୱକୁ ବାଦ୍ ଦେଇ ଆହୁରି ମଧ୍ୟ ହଜାର ହଜାର ଅଲୌକିକ ଘଟଣା ଅଛି ।"

କହିଲେ ଯେ **"କୁଲ୍ ଅଉଜୁବି ରବ୍‌ବିନ୍ ନାସ୍"** ରେ ସଇତାନର ସେହି ସନ୍ଦେହ ଭାବର ବର୍ଣ୍ଣନା ଅଛି ଯାହା ସେ ଲୋକମାନଙ୍କ ମନରେ ଏବେ ସୃଷ୍ଟି କରୁଛି । (ବିଶେଷ କରି ଆଜିକାଲି ଏବଂ ଏହି ଯୁଗ ଯାହାକୁ ନୂତନ ଯୁଗ କହୁଛନ୍ତି, ଯେଉଁଥିରେ ଲୋକେ ଅଲ୍ଲାଃଙ୍କୁ ଭୁଲି ଗଲେଣି - ସେହି ସଇତାନ ହିଁ ଏପରି ସନ୍ଦେହ (ସଙ୍କା) ସୃଷ୍ଟି କରିଛି । କହିଲେ ଯେ ବଡ ସନ୍ଦେହ ଏହା ଅଟେ ଯାହା ପାଳନକର୍ତାର ବିଶେଷ ଗୁଣ ଉପରେ ଭ୍ରାନ୍ତ ଧାରଣା ଦେଇ ଥାଏ । ଯେପରି ଧନୀ ଲୋକଙ୍କ ପାଖରେ ବହୁତ ଧନ ଦେଖି ଲୋକେ ଭାବନ୍ତି ଏମାନେ ପାଳନକର୍ତା ଅଟନ୍ତି ।"

ପୁଣି ଏହାକୁ ବୁଝାଇ କହୁଛନ୍ତି ଯେ ସଇତାନ କିପରି ସଙ୍କା ଉତ୍ପନ୍ନ କରିଥାଏ । ଗୋଟିଏ ଦୃଷ୍ଟାନ୍ତ ପ୍ରଥମରୁ ଦେଇଛି ଏବଂ ଏହି ପ୍ରଲୋଭନରୁ କିପରି ବଂଚିବାକୁ ହେବ ଯେ ଏ ଧନୀମାନେ ଆମର ଦରକାର ପୁରଣ କରନ୍ତି ବା ଅଲ୍ଲାଙ୍କ ଛଡା ଆଉ କୌଣସି ଶକ୍ତି ଅଛି ଯେ ଆମର ଦରକାରକୁ ପୁରଣ କରିପାରିବ । ଆପଣ କହୁଛନ୍ତି ଯେ ଏଥିପାଇଁ ପ୍ରକୃତ ପାଳନକର୍ତାର ଶରଣରେ ରହିବା ପାଇଁ କୁହାଯାଇଛି " (ଏଥିପାଇଁ ଅଲ୍ଲାଃତାଲା କହୁଛନ୍ତି ଯେ ଦୁଆ କର ଯେ ମୁଁ ପ୍ରକୃତ ପାଳନକର୍ତାଙ୍କ ଶରଣରେ କିପରି ରହିବାକୁ ପାଇବି) ।............,

ଯାହାର ନାମ ତୌରାତ୍‌ରେ ଇବ୍‌ରାନି ଭାଷାରେ, 'ନୁହାସ' ବ୍ୟବହାର କରାଯାଇଛି । ଯିଏ ହଓ୍ୱାଙ୍କ ପାଖକୁ ଆସିଥିଲା । ଲୁଚି କରି ଆକ୍ରମଣ କରେ । ଏହି ସୁରାରେ ତାହାର କଥା କୁହାଯାଇଛି । ଏଥିରୁ ଜଣାଗଲା ଯେ 'ଦଜ୍ଜାଲ' ମଧ୍ୟ ସାମ୍ନା ସାମନି ନ ଆସି ଲୁଚି କରି ଆକ୍ରମଣ କରିବ । ଯେପରି କାହାକୁ ଜଣା ନ ପଡେ । ଏହି ଯୁଗ ଯାହା ଆକର୍ଷଣୀୟ ଓ ମନୋଲୋଭା ଅଟେ । ଆଜି କାଲିର ନୂଆ ନୂଆ ଉଦ୍ ଭାବନ ଓ ଶିକ୍ଷା ପଦ୍ଧତି ଆଳରେ ଅଲ୍ଲାଃତାଲାଙ୍କଠାରୁ ଓ ଧର୍ମଠାରୁ ଦୁରେଇ ଦିଆଯାଉଛି । ଏଥିରେ ହୁକୁମତ୍ (ସରକାର) ଓ ବଡ ବଡ ସଂସ୍ଥା ମଧ୍ୟ ସାମିଲ ଅଛନ୍ତି । ମାନବିକ ଅଧିକାର ନାମରେ ଏପରି କଥା କୁହାଯାଉଛି ଯେ ଦେଖ ଧର୍ମ ତୁମକୁ ବାଧ୍ୟ କରୁଛି । କିନ୍ତୁ ପ୍ରକୃତରେ ମାନବିକ ଅଧିକାର ଲୋକଙ୍କୁ ସମ୍ପୂର୍ଣ୍ଣ ଧାର୍ମିକ ଅଧିକାର ଦେବା ଅଟେ) । ଏହିପରି ଧୀରେ ଧୀରେ ଲୋକଙ୍କ ମନରେ ଧାରଣା ସୃଷ୍ଟି କରାଯାଉଛି । ଏହି ଯୁଗରେ ଏପରି କାର୍ଯ୍ୟ ସଇତାନ କରୁଅଛି ଏବଂ ତା ସହିତ ସରକାର ମଧ୍ୟ ମିସି ଯାଇଛନ୍ତି ।

ବଡ ବଡ ସଂସ୍ଥା ଯେପରି Human Rights ନାମରେ ବା Women Rights ନାମରେ ବା ମାନବିକ ଅଧିକାର ନାମରେ ଅଛନ୍ତି, ସମସ୍ତେ ଏହି କାର୍ଯ୍ୟରେ ମିଶିଛନ୍ତି । ସମସ୍ତେ ଏହାକୁ ବୁଝିନେବା ଉଚିତ ଯେ ଏମାନେ ଧର୍ମଠାରୁ ଦୂରେଇ ନେବା ପାଇଁ ଚେଷ୍ଟା କରୁଛନ୍ତି । ପ୍ରତ୍ୟେକ ଅହେମଦୀ ଓ ପ୍ରତ୍ୟେକ ବିଶ୍ୱାସକାରୀମାନଙ୍କୁ ବୁଝିନେବା ଉଚିତ ଯେ ଏବେ ସଇତାନର ସକ୍ରିୟ ହେବାକୁ ଯାଉଛି ଏବଂ ଏମାନେ ଦଜ୍ଜାଲ୍ ଶକ୍ତି ଅଟନ୍ତି ଯିଏ ଆମ ଉପରେ ଆକ୍ରମଣ କରିବାକୁ ଚାହୁଁଛନ୍ତି ।

ଏବଂ ପୁଣି ଏ ସମ୍ବନ୍ଧରେ କୁହନ୍ତି - ଏହା ଠିକ୍ ନୁହେଁ କି ସଇତାନ ହଓ୍ୱାଙ୍କ ପାଖକୁ ଯାଇଥିବ ଅଥଚ ଯେପରି ଏବେ ଲୁଚି କରି ଆସୁଛି ସେହିପରି ସେତେବେଳେ ମଧ୍ୟ ଲୁଚି

କରି ଆସିଥିଲା । କୌଣସି ଅସ୍ତିତ୍ୱ ବା କୌଣସି ବ୍ୟକ୍ତି ନଥିଲେ ଯିଏ ହଓ୍ୱାଙ୍କ ନିକଟକୁ ଯାଇ ଏପରି ପ୍ରଲୋଭନ ଦେଖାଇଥିଲେ । "ସେ କାହା ମନ ଭିତରେ ନିଜର ଭାବନାକୁ ରଖିଦେଇ ତାର ସ୍ଥାନ ନେଇଥାଏ । ଏହିପରି କୌଣସି ବିଧର୍ମୀର ମନରେ ସଇତାନ ଏହି କଥାକୁ ରଖି ଦେଇଥିଲା । ଏବଂ ସେହି ସ୍ୱର୍ଗ ଯେଉଁଥିରେ ହଜରତ୍ ଆଦମ୍ ରହୁଥିଲେ ତାହା ଏହି ପୃଥିବୀରେ ଥିଲା କୌଣସି ଆକାଶରେ ନଥିଲା । କେହି ଜଣେ ପାପି ତାଙ୍କ ମନକୁ ପ୍ରଲୋଭିତ କରିଥିଲା ।

ପବିତ୍ର କୋରନ୍‌ରେ ପ୍ରଥମ ଅଧ୍ୟାୟରେ ଅଲ୍ଲାଃତାଲା ଯେଉଁ ଗୁରୁତ୍ୱ ଦେଇ କହୁଛନ୍ତି ଯେ ତୁମେ **ମଗଜୁବ୍ ଆଲୈହିମ୍ ଓ ଦ୍ୱାଲ୍ଲିନ୍** ମାନଙ୍କ ମଧ୍ୟରୁ ନହୁଅ । ଅର୍ଥାତ୍ ହେ ମୁସଲମାନ । ତୁମେ ୟୁହୁଦୀ ଏବଂ ଇସାଇଙ୍କ ସଦୃଶ ହୁଅନାହିଁ । ଏଥିରୁ ଏହି ଭବିଷ୍ୟବାଣୀ ବୋଧହୁଏ କି କିଛି ମୁସଲମାନ ଏପରି ନିଶ୍ଚିତ ହେବେ । ଅର୍ଥାତ୍ ଗୋଟିଏ ସମୟ ଆସିବ ଏମାନଙ୍କ ମଧ୍ୟରୁ କିଛି ୟୁହୁଦୀ ଓ ଇସାଇଙ୍କ ପରି ଗୁଣ କରିବେ । କାରଣ ନିର୍ଦ୍ଦେଶ ଏପରି କଥାରେ ଦିଆ ଯାଇଥାଏ ଯାହାର ବିରୋଧୀ କିଛି ଲୋକ ହୋଇଥାନ୍ତି ।

**(ମଲଫୁଜାତ, ଖଣ୍ଡ-୨ ପୃଷ୍ଠା ୨୪୪-୪୫)**

ଅର୍ଥାତ୍ ଯେଉଁମାନେ କେବଳ ସଂସାରରେ କବଳିତ ହୋଇ ବସ୍ତୁବାଦର ଶିକାର ହୋଇଥାନ୍ତି ସେମାନଙ୍କୁ ସଇତାନ ନିଜ ଅଧୀନ କରି ନେଇଥାଏ । ଦ୍ୱିତୀୟରେ ସେମାନେ ଅଟନ୍ତି ଯେଉଁମାନେ କେବଳ ଧର୍ମର ଉନ୍ନତି ସାଧନ କରିବାର ଚିନ୍ତା କରିଥାନ୍ତି । ଏମାନଙ୍କୁ **ହିଜ୍ ବୁଲ୍ଲାଃ** କୁହାଯାଏ ଅର୍ଥାତ୍ (ଅଲ୍ଲାଙ୍କ ଦଳ) ଯେଉଁମାନେ ସଇତାନର ସେନା ଉପରେ ବିଜୟ ଲାଭ କରିଥାନ୍ତି । ଧନ ସମୃଦ୍ଧି କେବଳ ବାଣିଜ୍ୟ ଦ୍ୱାରା ହୋଇଥାଏ । ଏଥିଯୋଗୁଁ ଅଲ୍ଲାଃତାଲା ମଧ୍ୟ ଧର୍ମର ଉନ୍ନତି ପାଇଁ ଏହାକୁ ଏକ ବାଣିଜ୍ୟର ଆଖ୍ୟା ଦେଇଛନ୍ତି । ତେଣୁ କହୁଛନ୍ତି **ହଲ୍ ଅଦୁଲ୍ଲକୁମ୍ ଆଲା ତିଜାରତିନ୍ ତୁନ୍‌ଜିଇକୁମ୍ ମିନ୍ ଅଜାବିନ୍ ଅଲିମ୍** **( ସୁରା ସଫ : ୧୧ )** ଅର୍ଥାତ୍ : ମୁଁ ତୁମକୁ ଏପରି ଏକ ବାଣିଜ୍ୟର ଠିକଣା ଦେବି ଯାହା ତୁମକୁ କଷ୍ଟଦାୟକ ଦଣ୍ଡରୁ ମୁକ୍ତିଦେବ । ତେଣୁ ସବୁଠାରୁ ଉତ୍କୃଷ୍ଟ ବାଣିଜ୍ୟ ଧର୍ମର ବାଣିଜ୍ୟ ଅଟେ ଯଦ୍ୱାରା କଷ୍ଟରୁ ମୁକ୍ତି ମିଳିଥାଏ । ଧର୍ମର ସବୁ ଠାରୁ ଉତମ ବାଣିଜ୍ୟ ହେଲା ଯାହାକି କଷ୍ଟରୁ ମୁକ୍ତି ଦେଇଥାଏ । ନିଜ ଜମାତକୁ ଉପଦେଶ ଦେଇ କହିଲେ ମୁଁ ମଧ୍ୟ ଅଲ୍ଲାଃଙ୍କ ଶବ୍ଦରେ ତୁମକୁ କହୁଛି କି ହଲ୍ ଅଦୁଲ୍ଲକୁମ୍ ଅଲା ତିଯାରତିମ୍ ତୁନ୍‌ଯିକୁମ୍ ମିନ୍ ଅଜାବିନ୍ ଅଲିମ୍ **( ସୁରା ସଫ : ୧୧ )** । **(ମଲଫୁଜାତ୍ ଖଣ୍ଡ -୩, ପୃଷ୍ଠା- ୧୯୩-୯୪)**

ତେଣୁ ଆମକୁ ଏପରି ବାଣିଜ୍ୟ କରିବା ଉଚିତ୍ , ସେହି ରାସ୍ତାରେ ଚାଲିବା ଦରକାର, ଯାହା ଆଡ଼କୁ ଯୁଗ ପ୍ରବର୍ତକ ଏବଂ ଅଲ୍ଲାଃଙ୍କ ପ୍ରେରିତ ମସିହ ମଉଦ ଓ ମେହେଦି ମଉହୁଦ ଆମକୁ ଡ଼ାକରା ଦେଉଛନ୍ତି । ଯଦ୍ୱାରା ଆମେ ସଇତାନର ଅନୁକରଣରୁ ବଂଚିପାରିବା । ଏବଂ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରି କଷ୍ଟଦାୟକ ଯନ୍ତଣାରୁ ମୁକ୍ତି ପାଇପାରିବା ।

ପୁଣି ଗୁପ୍ତ ଅପକର୍ମରୁ ରକ୍ଷା ପାଇବା ସମ୍ବନ୍ଧରେ ହଜରତ ମସିହ ମଉଦ[ଆ.ସ] କୁହନ୍ତି- ଯେତେବେଳେ କେହି ଅସୁବିଧାରେ ପଡିଥାଏ ସେତେବେଳେ ତାହାର ଏପରି କହିବା କି ଏହା ଅଲ୍ଲାଃଙ୍କ ତରଫରୁ ଆସିଛି,ଏକ ମସ୍ତ ବଡ ଭୁଲ । ଏଥିରେ ଅଲ୍ଲାଃଙ୍କର କୌଣସି ଦୋଷ ନାହିଁ । କେତେକ ଲୋକଙ୍କୁ ଅନ୍ୟମାନେ ସୁଜନ ମନେକରିଥାନ୍ତି ଏବଂ ସେମାନେ କୌଣସି ଅସୁବିଧାରେ ପଡିଲେ କିମ୍ବା କୌଣସି ପୂଣ୍ୟ କର୍ମରୁ ବଂଚିତ ରହିଲେ ଅନ୍ୟମାନେ ବିସ୍ମିତ ହୋଇଥାନ୍ତି କି ଏମାନେ କିପରି ଏପରି ଅସୁବିଧାରେ ପଡିଲେ କିନ୍ତୁ ପ୍ରକୃତରେ କିଛି ଗୁପ୍ତ ଅପକର୍ମ ଯୋଗୁଁ ସେମାନେ ଉକ୍ତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଯେହେତୁ ଅଲ୍ଲାଃ ଅଶେଷ ଦୟାବାନ ଓ କ୍ଷମା ପ୍ରଦାନକାରୀ । ତେଣୁ ମଣିଷର ଗୁପ୍ତ ଅପକର୍ମ ସମ୍ବନ୍ଧରେ ଅନ୍ୟ କାହାରିକୁ ଜଣାଇ ନଥାଏ । ମନେରଖିବା ଉଚିତ ଯେ ଗୁପ୍ତ ଅପକର୍ମ ସବୁଠାରୁ ଅଧିକ କ୍ଷତିକାରକ । ପାପର ଅବସ୍ଥା ମଧ୍ୟ ରୋଗ ପରି । ବଡ ବଡ ରୋଗକୁ ଦେଖି ଜଣାଯାଇଥାଏ ଯେ ଏହା ଅମୁକ ରୋଗ କିନ୍ତୁ ଏପରି କେତେକ ଗୁପ୍ତ ରୋଗ ଅଛି ଯାହାକୁ ରୋଗୀ ନିଜେ ମଧ୍ୟ ଚିହ୍ନି ପାରି ନଥାଏ କି ମୁଁ ଏହି ଭୟଙ୍କର ରୋଗରେ ଆକ୍ରାନ୍ତ । ଯେପରି ଯକ୍ଷ୍ମା ରୋଗକୁ ପ୍ରାରମ୍ଭରେ ଡାକ୍ତରମାନେ ମଧ୍ୟ ଚିହ୍ନି ପାରି ନଥାନ୍ତି ଯାହାକି କ୍ରମେ ଭୟଙ୍କର ରୂପ ଧାରଣ କରିଥାଏ । କେତେକ ସମୟରେ ଅନ୍ତିମ ପର୍ଯ୍ୟାୟରେ ଜଣାପଡିଥାଏ । ସେହିପରି ଜଣେ କର୍କଟରୋଗୀ ବେଶ ସୁସ୍ଥ ସବଳ ଦେଖାଯାଇଥାଏ । କିନ୍ତୁ ହଠାତ୍ ଜଣାପଡେ ଯେ ସେ କର୍କଟ ରୋଗରେ ଆକ୍ରାନ୍ତ ଏବଂ ବର୍ତମାନ ଏପରି ସ୍ତରରେ ପହଂଚି ଯାଇଛି କି ତାହାର କୌଣସି ଚିକିତ୍ସା ନାହିଁ । ସେ ମାତ୍ର ମାସକର ଅତିଥି ।

ସୁତରାଂ ଯେପରି ରୋଗ ସମ୍ବନ୍ଧରେ ଜଣାପଡି ନଥାଏ । ସେହିପରି ମଣିଷର ଗୁପ୍ତ ଅପକର୍ମ ଜଣାପଡି ନଥାଏ କିନ୍ତୁ ତାହା ତାକୁ ଧୀରେ ଧୀରେ ଗ୍ରାସ କରିଥାଏ । ପବିତ୍ର କୋରାନରେ ବର୍ଣ୍ଣିତ ଅଛି **କଦ ଅଫ୍‌ଲାହା ମନ୍ ଜକ୍କାହା** ଅର୍ଥାତ ଯେ ନିଜ (ଅତ୍ମା)କୁ ପବିତ୍ର କରିନିଏ, ସେ ନିଜ ଲକ୍ଷ ହାସଲ କରିନେଇଥାଏ । କିନ୍ତୁ ଆତ୍ମାକୁ ପବିତ୍ର କରିବା ଏକ ପ୍ରକାରର ମୃତ୍ୟୁ ବରଣ କରିବା ଅଟେ । ଯେପର୍ଯ୍ୟନ୍ତ ସମସ୍ତ ପ୍ରକାରର ମନ୍ଦ ପ୍ରବୃତିକୁ ଯେପରିକି ଖରାପ କଥା,ଅବାନ୍ତର କାର୍ଯ୍ୟକଳାପ ଯେଉଁ ମାର୍ଗରେ ସଇତାନ ପରିଚାଳିତ କରିବାକୁ ଚେଷ୍ଟା କରିଥାଏ ଯାହାକି ଅଶ୍ଳୀଳ ଓ ଅଶୋଭନୀୟ ଅଟେ ଯାହାକୁ ଅଲ୍ଲାଃ ପସନ୍ଦ କରନ୍ତି ନାହିଁ,ତ୍ୟାଗ ନ କରାଯାଏ,ପବିତ୍ରତା ହାସଲ କରିବା ଅସମ୍ଭବ । ପ୍ରତ୍ୟେକ ମଣିଷ ଭିତରେ କିଛି ନା କିଛି ମନ୍ଦ ପ୍ରବୃତି ଥାଏ । ତାହା ହିଁ ତାର ସଇତାନ । ଯେପର୍ଯ୍ୟନ୍ତ ତାହାକୁ ମାରି ନ ଦିଆଯାଇଛି, ଜୀବନର ଲକ୍ଷ ହାସଲ ସମ୍ଭବ ନୁହେଁ । ଯେପରି ଆଗରୁ ଚର୍ଚ୍ଚା କରି ଆସିଲି ଯେ ଆମ୍ଭକୁ ପ୍ରତ୍ୟେକ ମୁହୁର୍ତରେ ଅଲ୍ଲାଃଙ୍କ ଶରଣ ଭିକ୍ଷା କରିବା ସହ ନିଜର ନିରିକ୍ଷଣ କରିବା ଆବଶ୍ୟକ । ନିଜ ସଇତାନକୁ କିଭଳି ଓ କେମିତି ମାରିବା ସେଥି ସମ୍ବନ୍ଧରେ ହଜରତ ମସିହ ମଉଦ[ଆ.ସ] କୁହନ୍ତି-ଅବତାରମାନେ ହେଉଛନ୍ତି ଅଲ୍ଲାଃଙ୍କ ପ୍ରକାଶ ଓ ନିଦର୍ଶନ ଏବଂ ପ୍ରକୃତ ଓ ନିଷ୍ପାପର ଭକ୍ତ ଅବତାରଙ୍କ ପ୍ରକାଶ ଧାରଣ କରିଥାଏ । ସାହାବାମାନେ ଏହି ରହସ୍ୟକୁ ବୁଝିପାରି ହଜରତ ମୁହମ୍ମଦ[ସ.ଅ]ଙ୍କର ଏପରି ଆନୁଗାମୀ ହେଲେ ଯେ ଏଥିରେ ସମ୍ପୂର୍ଣ୍ଣ ରୂପେ ହଜିଗଲେ । ଏପରିକି ନିଜ ଅସ୍ତିତ୍ୱର ତିଳାଞ୍ଜଳି ଦେବାରେ ଖାତିର କଲେ ନାହିଁ । ଯେ କେହି ସେମାନଙ୍କୁ ଏପରି ଅବସ୍ଥାରେ ପାଏ ଯେମିତି ନବୀଙ୍କ ଚରଣରେ ନିଜର ସର୍ବସ୍ୱ ସମର୍ପି ଅଲ୍ଲାଃଙ୍କ ସାନିଧ୍ୟ ଓ ନବୀଙ୍କ ଚରିତ୍ର ଆପଣାଇବାରେ ମଗ୍ନ ପାଇଥାଏ । ଅତଏବ ମନେରଖ ବର୍ତମାନ ମଧ୍ୟ ଯେପର୍ଯ୍ୟନ୍ତ ସେହି ମଗ୍ନତା ଓ ଆନୁଗତ୍ୟ ସ୍ୱୀକାର କରିବାରେ ନିଜକୁ ହଜାଇ ନଦିଆଯାଏ ଯେପରିକି ସାହାବାମାନେ ନିଜ ଭିତରେ ସୃଷ୍ଟି କରିଥିଲେ ସେପର୍ଯ୍ୟନ୍ତ ମାନ୍ୟକାରୀମାନଙ୍କ ତାଲିକାର ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । ତେଣୁ ଭଲରୂପେ ମନେରଖ ଯେପର୍ଯ୍ୟନ୍ତ ଏହି ସ୍ତର ହାସଲ ନକରିଛ ତୁମେ ଅଲ୍ଲାଃଙ୍କ ଶରଣ ଓ ପ୍ରକାଶ ଲାଭ କରିପାରିବ ନାହିଁ ଏବଂ ସଇତାନର ପ୍ରଭାବ ତୁମ ଉପରେ ରହିଥିବ ।

ଅଲ୍ଲାଃତାଲା କରନ୍ତୁ କି ଆମେ ନିଷ୍ପାପର ଭାବରେ ତାଙ୍କର ହେବା ସହ ସମସ୍ତ ପ୍ରକାରର ଅଶ୍ଳୀଳ ଓ ଅଶୋଭନୀୟ ତଥା ମନ୍ଦ ପ୍ରବୃତି,ଗର୍ବ ଆଦିରୁ ନିବୃତ ରହି ନିଜ ଆତ୍ମାକୁ ପବିତ୍ର କରିବା ନିମନ୍ତେ ସଦାସର୍ବଦା ଚେଷ୍ଟା କରିଚାଲିବା । ଯଦ୍ୱାରା ଅଲ୍ଲାଃଙ୍କ କୃପା ଲାଭ ହେବା ସହ ଆମ ହୃଦୟରେ ଅଲ୍ଲାଃଙ୍କ ରାଜତ୍ୱ ରହିବ । କାରଣ ସେ ହିଁ ଆମର ଉପାସ୍ୟ । ଆମ ଦୃଷ୍ଟି ସର୍ବଦା ତାଙ୍କରି ଉପରେ ଥାଉ ଏବଂ ଅମେ ତାଙ୍କରି ଆଗରେ ଦଣ୍ଡାୟମାନ ହୋଇ ପ୍ରାର୍ଥନା କରିଚାଲୁ ଏବଂ ସେ ଆମକୁ ସଇତାନ କବଳରୁ ରକ୍ଷା ପାଇବାର ଶକ୍ତି ପ୍ରଦାନ କରନ୍ତୁ ।

---

***ପୃଷ୍ଠା ନଂ ୧୦ର ଅବଶିଷ୍ଟାଂଶ........***

ସେତେବେଳେ ସେମାନେ ଆପେ ଆପେ ଆମର ନକଲ କରିବାକୁ ଲାଗିବେ ।

ନମାଜ ପରେ ଗୋଟିଏ ଜନାଜା ଗାଏବ୍ ମଧ୍ୟ ପଢାଇବି । ଏହା ମାନନୀୟ ନୁର୍ ଯାବି ସାହେବ୍ ସିରିଆଙ୍କର ଅଟେ । ୧୯୮୯ ମସିହାରେ ତାଙ୍କର ଜନ୍ମ । ସମ୍ଭବତଃ ସେଠିକାର ସରକାର ତାଙ୍କୁ ବନ୍ଦି କରିଥିଲା । ଠିକ୍ ଭାବରେ ଘଟଣାକୁ ଲେଖାଯାଇ ନାହିଁ । ଯାହାହେଉ ଯାହା ମିଳିଲା ସେହି ଅନୁସାରେ କିଛି ମାସ ପୂର୍ବରୁ ସେ Business Mangement Universityରୁ ଡିଗ୍ରୀ ହାସଲ କରିଥିଲେ । ୩୧ ଡିସେମ୍ବର ୨୦୧୩ ରେ ସେଠିକାର ସରକାରୀ କର୍ମଚାରୀମାନେ ଆପଣଙ୍କୁ ବନ୍ଦୀ କରିଥିଲେ । ବନ୍ଦୀ ହେବାର କାରଣ ଏହାଥିଲା କି କିଏ ଜଣେ ତାଙ୍କର ମୋବାଇଲ୍ ଫୋନ୍ ମାଗିନେଇ ସେଠିକାର ବିଦ୍ରୋହୀଙ୍କୁ ଫୋନ କରିଥିଲେ । ଏହା ସିରିଆରେ ବିଦ୍ରୋହ ହେବାର ଆରମ୍ଭ ସମୟର କଥା । ଏହି ସମ୍ବନ୍ଧରେ ସରକାରୀ ପ୍ରତିନିଧି Intercept କରନ୍ତି , ଯାଂଚ ମଧ୍ୟ କରିଥାନ୍ତି । ସେମାନେ ଧରି ତଦନ୍ତ କରିବା ସମୟରେ ଏହା ସାବ୍ୟସ୍ତ ହେଲା ଯେ ଆପଣଙ୍କ ଫୋନ୍‌ରୁ ବାର୍ତାଳାପ କରାଯାଇଛି । ଏବଂ ଆପଣଙ୍କର ବିଦ୍ରୋହୀଙ୍କ ସଙ୍ଗେ ସମ୍ପର୍କ ଅଛି । ଏହି କାରଣରୁ ଆପଣଙ୍କୁ ବନ୍ଦି କରାଗଲା । ଏବଂ ପୁଣି ଶହିଦ୍ ମଧ୍ୟ କରି ଦିଆ ଗଲା । ଡାକ୍ତରୀ ରିପୋର୍ଟ ଅନୁସାରେ ମୁରହୁମଙ୍କୁ ବନ୍ଦି କରାଯିବାର ତୃତୀୟ ଦିନ ହିଁ ମୁଣ୍ଡରେ ଆଘାତ ଲାଗିବାରୁ ମୃତ୍ୟୁ ହୋଇ ଯାଇଥିଲା । କାରଣ ସରକାରୀ କର୍ମଚାରୀମାନେ ମଧ୍ୟ ନିର୍ଯ୍ୟାତନା ଦେଇଥାନ୍ତି । ଯାହା ବିଦ୍ରୋହୀ ମାନଙ୍କର ଅବସ୍ଥା ସେହି ଅବସ୍ଥା ସରକାରୀ କର୍ମଚାରୀଙ୍କର ମଧ୍ୟ ଅଟେ । ଯାହାହେଉ ତାଙ୍କ ମୃତ୍ୟୁର ଖବର ଘରବାଲାଙ୍କୁ ୨୨ ଫେବୃଆରୀ ୨୦୧୬ ରେ ମିଳିଲା । ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହି ରାଜେଉନ୍ । ସେ ସଲିମ୍‌ଯାବି ସାହେବଙ୍କର ନାତି ଥିଲେ ଯେ କି ଜଣେ ପୁରୁଣା ଅହେମଦି ଅଟନ୍ତି । ସଲିମ୍ ଯାବି ସାହେବ ହଜରତ ମୁସଲେହ ମଉଦ[ର.ଆ]ଙ୍କ ସମୟରେ ରବଓା ଯାଇଥିଲେ । ଉର୍ଦ୍ଦୁ ଭାଷା ବେଶ୍ ଭଲ ଭାବରେ ଜାଣନ୍ତି । ସେ ତାଙ୍କ ପରିସରରେ ଜଣେ ଉତମ ଚରିତ୍ର, ଭଦ୍ର ଓ ନମ୍ର ସ୍ୱଭାବି ତଥା ମେଳାପି ବ୍ୟକ୍ତି ଥିଲେ । ସ୍ୱଭାବରେ କଠୋରତାର କାଣିଚାଏ ମଧ୍ୟ ନଥିଲା । ସୁସ୍ଥ ଏବଂ ବଳିଷ୍ଠ ଶରୀରର ଅଧିକାରୀ ଥିଲେ । ଆପଣଙ୍କ ଭଉଣୀ ଶ୍ରୀମତି ହିବତୁର୍ ରହମାନ ଯାବି କୁହନ୍ତି କି ମୋ ଭାଇଙ୍କ ଜନ୍ମ ହେବା ପୂର୍ବରୁ ମା ସ୍ୱପ୍ନରେ ଦେଖିଥିଲେ ଯେ, ତାଙ୍କର ଗୋଟିଏ ପୁତ୍ର ହୋଇଛି ଏବଂ ତାଙ୍କୁ କୁହାଯାଉଛି ଯେ ଆପଣ ଏକ ଜ୍ୟୋତିକୁ ଜନ୍ମ ଦେଇଛନ୍ତି । ପରେ ଜମାଅତ ଅହେମଦିୟାର ଚତୁର୍ଥ ଖଲିଫାଙ୍କ ଦ୍ୱାରା ତାଙ୍କ ନାମ ଅବଦୁର୍ ନୁର ରଖାଗଲା । ସେ କୁହନ୍ତି କି ମୋର ଭାଇ ଅଶେଷ ମାନ୍ୟକାରୀ ଓ ଯୋଗ୍ୟ ବ୍ୟକ୍ତି ଥିଲେ ଏବଂ ସମସ୍ତେ ତାଙ୍କ ଦକ୍ଷତା ଓ ଜ୍ଞାନର ପ୍ରଶଂସା କରୁଥିଲେ । ଫୋନ୍ ଦ୍ୱାରା ତାଙ୍କ ସହ ମୋର ଶେଷ ବାର୍ତାଳାପରେ ସେ ମୋତେ କହିଥିଲେ ଯେ ଯଦି ମୁଁ ସଚୋଟ ଅହେମଦି ଅଟେ ତାହେଲେ ମୋତେ ଅନ୍ୟମାନଙ୍କୁ କ୍ଷମା ଦେବା ଉଚିତ୍ । ସେ ଯାହା ହେଉ ଅଲ୍ଲାଃତାଲା ତାଙ୍କୁ ବୈକୁଣ୍ଠରେ ସ୍ଥାନ ଦିଅନ୍ତୁ ଏବଂ ତାଙ୍କର ମା,ଭଉଣୀ, ଭାଇ, ଓ ଦଦା ଇତ୍ୟାଦିଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

ସିରିଆର (ସଙ୍କଟାପର୍ଣ୍ଣ) ଅବସ୍ଥା ପାଇଁ ଦୁଆ କରିବା ଉଚିତ୍ । ସେଠି ସରକାରଙ୍କ ଅତ୍ୟାଚାର ଯୋଗୁଁ ବିଦ୍ରୋହୀ ଗୋଷ୍ଠି ମୁଣ୍ଡ ଟେକି ଉଠିଛି କିନ୍ତୁ ଏବେ ଏହି ଦୁଇ ଗୋଷ୍ଠି ନିଜ ନିଜର ଅତ୍ୟାଚାରରେ ବଢିଚାଲିଛନ୍ତି । ତୃତୀୟ ଗୋଷ୍ଠୀ ଦାଇଶ୍ ଯିଏ ଇସଲାମ ନାମରେ ଅତ୍ୟାଚାର ଓ ଆତଙ୍କର ଭୟଙ୍କର ନମୁନା ଦେଖାଇଚାଲିଛି । ଏବଂ ସେଠାରେ ଯେଉଁ ଭଦ୍ର ବ୍ୟକ୍ତିମାନେ ଯେପରି ଅହେମଦି ଓ ଅନ୍ୟମାନେ ଅଛନ୍ତି । ଯେ କୌଣସି ଗୋଷ୍ଠି ସହ ସମ୍ପୃକ୍ତ ନୁହନ୍ତି, ଏହି ଅତ୍ୟାଚାରର ଶିକାର ହେଉଛନ୍ତି ଏବଂ ସରକାରଙ୍କ ଠାରୁ ମଧ୍ୟ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ସରକାର ଓ ବିଦ୍ରୋହୀ ଉଭୟ ଅତ୍ୟାଚାରୀ ଅଟନ୍ତି ଏବଂ ଇସଲାମ ନାମରେ ନିଜକୁ ପ୍ରଶାସନର କ୍ଷମତା ମଣୁଥିବା ଗୋଷ୍ଠୀ ମଧ୍ୟ ଅତ୍ୟାଚାରୀ ଅଟନ୍ତି । ଅଲ୍ଲାଃତାଲା ଏହି ଦେଶ ଓ ଅତ୍ୟାଚାରୀମାନଙ୍କ ଉପରେ ଦୟା କରନ୍ତୁ ଏବଂ ଅତ୍ୟାଚାରୀଙ୍କ କବଳରୁ ଦେଶକୁ ରକ୍ଷା କରନ୍ତୁ ।

# ଖୁତ୍‌ବା ଜୁମା

- ସଇତାନ ସୃଷ୍ଟିର ଆରମ୍ଭରୁ ହିଁ ମନୁଷ୍ୟର ଶତ୍ରୁ ରହିଛି । ଏବଂ ସର୍ବଦା ରହିବ, ସଇତାନର ଏହି ଶତ୍ରୁତା କୌଣସି ଖୋଲା ଖୋଲି ଶତ୍ରୁତା ନୁହେଁ ଯେ ସାମ୍ନାରେ ଆସି ଲଢିଥାଏ । ବରଂ ବିଭିନ୍ନ ବାହାନାରେ ଲୋକଙ୍କୁ ପ୍ରଲୋଭିତ କରାଇ ତାଙ୍କର ଅହଂଭାବନାକୁ ଉଜାଗର କରାଇଥାଏ ଏବଂ ସତ୍ କର୍ମରୁ ଦୂରେଇ ଦେଇ ତଥା ମନ୍ଦ କର୍ମର ନିକଟବର୍ତୀ କରାଇଥାଏ । କିନ୍ତୁ ତତ୍ ସହିତ ଅଲ୍ଲାଃତାଲା ଲୋକମାନଙ୍କୁ ସୁପଥଗାମୀ କରାଇବା ପାଇଁ ଅବତାରମାନଙ୍କୁ ପ୍ରେରଣ କଲେ , ସେମାନଙ୍କୁ ସତ ପଥର ମାର୍ଗ ବତାଇବା ସହିତ ସେମାନଙ୍କର ଇହ ଓ ପରକାଳ ସଜାଡ଼ିବାର ରାସ୍ତା ବତାଇଲେ ।
- ଏହି କଥା ଆମକୁ ମନେ ରଖିବା ଉଚିତ ଯେ ସଇତାନର ଆକ୍ରମଣ ଅଚାନକ ହୋଇନଥାଏ ସେ ଧୀରେ ଧୀରେ ଆକ୍ରମଣ କରିଥାଏ । ଗୋଟିଏ ଛୋଟ ପାପକୁ ମଣିଷର ହୃଦୟରେ ରଖିଦେଇ ଏହା ଅନୁଭବ କରାଇଥାଏ କି ଏହି ଛୋଟ ପାପ ଦ୍ୱାରା କୌଣସି ପ୍ରଭାବ ପଡ଼ିବ ନାହିଁ, ଏହା କ'ଣ ବଡ଼ ପାପ କି ? ପୁଣି ଏହି ଛୋଟ ଛୋଟ ପାପଗୁଡ଼ିକ ବଡ଼ ବଡ଼ ପାପ କରିବାରେ ସହାୟକ ହୋଇଯାଏ ।
- ସଇତାନ ମିଥ୍ୟା, ଅତ୍ୟାଚାର, ଆବେଗ, ହତ୍ୟା, ଅଯଥା କାର୍ଯ୍ୟ , କପଟତା ଏବଂ ଗର୍ବ ଆଡ଼କୁ ଡ଼ାକିଥାଏ ।

  ମନୁଷ୍ୟ ଅନୁତାପ କରିବା ଓ ଅଲ୍ଲାଃଙ୍କ ନିକଟରୁ କ୍ଷମା ମାଗିବା ଦ୍ୱାରା ବଂଚି ଯାଇଥାଏ । ଏବଂ ଏହା ଆଶା କରାଯାଏ ଯେ ଅଲ୍ଲାଃତାଲା କ୍ଷମା ଦେବେ । କିନ୍ତୁ ସଇତାନ ଗର୍ବ କରିବା ଦ୍ୱାରା ଅଭିଶପ୍ତ ହେଲା ।
- ବେଳେ ବେଳେ ମଣିଷ ଗର୍ବକୁ ବୁଝିପାରେ ନାହିଁ , ତେଣୁ ବହୁତ ସୁକ୍ଷ୍ମତାର ସହିତ ଆମକୁ ନିଜର ସମୀକ୍ଷା କରିବାକୁ ହେବ ।
- ବେଳେ ବେଳେ ସଇତାନ ପୁଣ୍ୟ(ନେକି)ର ଆଳ ଦେଖାଇ ନିଜ ପଛରେ ଚଲାଇଥାଏ ।
- କେତେକ ଲୋକ ବାହାରକୁ ପୁଣ୍ୟବାନ ଜଣା ପଡ଼ନ୍ତି କିନ୍ତୁ ତାଙ୍କ ଉପରେ କୌଣସି ଦୁଃଖ ଦୁର୍ଦ୍ଦଶା ପଡ଼ିଲେ ବା ସେମାନେ କୌଣସି ପୁଣ୍ୟ କାର୍ଯ୍ୟରୁ ଦୂରେଇ ଗଲେ ଲୋକେ ଆଶ୍ଚର୍ଯ୍ୟ ହୁଅନ୍ତି । ପ୍ରକୃତରେ ସେମାନଙ୍କ ଭିତରେ ପାପ ଲୁଚିକରି ରହିଥାଏ ଯିଏ ତାଙ୍କୁ ଏହି ପରି ଅବସ୍ଥାରେ ପହଂଚାଇଥାଏ ।
- ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ କିଛି ନା କିଛି ଖରାପ ଅଣୁ ଥାଏ । ସେ ତାର ସଇତାନ ଅଟେ । ଯେପର୍ଯ୍ୟନ୍ତ ତାକୁ ହତ୍ୟା(ନଷ୍ଟ) ନକରାଯାଇଛି କିଛି ହୋଇପାରିବ ନାହିଁ ।

(ହଜରତ ମସିହ ମଉଦ[ଆ.ସ]ଙ୍କ ଆଦେଶ ପ୍ରସଙ୍ଗରେ ସଇତାନ, ତାର ଆକ୍ରମଣ ଓ ତାର ପ୍ରଲୋଭନରୁ ବଂଚିବାର ରାସ୍ତା ।)

**ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ପଂଚମ[ଅ.ବ]**
**(ପ୍ରଦତ୍ତ:୧୮ ମାର୍ଚ୍ଚ ୨୦୧୬ ଅନୁଯାୟୀ ୧୧ ଅମାନ ୧୩୯୫ହି.ଶ)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

କେତେବେଳେ ପିତାମାତା ନିଜ ପିଲାମାନଙ୍କୁ ବେଶ କଠୋର ଭାବରେ ଆକଟ କରିଥାନ୍ତି ତ କେତେବେଳେ ସେମାନଙ୍କର ଦୋଷତ୍ରୁଟି ଆଦିକୁ ଅଣଦେଖା କରିଥାନ୍ତି । ଉଭୟ କ୍ଷେତ୍ରରେ ସେମାନଙ୍କ ଉପରେ ଖରାପ ପ୍ରଭାବ ପଡିଥାଏ ଏବଂ ପିଲାମାନେ ଭୁଲ ଠିକ ମଧ୍ୟରେ ତଫାତ୍ କରିପାରି ନଥାନ୍ତି । କଥା କଥାରେ ଅଯଥା ଆକଟ କରିବା ପିଲାମାନଙ୍କୁ ବିଦ୍ରୋହି କରିଦେଇଥାଏ ଏବଂ ଏକ ନିର୍ଦ୍ଦିଷ୍ଟ ବୟସରେ ପହଂଚିବା ପରେ ସେମାନେ ପୁଣି ପିତାମାତାଙ୍କର ଉଚିତ୍ କଥାର ଅବମାନନା କରି ବସିଥାନ୍ତି । ସେହିପରି ପିଲାମାନଙ୍କ ପ୍ରତ୍ୟେକ ଦୋଷ ଦୁର୍ବଳତାକୁ ଅଣଦେଖା କରିବା,ସେମାନଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ଯୁବପିଢ଼ି ସହ ପିତାମାତାଙ୍କର ବିଶେଷ କରି ପିତାଙ୍କର ଏପରି ଆଚରଣ ସେମାନଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ଅତଏବ ଆଜି କାଲିର ଯୁବପିଢ଼ି ଯେ ନା କେବଳ ନିଜ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବରଂ ସମଗ୍ର ଦେଶ ତଥା ବିଶ୍ୱରେ ଘଟୁଥିବା ଘଟଣାମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ତେଣୁ ପିତାମାତା ପିଲାମାନଙ୍କୁ ଯେ କୌଣସି କଥା ପ୍ରମାଣର ସହ ବୁଝାଇବା ଉଚିତ୍ । ବିଶେଷ କରି ପିତାମାନେ ମନେରଖିବା ଉଚିତ ଯେ ଆମେ କେଉଁ ସ୍ଥଳେ ନରମ ଓ କେଉଁ ସ୍ଥଳେ କଠୋରତା ପ୍ରଦର୍ଶନ କରିବା ଏବଂ କିପରି ପିଲାମାନଙ୍କୁ ବୁଝାଇବା,ମା ମାନଙ୍କ ଉପରେ ଛାଡି ନିଶ୍ଚିନ୍ତ ହୋଇଯିବାର ନାହିଁ ।

ହଜରତ ମସିହ ମଉଦ[ଆ.ସ] ପିଲାମାନଙ୍କ ଚରିତ୍ର ଗଠନ ନିମନ୍ତେ କି ପ୍ରକାରର ପଦକ୍ଷେପ ନେଇଥାନ୍ତି ଏଥି ସମ୍ବନ୍ଧରେ ହଜରତ ମୁସଲେଃ ମଉଦ [ର.ଅ] ଏକ ଘଟଣାର ଚର୍ଚ୍ଚା କରିଛନ୍ତି । ହଲାଲ ଓ ହରାମ ସମ୍ବନ୍ଧରେ କୁହନ୍ତି ମନେରଖିବା ଉଚିତ ଯେ ଅଲ୍ଲାଃତାଲା ଭିନ୍ନ ଭିନ୍ନ ପ୍ରାଣୀ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ସୃଷ୍ଟି କରିଛନ୍ତି । କେତେକଙ୍କ ସୁନ୍ଦର ବର୍ଣ୍ଣ ଏବଂ ସ୍ୱର ଆମ ମନକୁ ମୁଗ୍ଧ କରିଥାଏ ତ କେତେକଙ୍କର ମାଂସ ଆମ ଶରୀରକୁ ଶକ୍ତି ଯୋଗାଇଥାଏ ଓ କେତେକଙ୍କର ମାଂସରେ ରୋଗ ପ୍ରତିରୋଧକ ଶକ୍ତି ରହିଥାଏ । ତେଣୁ କେବଳ ହଲାଲ ଜାଣି ସବୁକିଛି ଖାଇବା ଉଚିତ ନୁହେଁ । ହୋଇପାରେ ଯେ ଗୋଟିଏ ପଶୁର ମାଂସ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇ ନପାରେ କିନ୍ତୁ ସେ ଯେପରି କିଛି ଫସଲ ବା ମଣିଷ ମଧ୍ୟରେ ରୋଗ ଜନ୍ମ କରିବା କୀଟକୁ ଖାଇଥାଏ ।

(ସେଥିଯୋଗୁଁ କିଛି ପକ୍ଷୀ ଅଛନ୍ତି ଯାହା ଖାଇବା ପାଇଁ ହଲାଲ ହୋଇଥିଲେ ମଧ୍ୟ ସରକାର ସେମାନଙ୍କୁ ମାରିବା ପାଇଁ ଅନୁମତି ଦେଇ ନଥାନ୍ତି ।) ପାକିସ୍ତାନରେ ମଧ୍ୟ ମାରିବା ମନା ଅଛି କାରଣ ଏହା ଫସଲରେ ଲାଗିଥିବା ପୋକକୁ ଖାଇଥାଏ । ସେଥିଯୋଗୁଁ କହିଲେ "କୀଟ ଖାଉଥିବା ପକ୍ଷୀ")

ମାଂସ ନିମନ୍ତେ ତାର ମାଂସ ହଲାଲ୍ (ବୈଧ) ଏବଂ ଶୁଦ୍ଧ ହୋଇଥିଲେ ମଧ୍ୟ ମଣିଷର ଉପକାର ପାଇଁ ଏହାର ମାଂସ ବୈଧ ନୁହେଁ । ଯଦିଓ କେତେକ ପ୍ରାଣୀ ହଲାଲ ହେବା ସହ ତୟବ (ସ୍ୱାସ୍ଥ ପକ୍ଷେ ହିତକର) ଅଟନ୍ତି ତଥାପି ଆମକୁ ଦେଖିବା ଉଚିତ ଯେ ସେଥିରୁ ଆମକୁ ଅଧିକ ଉପକାର କିପରି ମିଳିବ । ନିଜ ସ୍ୱାର୍ଥ ଓ ଉପକାରକୁ ମାନବ ଜାତିର କଲ୍ୟାଣ ପାଇଁ ବଳିଦାନ କରିବା ଉଚିତ । ଆମ ସ୍ୱାର୍ଥ ପାଇଁ ଉକ୍ତ (ପ୍ରାଣୀଗୁଡ଼ିକୁ) ଖାଇଦେଲେ ଅନ୍ୟମାନଙ୍କର ଯେଉଁ ଉପକାର ସାଧିତ ହୋଇଥାନ୍ତା ସେଥିରୁ ସେମାନେ ବଂଚିତ ରହି ଯିବେ । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ପିଲାଦିନେ ମୋତେ ଏକ ଶିକ୍ଷା ଦିଆ ଯାଇଥିଲା । ଥରେ ମୁଁ ଏକ ଶୁଆ ଶିକାର କରି ଆଣିଲି । ହଜରତ ମସିହ ମଉଦ[ଆ.ସ] ତାହାକୁ ଦେଖି କହିଲେ ମହମୁଦ ! ଏହାର ମାଂସ ଯଦିଓ ହରାମ ନୁହେଁ, କିନ୍ତୁ ଅଲ୍ଲାଃତାଲା ସମସ୍ତ ପ୍ରାଣୀ ଖାଇବା ନିମନ୍ତେ ସୃଷ୍ଟି କରିନାହାନ୍ତି । କେତେକ ସୁନ୍ଦର (ପକ୍ଷୀ) ଯାହାକୁ ଦେଖିଲେ ଆମେ ଆନନ୍ଦିତ ହୋଇଥାଏ ତ କେତେକଙ୍କ ସ୍ୱର ଆମ ମନକୁ ପ୍ରଫୁଲ୍ଲିତ କରିଥାଏ । ସୁତରାଂ ଅଲ୍ଲାଃ ମନୁଷ୍ୟର ପ୍ରତ୍ୟେକ ଇନ୍ଦ୍ରିୟ ନିମନ୍ତେ ଭିନ୍ନ ଭିନ୍ନ ଉପାଦାନ ପ୍ରଦାନ କରିଛନ୍ତି । ତେଣୁ ସେସବୁ କେବଳ ପାଟିରେ ଦେଇଦେବା ଠିକ୍ ହେବ ନାହିଁ । ଅର୍ଥାତ୍ ଜିହ୍ୱାର ଲାଳସାରେ ପ୍ରତ୍ୟେକ ଜୀବକୁ ମାରି ଖାଇବା ଆବଶ୍ୟକ ନୁହେଁ । ଏହାର ଅନ୍ୟ ଲାଭ ଗୁଡ଼ିକୁ ଦେଖିବା ଉଚିତ । କେବଳ ନିଜ ଖାଦ୍ୟର ସ୍ୱାଦକୁ ଦେଖିଲେ ହେବନାହିଁ । ପୁଣି କହିଲେ ଯେ ଦେଖ ଶୁଆ କେତେ ସୁନ୍ଦର ପ୍ରାଣୀ ଅଟେ । ହଜରତ୍ ମସିହ୍ ମଉଦ[ଆ: ସ] ହଜରତ୍ ମୁସ୍‌ଲେହ୍ ମଉଦ[ର:ଅ] ଙ୍କୁ କହୁଛନ୍ତି ଦେଖ ଏ ଶୁଆ କେତେ ସୁନ୍ଦର ପ୍ରାଣୀ ଅଟେ । ଗଛରେ ବସିଥିବା ସମୟରେ ଲୋକଙ୍କୁ କେତେ ଭଲ ଲାଗେ ।

(ତଫସିର୍ -ଏ- କବୀର ଭାଗ-୪ ପୃଷ୍ଠା-୨୬୩)

ଅତଏବ ଶିକ୍ଷା ଦେବାର ଏପରି ସୁନ୍ଦର ପ୍ରଣାଳୀ ମାତ୍ର ହୃଦୟକୁ ସ୍ପର୍ଶ କରିନଥାଏ ବରଂ ଅଲ୍ଲାଃଙ୍କ ଆଦେଶ ସଦାସର୍ବଦା ପାଇଁ ମନେରହି ଯାଇଥାଏ କି ହଲାଲ ଓ ତୟବ ଖାଦ୍ୟ ଖାଇବାରେ ମଧ୍ୟ ସର୍ତକତା ଅବଲମ୍ବନ କରିବା ଆବଶ୍ୟକ । ଆଲ୍ଲାଃତାଲା ହଲାଲର୍ ଆଦେଶ ଦେଇଛନ୍ତି, ତୟବ (ଶୁଦ୍ଧତା)ର ମଧ୍ୟ ଆଦେଶ ଦେଇଛନ୍ତି, କିନ୍ତୁ ତୟବର ପରିଭାଷା କେତେକ ସ୍ଥଳେ ବଦଳି ଯାଏ । ଏଥିଯୋଗୁଁ ଯେଉଁ ପ୍ରାଣୀ ବା ପକ୍ଷୀ ଅନ୍ୟ ଉପଯୋଗୀ କାମରେ ବ୍ୟବହାର ହେଉଥାନ୍ତି ବା ଅନ୍ୟଲାଭରେ ନିୟୋଜିତ ହୋଇଥାନ୍ତି ସେମାନଙ୍କ ମଧ୍ୟରୁ କିଛି ହଲାଲ୍ ହେବା ସତ୍ତ୍ୱେ ମଧ୍ୟ ତୟବ ହୋଇନଥାନ୍ତି । କାରଣ ସେମାନଙ୍କ ମାଂସ ଖାଇବା ଅପେକ୍ଷା ସେମାନଙ୍କର ଅନ୍ୟଲାଭ ଗୁଡିକ ଅତ୍ୟଧିକ ଅଟେ । ଏଥି ସମ୍ବନ୍ଧରେ ହଜରତ ମୁସଲେଃ ମଉଦ[ର.ଅ] ଆଉ କିଛି ଘଟଣାର ଚର୍ଚ୍ଚା କରିଛନ୍ତି । ହଜରତ ମସିହ ମଉଦ[ଆ.ସ] ଙ୍କର ଆଗମନର ଉଦ୍ଦେଶ୍ୟ ବିଦ୍‌ଅତ(କୁପ୍ରଥା)ର ଉଚ୍ଛେଦ କରିବା ସହ ଲୋକମାନଙ୍କୁ ଇସଲାମର ସୁନ୍ଦର ଶିକ୍ଷାର ଦର୍ଶନ କରାଇବା ଥିଲା । ଅତଏବ ଯେତେବେଳେ ଆପଣଙ୍କର

ଉଦ୍ଦେଶ୍ୟ ଏହା ଥିଲା ତେବେ କିପରି ସମ୍ଭବ ଯେ ଆପଣ ଏହିପରି ଆଉ କିଛି ନୂତନ ପ୍ରଥା ପ୍ରଚଳନ କରିବା ଆରମ୍ଭ କରିଦେବେ (ନଉଯୁବିଲ୍ଲାଃ) । ହଜରତ ମୁସଲେଃ ମଉଦ [ର.ଅ] କୁହନ୍ତି ହଜରତ ମସିହ ମଉଦ[ଆ.ସ] ଲୋକମାନଙ୍କ ସତ୍‌ପଥ ପ୍ରାପ୍ତି ନିମନ୍ତେ ନିଜର ଫଟୋ ଉଠାଇଲେ କିନ୍ତୁ ଯେତେବେଳେ ଗୋଟିଏ କାର୍ଡରେ କିମ୍ବା ପୋଷ୍ଟକାର୍ଡରେ ଆପଣଙ୍କୁ ଏହି ଫଟୋ ଦିଆଗଲା, ତାହାକୁ ଆପଣ ବାରଣ କଲେ ଓ କହିଲେ ଏହାର ଅନୁମତି ଦିଆଯାଇ ପାରିବ ନାହିଁ । ପୁଣି ଜମାଅତର ଲୋକଙ୍କୁ ନିର୍ଦ୍ଦେଶ ଦେଲେ ଯେ,କୌଣସି ବ୍ୟକ୍ତି ଏପରି କାର୍ଡ କିଣିବେ ନାହିଁ । ସେତେବେଳେ କେହି ଏହି ଆଦେଶ ଅମାନ୍ୟ କରିବାର ଦୁଃସାହସ କଲେ ନାହିଁ କିନ୍ତୁ ଆଜିକାଲି କେତେକ ସ୍ଥାନରେ ଟୁଇଟର ଓ ଓାଟସ୍‌ଆପରେ ଲୋକେ କାର୍ଡ ଯୋଗେ ଆପଣଙ୍କ ଫଟୋ ବାହାର କରିବାକୁ ଚେଷ୍ଟା କରୁଛନ୍ତି । ନିଜ ମୁରବୀଜନ ଓ ପୁରୁଣା ଦୋକାନ କିମ୍ବା ପୁସ୍ତକମାନଙ୍କରୁ ହୁଜୁରଙ୍କର ଫଟୋ ସଂଗ୍ରହ କରି ଏପରି କରୁଛନ୍ତି । ସେମାନଙ୍କୁ ମନେରଖିବା ଉଚିତ ଯେ ଏସବୁ କରିବା ମନା ଅଟେ । ଦେଖ ହଜରତ ମସିହ ମଉଦ[ଆ.ସ] ଦୂରଦୂରାନ୍ତରେ ବିଶେଷକରି ୟୁରୋପରେ ରହୁଥିବା ଲୋକମାନଙ୍କ ସତ୍‌ପଥ ପ୍ରାପ୍ତି ନିମନ୍ତେ ଫଟୋ ଉଠାଇଥିଲେ କାରଣ ସେମାନେ ଚେହେରା ଦେଖି ସତ୍ୟର ସନ୍ଧାନ କରିନେଇଥାନ୍ତି । କିନ୍ତୁ ଯେତେବେଳେ ଆପଣ ଦେଖିଲେ କି ଲୋକେ ଏହାକୁ କାର୍ଡରେ ଛପାଇ କାରବାର କରିବା ଆରମ୍ଭ କଲେ ଓ ଆପଣ ଅନୁଭବ କଲେ କି ଏକ ନୂତନ ପ୍ରଥାର ପ୍ରଚଳନ ହେବାରେ ଲାଗିଲାଣି ,ସେତେବେଳେ ସଙ୍ଗେ ସଙ୍ଗେ ଏଥିରୁ ନିବୃତ ରହିବା ପାଇଁ ନିର୍ଦ୍ଦେଶ ଦେଲେ ଓ ନିଜେ ଏପରି କେତେ ଗୁଡାଏ ଫଟୋ ନଷ୍ଟ କରିଦେଲେ । ଅତଏବ ଯେଉଁମାନେ ଫଟୋ କାରବାର କରୁଛନ୍ତି ଏବଂ ହୁଜୁରଙ୍କ ଫଟୋକୁ ମନଇଛା ମୂଲ୍ୟ ନିର୍ଦ୍ଧାରଣ କରି ବିକ୍ରି କରୁଛନ୍ତି । ସେମାନଙ୍କୁ ହୁଜୁରଙ୍କ ଆଦେଶ ସର୍ବଦା ମନେ ରଖିବା ଉଚିତ । ପୁଣି କେତେକ ହୁଜୁର[ଆ.ସ] ଙ୍କ ଫଟୋରେ ରଙ୍ଗ ଭରିଥାନ୍ତି ଅଥଚ ଆପଣଙ୍କର କୌଣସି ରଙ୍ଗିନ ଫଟୋ ନାହିଁ । ସେମାନଙ୍କୁ ଏପରି କରିବାରୁ ନିବୃତ ରହିବା ଉଚିତ । ସେହିପରି ଖଲିଫାମାନଙ୍କ ଫଟୋ ମଧ୍ୟ ବ୍ୟବହାର କରିବାରେ ସତର୍କତା ଅବଲମ୍ବନ କରିବା ଉଚିତ ।ଏକଦା ହଜରତ ମୁସଲେଃ ମଉଦ[ର.ଅ] ଙ୍କ ସମ୍ମୁଖରେ (ଶୁରାରେ) ସେମିନାର ଓ ବାଇସ୍କୋପ ସମ୍ବନ୍ଧରେ ଚର୍ଚ୍ଚା ହେଲା ଆପଣ କହିଲେ ହଜରତ ମସିହ ମଉଦ[ଆ.ସ] ନିଜେ ଫୋନୋଗ୍ରାଫ ଶୁଣିଛନ୍ତି । ବରଂ ଏଥି ସମ୍ବନ୍ଧରେ ଆପଣଙ୍କର ଏକ କବିତା ଅଛି,ଯାହାକି ଆପଣ ନିଜ ହିନ୍ଦୁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ଶୁଣାଇଥିଲେ ତାହାର ପ୍ରାରମ୍ଭିକ ପଂକ୍ତି ଏହିପରି ଅଟେ -

**ଆଓାଜ ଆରହିହେ ଫୋନୋଗ୍ରାଫ ସେ,**
**ଢୁଣ୍ଡୋ ଖୁଦାକୋ ଦିଲ ସେ ନା ଲାଫୋ ଗୁଜାଫ୍ ସେ ॥**

ଅତଏବ ସିନେମା ମୂଳରୂପେ ମନ୍ଦ ନୁହେଁ । ଅନେକ ଲୋକ ପ୍ରଶ୍ନ କରିଥାନ୍ତି କି ଏପରି ସ୍ଥାନକୁ ଯିବା ପାପ ଅଟେ କିନ୍ତୁ ବର୍ତ୍ତମାନ ଯୁଗରେ ତାହା ଯେଉଁ ଭିନ୍ନ ରୂପ ନେଇଚାଲିଛି,ଚରିତ୍ର ନଷ୍ଟ କରିବା ପାଇଁ ଯଥେଷ୍ଟ ଅଟେ । ଯଦି କୌଣସି ଚଳଚିତ୍ର ସଂପୂର୍ଣ୍ଣ ରୂପେ ତବଲିଗ କିମ୍ବା ଉତମ ଶିକ୍ଷା ପ୍ରଦାନ କରିବା ଉପରେ ଆଧାରିତ ଥାଏ ଏବଂ ସେଥିରେ କୌଣସି ଭାଗ ଡ୍ରାମା ବା ତାମସା ନଥାଏ ତେବେ ତାହା ମନା ନୁହେଁ । ସୁତରାଂ ହୁଜୁରଙ୍କ ଏପରି ସ୍ୱଷ୍ଟ କଥନ ପରେ ଯେଉଁମାନେ କହୁଛନ୍ତି କି ଏମ.ଟି.ଏ କିମ୍ବା ଭୟସ୍ ଅଫ ଇସଲାମ(ଜମାତ୍‌ର ରେଡିଓ)ର କାର୍ଯ୍ୟକ୍ରମଗୁଡିକରେ ଯଦି ବାଦ୍ୟଯନ୍ତ୍ରମାନ ପରିବେଷଣ କରାଯାଏ ତେବେ କୌଣସି ଅସୁବିଧା ନାହିଁ ,ସେମାନଙ୍କର ଭ୍ରମ ଦୂର ହେବା ଉଚିତ । ଏପରି ପ୍ରଥାର ଉଚ୍ଛେଦ ନିମନ୍ତେ ହଜରତ ମସିହ ମଉଦ[ଆ.ସ] ଙ୍କର ଆବିର୍ଭାବ ହୋଇଥିଲା । ତେଣୁ ଆମ ଚିନ୍ତାଧାରାକୁ ଏଥି ମୁତାବକ କରିବା ଉଚିତ ଯେପରି ହୁଜୁର[ଆ.ସ] ଙ୍କର ଉଦ୍ଦେଶ୍ୟ ଥିଲା । ଆଧୁନିକ ଉପକରଣ ଗୁଡିକର ବ୍ୟବହାର କରିବା ମନା ନୁହେଁ କିନ୍ତୁ ସେଗୁଡିକର ଅପବ୍ୟବହାର ମନା ଅଟେ । ଜମାତ୍‌ର କେତେକ ବ୍ୟକ୍ତି ମତ ପୋଷଣ କରିଥାନ୍ତି କି ଡ୍ରାମା ମାଧ୍ୟମରେ ତବଲିଗ କଲେ ଅନ୍ୟମାନେ ବେଶ ପ୍ରଭାବିତ ହୁଅନ୍ତେ । ସେମାନଙ୍କୁ ମନେରଖିବା ଉଚିତ ଯେ,ଯଦି କୌଣସି ଭୁଲ ମାର୍ଗରେ ଆମେ ପାଦ ଦେବା କିମ୍ବା ଖରାପ କଥାକୁ ନିଜ କାର୍ଯ୍ୟକ୍ରମରେ ସ୍ଥାନ ଦେବା ତେବେ ସେଥିରୁ ସହସ୍ର କିସମର ବିଦ୍‌ଅତ ମୁଣ୍ଡଟେକି ଉଠିବ । ଅନ୍ୟମାନଙ୍କ କଥା କହିଲେ,ବୋଧହୁଏ ସେମାନଙ୍କ ମତରେ କୋରାନ ପାଠ ସହ ସଙ୍ଗୀତ ପରିବେଷଣ କରିବାରେ କିଛି ଅସୁବିଧା ନାହିଁ । କିନ୍ତୁ ଜଣେ ଅହମଦି ଏପରି ପ୍ରଥା ବିରୁଦ୍ଧରେ ସର୍ବଦା ସ୍ୱର ଉତୋଳନ କରିବା ଏବଂ ଏପରି କାର୍ଯ୍ୟରୁ ନିବୃତ ରହିବା ଉଚିତ । ଜଣେ ଗୈର ଅହମଦୀ ଖବର କାଗଜରେର ଏକ ଲେଖା ଲେଖିଲେ ଯାହା ହାସ୍ୟାସ୍ପଦ ଅଟେ । ଏଥିରୁ ଜଣେ ମୌଲବି ସାହେବ୍‌ଙ୍କର ଅଜ୍ଞାନତା ବାରି ହୋଇଯାଉଛି । ସଙ୍ଗେ ସଙ୍ଗେ ତାଙ୍କର ଚିନ୍ତାଧାରା ମଧ୍ୟ ଜାଣି ହୋଇଯାଉଛି ଯେ ସେ ଏହି କଥାକୁ ବୈଧ ଭାବୁଛନ୍ତି । ସେଥିଯୋଗୁଁ ଲେଖିଲା ବାଲା ଲେଖୁଛନ୍ତି ଯେ ଗୋଟିଏ ଯାଗାରେ ଜଣେ ଆରବୀୟ ଗାୟିକା ମ୍ୟୁଜିକ୍ ସାଙ୍ଗରେ ଗୀତ ଗାଉଥିଲେ ମୌଲବି ସାହେବଙ୍କୁ ସେଠାରେ ପହଂଚାଇ ଦିଆଗଲା । ସେ ବହୁତ ଝୁମି ଝୁମି ସେ ସବୁ ଶୁଣୁଥିଲେ । ତାଙ୍କୁ ପଚରାଗଲା ଯେ ଆପଣ ଏ ଆରବୀୟଙ୍କ (ସଙ୍ଗୀତରେ) ଏତେ ବିଭୋର କଣ ପାଇଁ ? କହିଲେ "ସୁବ୍‌ହାନଲ୍ଲାହ" ଏବଂ ସୁବହାନ୍‌ଲ୍ଲାହ ସହିତ ମାଶାଆଲ୍ଲାହ ଏବଂ ଅଲ୍ଲାହ ଅକ୍‌ବର୍ ପଢି ଚାଲନ୍ତୁ ।" ପୁଣି ସେ ପଚାରିଲେ ଆପଣ ନାଚୁଛନ୍ତି କଣ ପାଇଁ (ମୌଲବି ସାହେବ୍) କହିଲେ ଦେଖୁନାହାଁନ୍ତି ଆପଣ କେଡେ ସୁନ୍ଦର ସ୍ୱରରେ କୋରାନ ପାଠ କରୁଛନ୍ତି । ସେହି ଗୀତକୁ ସେ କୋରାନ ବୋଲି ଭାବିଲେ କାରଣ ତାହା ଆରବୀ ଭାଷାରେ ଥିଲା । କାରଣ ଯେତେବେଳେ ଏପରି ପ୍ରଥା ପ୍ରଚଳିତ ହୋଇଥାଏ ସେତେବେଳେ ମଣିଷର ଚିନ୍ତାଧାରା ମଧ୍ୟ ଏଥି ମୁତାବକ ବଦଳି ଯାଇଥାଏ ।

ଡାକ୍ତରମାନଙ୍କ ଚର୍ଚ୍ଚା କରି ଅପଣ କୁହନ୍ତି ଭାରତର ୯୯ଭାଗ ଡାକ୍ତର ଅନ୍ୟ ସହ ପରାମର୍ଶ କରିବାକୁ ନିଜର ସମ୍ମାନ ହାନି ମନେକରିଥାନ୍ତି । ବିଶେଷ କରି ଭାରତରେ ଡାକ୍ତର ମାନେ ଭାବନ୍ତି ଯେ ସେ ହିଁ କେବଳ ରୋଗୀର ଚିକିତ୍ସା କରିପାରିବେ । ଅନ୍ୟ କୌଣସି ଡାକ୍ତରଙ୍କୁ ଦେଖେଇବା ଆବଶ୍ୟକ ନୁହେଁ । ଏବଂ କାହାର ପରାମର୍ଶ ନେବା ମଧ୍ୟ ଆବଶ୍ୟକ ନାହିଁ ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି ହଜରତ ମସିହ ମଉଦ[ଆ.ସ] ଉଭୟ ଡାକ୍ତର ଓ ବୈଦ୍ୟମାନଙ୍କ ସହ ପରାମର୍ଶ କରି ଡାକ୍ତରି ଓ ଚେରମୂଳୀ ଔଷଧ ବ୍ୟବହାର କରୁଥିଲେ । ମୁଁ ମଧ୍ୟ ୧୯୧୮ମସିହାରେ ରୋଗାକ୍ରାନ୍ତ ଥିବାବେଳେ ଏହି ପଦ୍ଧତି ଆପଣାଇ ଥିଲି । କାରଣ ଜଣା ନାହିଁ ଅଲ୍ଲାଃ କେଉଁ ମାଧ୍ୟମରେ ଆରୋଗ୍ୟ ପ୍ରଦାନ କରିବେ । ଯଦି କେହି ଡାକ୍ତର ନିଜକୁ ଇଶ୍ୱର ମନେକରୁଥାଏ ତେବେ କରୁଥାଉ ଆମେ ତ ତାକୁ ଏକ ସାଧାରଣ ମଣିଷ ବିବେଚନା କରିବା । **(ଖୁତ୍‌ବାତେ ମହମୁଦ୍,ଖଣ୍ଡ-୧୪,ପୃଷ୍ଠା-୧୨୯)**

ଏହିପରି ଆଜିକାଲି ମଧ୍ୟ କିଛି ଡାକ୍ତର ନାରାଜ ହୋଇଯାଉଛନ୍ତି । ଯାହା ବହୁତ ଖରାପ ଢଙ୍ଗ ଅଟେ । ଯେ ଅନ୍ୟ ପାଖରେ ଚିକିତ୍ସା କାହିଁକି କଲେ ? କେତେକ ସମୟରେ ଏକ ସାଧାରଣ ଲୋକ ମଧ୍ୟ କିଛି ଚେରମୂଳିର ବିଶେଷ ପ୍ରୟୋଗ ପ୍ରଣାଳୀ ଜାଣି ବେଶ ଭଲ ଚିକିତ୍ସା କରିଥାଏ ଏବଂ ଯେଉଁଠାରେ ବଡ ବଡ ଡାକ୍ତର ହାରିଯାଇଥାନ୍ତି ସେଠାରେ ଉକ୍ତ ବ୍ୟକ୍ତିର ଔଷଧ କାମ କରିଯାଇଥାଏ । ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ଏକଦା କୌଣସି କାରଣ ବସତଃ ସୟଦ ଅହମଦ ନୁର ସାହେବଙ୍କ ନାକରେ ଆଘାତ ଲାଗିଯାଇଥିଲା ସେଥିପାଇଁ ସେ ଅନେକ ସ୍ଥାନରେ ଚିକିତ୍ସା କରାଇଲେ । ଏପରିକି ଲାହୋର ମେଓ ଚିକିତ୍ସାଳୟରେ x-ray ପରୀକ୍ଷା କରି ଚିକିତ୍ସିତ ହେଲେ,ତଥାପି ଅବସ୍ଥାରେ ସୁଧାର ଆସିବା ପରିବର୍ତେ ଗୁରୁତ୍ୱର ହେବାକୁ ଲାଗିଲା । ଶେଷରେ ସେ ପେଶାୱର ଯାଇ ଜଣେ ଭଣ୍ଡାରୀ ପାଖରେ ନିଜର ଚିକିତ୍ସା କରାଇଲେ । ସୌଭାଗ୍ୟ ବଶତଃ ସେ ମାତ୍ର ତିନି ଦିନରେ ତାଙ୍କୁ ଆରୋଗ୍ୟ କରିଦେଲେ । ଆପଣ କୁହନ୍ତି ଏବେ ମଧ୍ୟ ଏପରି ଅନେକ ବିଶେଷଜ୍ଞ ଅଛନ୍ତି ଯେଉଁମାନଙ୍କୁ ଏପରି ଚିକିତ୍ସା ପଦ୍ଧତି ଜଣା । ଯଦି ସେଗୁଡିକୁ ଜୀବିତ ରଖାଯାଏ ତେବେ ତାହା ଦ୍ୱାରା ଆହୁରି ଅନେକ ରୋଗର ନିରାକରଣ କରାଯାଇ ପାରନ୍ତା । ଜୀବିତ ରଖିବାର ଉଦ୍ଦେଶ୍ୟ ଏହା ଅଟେ ଯେ ଏହାଦ୍ୱାରା ଗବେଷଣା ହୋଇପାରିବ । ଏବଂ ତାଙ୍କୁ ଧ୍ୟାନ ଦେବା ଉଚିତ ଯେ ତାଙ୍କ ଔଷଧ ନିର୍ଦ୍ଧାରଣର ବ୍ୟବସ୍ଥା ଆଗକୁ ଜାରି ରହୁ । କିନ୍ତୁ ଏହା କଣ ହେଉଛି ? ତୃତୀୟ ଦୁନିଆଁର ଦେଶଗୁଡିକରେ ଏହାକୁ ଜାଣିବା ବାଲା ଲୋକେ ଏହାକୁ ଜୀବିତ ରଖିବା ପାଇଁ ଚେଷ୍ଟା କରୁନାହାଁନ୍ତି ତେଣୁ ସେମାନେ ଉନ୍ନତି କରିପାରୁନାହାଁନ୍ତି । ଯଦି ସେମାନଙ୍କ ପ୍ରତି ଲୋକେ ଧ୍ୟାନ ଦିଅନ୍ତେ ତାହେଲେ ଆଗକୁ ଆହୁରି ଅଧିକା ପେଶା ବାହାରି ପାରନ୍ତା । ଆପଣ କହୁଛନ୍ତି ଯେ ହାଡ ଠିକ୍ କରିବାର ପଦ୍ଧତି, ପହଲମାନ୍ ଏବଂ ଭଣ୍ଡାରୀ ଏହାକୁ ଜାଣିଛନ୍ତି । ଏହାଦ୍ୱାରା ପୁରୁଣା ଦରଦ ଏବଂ ବଙ୍କା ହାଡକୁ ଠିକ୍ କରା ଯାଇପାରିବ । କିଛି ଲୋକେ ଏହାର ଦକ୍ଷ ଅଟନ୍ତି । କିଛି ଲୋକେତ ଭଲ ହାଡକୁ ଭାଙ୍ଗି ଦେଇଥାନ୍ତି । କିନ୍ତୁ କିଛି ଲୋକେ ଏଥିରେ ନିପୁଣ ଅଟନ୍ତି । ତେଣୁ ଏହାକୁ ଶିଖିକରି ପ୍ରସାରିତ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଏ ସମ୍ବନ୍ଧରେ ଆପଣ କହୁନ୍ତି ଯେ ପୁରୁଣା ଯୁଗରେ ଲୋକମାନେ ଏହି ବିଦ୍ୟାକୁ ସିଖେଇବାରେ କୃପଣତା ଦେଖାଉଥିଲେ ଏବଂ କେହି କାହାକୁ ସିଖାଉ ନଥିଲେ । ଏଥିପାଇଁ ତାହା ଶେଷ ହୋଇଗଲା । ବହୁତ ଗୁଡିଏ ବିଦ୍ୟା ବା ଜିନିଷ ଯାହା ପୁରୁଣା ଲୋକଙ୍କ ପାଖରେ ଥିଲା, କିଛି ଔଷଧ ପଦ୍ଧତି ଥିଲା ଯାହାକୁ ସେ ଏଥିପାଇଁ ସିଖାଉ ନଥିଲେ କି ଏହା ସମସ୍ତେ ଜାଣିଯିବେ, ତେଣୁ ତାହା ନଷ୍ଟ ହୋଇଗଲା, ୟୁରୋପୀୟମାନେ ଏପରି ନକରି ଏହାକୁ ସାର୍ବଜନିକ କରିଥାନ୍ତି ଏତଦ୍ ଦ୍ୱାରା ସେମାନେ ଅର୍ଥ ମଧ୍ୟ ଉପାର୍ଜନ କରିଥାନ୍ତି । କିଛି ଔଷଧ ପେଟେଂଟ ହୋଇଥାଏ କିନ୍ତୁ କିଛି ସମୟ ବିତିଗଲା ପରେ ଏହା ସାର୍ବଜନିକ ହୋଇଥାଏ ।

ହଜରତ ମସିହ ମଉଦ[ଆ.ସ] କୁହନ୍ତି ଏକ ଭଣ୍ଡାରୀ ଥିଲା ଯାହାକୁ ଏପରି ଚେରମୂଳିର ସୁତ୍ର ଜଣାଥିଲା ଯାହାର ପ୍ରୟୋଗ ଫଳରେ ବଡ ବଡ ଆଘାତ ଭଲ ହୋଇଯାଏ ଏବଂ ଦୂରଦୂରାନ୍ତରୁ ଲୋକେ ତାଙ୍କ ନିକଟକୁ ଚିକିତ୍ସା କରିବା ପାଇଁ ଆସନ୍ତି । ଉକ୍ତ ବ୍ୟକ୍ତିର ପୁତ୍ର ତାଙ୍କୁ ସେହି ଔଷଧର ପ୍ରସ୍ତୁତି ପ୍ରଣାଳୀ ପଚାରିଲା କିନ୍ତୁ ସେ ଉତର ଦେଲା ଏହାର ଜ୍ଞାନ ସଂସାରରେ ଦୁଇ ଜଣକୁ ହେବା ଉଚିତ ନୁହେଁ । ଏହା କେବଳ ମୋ ପାଖରେ ଥାଉ । ଶେଷରେ ବାର୍ଦ୍ଧକ୍ୟ ହେତୁ ସେ ରୋଗ ଶଯ୍ୟାରେ ପଡିଲା । ସେତେବେଳେ ପୁନଃ ତାଙ୍କ ପୁତ୍ର କହିଲା କି ବର୍ତମାନ ତ କହିଦିଅ । ଜୀବନର କୌଣସି ଭରଷା ନାହିଁ । ସେ କହିଲା ଯଦି ତୁ ଭାବୁଛୁ କି ମୁଁ ମରିଯିବି ତେବେ ମୁଁ ତାହାର ସୁତ୍ର କହିଦେଉଛି କିନ୍ତୁ ପୁଣି ଚିନ୍ତା କଲା ସମ୍ଭବତଃ ମୁଁ ସୁସ୍ଥ ହୋଇପାରେ । ତେଣୁ ସେ କହିଲା ନାହିଁ । କିଛି ସମୟ ପରେ ସେ ମୃତ୍ୟୁ ବରଣ କଲା । ତାହାର ପୁତ୍ର ପଚାରି ପଚାରି ରହିଗଲା କିନ୍ତୁ ଔଷଧର ସୁତ୍ର ଜାଣିପାରିଲା ନାହିଁ । ହୁଜୁର କୁହନ୍ତି କୃପଣତା ଉନ୍ନତିର ନୁହେଁ ବରଂ ଅବନତି ଓ ଦୁଃଖର ମୂଳମନ୍ତ୍ର । ତେଣୁ ଶିକ୍ଷା ଦେବା କ୍ଷେତ୍ରରେ କଦାପି କୃପଣ ହେବା ଉଚିତ ନୁହେଁ ବରଂ ତାହାର ପ୍ରସାର ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ । ଏପରି କଳା ଓ ସୁତ୍ର ହାନିକାରକ ନୁହେଁ ବରଂ ହିତକାରକ, ଯେଉଁଥିରେ ଶିକ୍ଷାର ମଧ୍ୟ ଉନ୍ନତି ସାଧିତ ହୋଇଥାଏ । ମୋର ଇଚ୍ଛା କି ଏପରି ଲୁକାୟୀତ ଥିବା ସୁତ୍ର ଓ କଳାକୁ ବିକାଶ ଧାରାରେ ଆଣି ଯୋଡିବା ଉଚିତ । ସୁତରାଂ ଡାକ୍ତରମାନଙ୍କର ପରସ୍ପର ପ୍ରତି ଥିବା ଈର୍ଷାପରାୟଣ ମନୋଭାବ,ଗର୍ବ ଆଦି କେଉଁଠାରେ ଅସୁବିଧାରେ ପକାଇଥାଏ ତ କେଉଁଠାରେ ମୁର୍ଖାମି ଯୋଗୁଁ ଉକ୍ତ ଶିକ୍ଷାକୁ ନାଶ କରିଥାଏ । ଯଦ୍ଦ୍ୱାରା ସଂସାରବାସୀ ସେଥିରୁ ଉପକୃତ ହେବାରୁ ବଂଚିତ ରହିଯାଇଥାନ୍ତି । ସାଧାରଣତଃ ଅର୍ଦ୍ଧ ବିକଶିତ ଓ ବିକଶିତ ରାଷ୍ଟ୍ରମାନଙ୍କରେ ଏପରି ଘଟିଥାଏ । ତେଣୁ ଆମ ଜମାଅତ ଏପରି ଚିନ୍ତାଧାରାର ଦୂରିକରଣ ନିମନ୍ତେ ବିଶେଷ ଧ୍ୟାନ ଦେବା ଉଚିତ । ଦେଖ ସବୁ ଲୋକ ସମାନ

ପ୍ରବୃତିର ନଥାନ୍ତି କିଏ ନିଷ୍ଠାପରତାରେ ବେଶ ଆଗରେ ଥାଏ ତ କିଏ ମଧ୍ୟମ ଶ୍ରେଣୀର ଓ ଚଂଚଳ ସ୍ୱଭାବର । ଯଦିଓ ଉଦ୍ଦେଶ୍ୟ ମନ୍ଦ ନଥାଏ କିନ୍ତୁ କିଛି କଥାରେ ସେମାନେ ଏଭଳି ପ୍ରଶ୍ନ କିମ୍ବା କଥାବାର୍ତ୍ତା କରିବସନ୍ତି ଯେଉଁଥିରୁ ଆପତିର ଗନ୍ଧ ଆସିଥାଏ । ଏପରି କିଛି ଲୋକଙ୍କ ଚର୍ଚ୍ଚା କରି ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି ହଜରତ ମସିହ ମଉଦ[ଆ.ସ] ଙ୍କ ସମୟରେ ଏଭଳି ଦୁଇ ଭିନ୍ନ ସ୍ୱଭାବର ବ୍ୟକ୍ତି ଏକତ୍ରିତ ହେଲେ । ୧୯୦୫ ମସିହା ଅପ୍ରେଲ ମାସ ୪ ତାରିଖରେ ଯେଉଁ ଭିଷଣ ଭୂମିକମ୍ପ ହୋଇଥିଲା । ଯାହା ସମ୍ପର୍କରେ ହୁଜୁର[ଆ.ସ] ବାରମ୍ବାର ଐଶ୍ୱରିକବାଣୀ ପାଇ ଆଗରୁ ସୂଚନା ଦେଇ ଆସୁଥିଲେ ଏବଂ ଆପଣ ସପରିବାର ବଗିଚାକୁ (କିଛିଦିନ ପାଇଁ) ଚାଲିଯାଇଥିଲେ । ଏହି ସମୟରେ କେତେକ ଅଜ୍ଞ ବ୍ୟକ୍ତି କହିବା ଆରମ୍ଭ କରିଦେଲେ କି ଆପଣ ପ୍ଲେଗ ଭୟରେ ଏପରି କରିଛନ୍ତି । ଏହି ସମୟରେ ଆପଣଙ୍କ ଉପରେ ଭୂମିକମ୍ପ ସମ୍ପର୍କିତ ସ୍ୱର୍ଗବାଣୀ ମାତ୍ରାଧିକ ରୂପେ ହେଉଥିଲା । ଏଥି ଯୋଗୁଁ ଆପଣ ନିଷ୍ପତି ନେଲେ ଯେ କିଛି ଦିନ ବଗିଚାରେ ସମୟ କାଟିବେ । ଅନ୍ୟ ବନ୍ଧୁମାନଙ୍କୁ ମଧ୍ୟ ଆପଣ ବଗିଚାରେ ରହିବା ପାଇଁ ପ୍ରବର୍ତ୍ତାଇଲେ । ଶୀଘ୍ରତା ଦୃଷ୍ଟିରୁ ଆପଣ କିଛି ତମ୍ବୁର ବ୍ୟବସ୍ଥା କରାଇଲେ ଏବଂ କିଛି ଲୋକ ଇଟା ଉପରେ ଚଟେଇ ପକାଇ ଚାଳିମାନ ତିଆରି କରିଲେ ; ସମସ୍ତଙ୍କୁ ଆପଣ ନିଜ ସାଙ୍ଗରେ ରଖିଲେ ।

**( ଖୁତ୍‌ବାତେ ମହ୍‌ମୁଦ୍ ଖଣ୍ଡ ୧୪, ପୃଷ୍ଠା- ୧୧୩-୧୪)**

କିନ୍ତୁ ଏହା ସତ୍ୟ ନଥିଲା,ଆପଣ ପ୍ଲେଗ ଭୟରେ କଦାପି ବଗିଚାକୁ ଯାଇନଥିଲେ ଅତଏବ ଚଂଚଳ ସ୍ୱଭାବର ଲୋକେ,କେତେକ ସମୟରେ ଏପରି ମନଗଢା କଥା କହିବସନ୍ତି । ତେଣୁ ଏପରି କଥନରୁ ସର୍ବଦା ବନ୍ଧୁମାନଙ୍କୁ ନିବୃତ ରହିବା ଉଚିତ । ଖୁତବା ଇଲହାମିୟା ସମୟରେ ହଜରତ ମୁସଲେଃ ମଉଦ[ର.ଅ] ହୁଜୁର[ଆ.ସ] ଙ୍କର ଯେଉଁ ଜ୍ୟୋତିର୍ମୟ ଚେହେରାର ଝଲକ ଦେଖି ଥିଲେ । ତାହାର ଚର୍ଚ୍ଚା କରି କୁହନ୍ତି-ସେତେବେଳେ ବୟସ କମ୍ ହେତୁ ମୁଁ ଆରବୀ ବୁଝିପାରୁ ନଥାଏ କିନ୍ତୁ ମୋର ଭଲ ଭାବରେ ମନେଅଛି । ଆପଣଙ୍କ ମୁଖମଣ୍ଡଳ ଏପରି ସୁନ୍ଦର ଓ ଜ୍ୟୋତିରେ ପରିପୂର୍ଣ୍ଣ ଦିଶୁଥାଏ କି ଯଦିଓ ମୁଁ ବକ୍ତୃତାର ଗୋଟିଏ ଶବ୍ଦର ଅର୍ଥ ମଧ୍ୟ ବୁଝିପାରୁ ନଥାଏ ତଥାପି ବକ୍ତୃତାଟିକୁ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୁଣୁଥାଏ ।

କାଦିଆନ ସ୍ଥିତ ମସଜିଦ ମୁବାରକର ଗୁରୁତ୍ୱ ସମ୍ପର୍କରେ ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି କେତେକ ଲୋକ ପ୍ରଶ୍ନ କଲେ କି ଖୁତବା ଇଲହାମିୟା ସହ ହୁଜୁର[ଆ.ସ] ଙ୍କର ଯେଉଁ ପୁସ୍ତିକା ପ୍ରକାଶିତ ହୋଇଥିଲା ସେଥିରୁ ସ୍ପଷ୍ଟ ହେଉ ନାହିଁ ଯେ,ମସଜିଦ ମୁବାରକ କେଉଁଟି ଅଟେ । ଏହା ଶୁଣି ହଜରତ ମୁସଲେଃ ମଉଦ[ର.ଅ] ଖୁତବା ଇଲହାମିୟା ମଗାଇ ବୁଝାଇଲେ କି ଏଥିରେ ଏହି ମସଜିଦ (ମୁବାରକ) ସମ୍ପର୍କରେ ସୂଚନା ଦିଆଯାଇଛି । ଯାହାକି ହଜରତ ମସିହ ମଉଦ[ଆ.ସ] ନିର୍ମାଣ କରାଇଥିଲେ । ପୁଣି ଆପଣ କୁହନ୍ତି ଏକଦା ହଜରତ ଅମ୍ମାଜାନ[ର.ଅ] ପାଖାପାଖି ୪୦ ଦିନ ରୋଗ ଶଯ୍ୟାରେ ପଡିରହିଲେ । ତାଙ୍କର ଅବସ୍ଥା ଦେଖି ହୁଜୁର[ଆ.ସ] କହିଲେ ଏହି ମସଜିଦ ସମ୍ପର୍କରେ ଉକ୍ତ ଐଶ୍ୱରିକବାଣୀ ହୋଇଛି କି **ମୁବାରିକୁନ୍ ଓ ମୁବାରକୁନ୍ ଓ କୁଲ୍ଲୁ ଅମରିନ୍ ମୁବାରକିନ୍ ୟଜଅଲୁ ଫିହେ** ତେଣୁ ଚାଲ ସେହି ମସଜିଦରେ ଯାଇ ଔଷଧ ଖୁଆଇବା । ଅତଏବ ଏହିପରି କରାଗଲା ଓ ଏହାର ମାତ୍ର ଦୁଇ ଘଂଟା ଭିତରେ ହଜରତ ଅମ୍ମାଜାନ[ର.ଅ] ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ । ଡାକ୍ତରମାନଙ୍କୁ ଆପଣ ଉପଦେଶ ଦେଲେ ଯେ, ଧର୍ମସେବା ପ୍ରତି ଥିବା ନିଜ ନିଜର କର୍ତବ୍ୟ ସମ୍ପୂର୍ଣ୍ଣ କରିବା ଉଚିତ । ଏହି ସନ୍ଦର୍ଭରେ ଆପଣ କହୁଛନ୍ତି ଯେ ରୋଗୀଙ୍କ ଉପରେ ସଠିକ ଏବଂ ସତ୍ୟର ପ୍ରଭାବ ଖୁବ୍ ଶୀଘ୍ର ହୋଇ ଥାଏ । ହଜରତ ମସିହ୍ ମଉଦ[ଆ:ସ]ଙ୍କୁ ଜଣେ ଡାକ୍ତର ପଚାରିଲେ ମୁଁ ଧର୍ମ (ଦୀନ୍) ପାଇଁ କଣ ସେବା କରିପାରିବି । ମନେରଖ ରୋଗୀମାନଙ୍କ ଉପରେ ସତ୍ୟର ପ୍ରଭାବ ଖୁବ ଶିଘ୍ର ହୋଇ ଥାଏ । ହଜରତ ମସିହ ମଉଦ[ଆ.ସ]ଙ୍କୁ ଜଣେ ଡାକ୍ତର ପ୍ରଶ୍ନ କଲେ-ମୁଁ କିପରି ଧର୍ମସେବା କରିପାରିବି । ଆପଣ ଉତର ଦେଲେ ତୁମେ ରୋଗୀମାନଙ୍କୁ ଚିକିତ୍ସା କଲାବେଳେ ଧର୍ମ ସମ୍ବନ୍ଧରେ ଅବଗତ କରାଅ । ତାହା ଖୁବ ସୁନ୍ଦର ଅବସର,ସେହି ଅବସ୍ଥାରେ ରୋଗୀର ହୃଦୟ ଖୁବ ନରମ ଥାଏ । **(ଅନୱାରୁଲ ଓ୍ୱଲୁମ୍,ଖଣ୍ଡ-୧୩,ପୃଷ୍ଠା-୩୩୮)**

ସୁତରାଂ ଏହି ଚିନ୍ତାଧାରା ବର୍ତମାନ (ଆମ) ଡାକ୍ତରମାନଙ୍କୁ ମନେରଖିବା ଉଚିତ । ଏହି ଚିନ୍ତାଧାରା ସହ କର୍ମ କରିବା ଫଳରେ ସଂସାର ପ୍ରାପ୍ତ ହେବା ସହ ଧର୍ମ ପ୍ରତି ଥିବା ଆମର କର୍ତବ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଥାଏ । ଯାହାକି ଅଲ୍ଲାଃଙ୍କ କୃପା ହାସଲ କରିବାରେ ସହାୟ ହୋଇଥାଏ । ଆଜିକାଲି ୟୁରୋପରେ ଇସଲାମୀୟ ପରଦାକୁ ନେଇ ବେଶ ଚର୍ଚ୍ଚା ଚାଲିଛି ସେମାନଙ୍କ କହିବା କଥା, ମହିଳାମାନଙ୍କ ସଶକ୍ତିକରଣ ଓ ଆତଙ୍କବାଦକୁ ନିପାତ କରିବାରେ ଏହା ପ୍ରତିବନ୍ଧକ ସାଜିଛି । ପୁଣି ଏହି(ପରଦା)କୁ ନେଇ ସେମାନେ ଇସଲାମ ଉପରେ ଆପତି କରୁଛନ୍ତି । ଦେଖ ପବିତ୍ର କୋରାନରେ ଅଲ୍ଲାଃ ମହିଳାମାନଙ୍କ ରୂପ ଓ ସୌନ୍ଦର୍ଯ୍ୟ ସମ୍ବନ୍ଧରେ **ଇଲ୍ଲାଃ ମା ଜହରା ମିନହା (ନୁର୍-୩୨)**ଦର୍ଶାଇ ପରଦାର ସମସ୍ତ ଦିଗ ବର୍ଣ୍ଣନା କରି ଦେଇଛନ୍ତି କି ମହିଳାମାନେ କିପରି ଅବସ୍ଥାରେ କେଉଁ ପ୍ରକାରର ପରଦା କରିବା ଉଚିତ । ଉକ୍ତ ପଙ୍କ୍ତିଂର ସ୍ପଷ୍ଟିକରଣରେ ହଜରତ ମସିହ ମଉଦ [ଆ.ସ] ଯାହା କହିଛନ୍ତି ତାହାର ଚର୍ଚ୍ଚା କରି ହଜରତ ମୁସଲେଃ ମଉଦ[ର.ଆ] କୁହନ୍ତି-ଏହାର ଅର୍ଥ ଯେଉଁ ଅଙ୍ଗ ଆପେ ଆପେ ଉନ୍ମୁକ୍ତ ହୋଇଥାଏ, ଯେପରି ଶରୀରର ଉଚ୍ଚତା,ଯାହାକୁ ଚେଷ୍ଟା କରି ମଧ୍ୟ ପରଦା କରିବା ସମ୍ଭବ ହୋଇନଥା, ଏହାର ପ୍ରକାଶ କରିବାରେ ଶରିୟତ(ଧର୍ମ ବିଧାନ) ବାରଣ କରି ନଥାଏ । ସେହିପରି ଶରୀରର କୌଣସି ଅଙ୍ଗ ଚିକିତ୍ସା ଉଦ୍ଦେଶ୍ୟରେ ଡାକ୍ତରଙ୍କୁ ଦେଖାଇବାକୁ ପଡିଲେ ସେଥିରେ ମଧ୍ୟ କଟକଣା ନାହିଁ । କୁରୁଆନ୍ ଶିକ୍ଷା ଅନୁସାରେ ଏହା ପ୍ରକାଶ କରିହେବ । ଏ ସମ୍ବନ୍ଧରେ ହଜରତ୍ ମସିହ୍ ମଉଦ୍[ଆ:ସ] କହନ୍ତି ଯଦି କୌଣସି ସ୍ତ୍ରୀ ଲୋକଙ୍କୁ ଡାକ୍ତର କୁହନ୍ତି ଯେ ମୁହଁ ନ ଘୋଡାଇବା ପାଇଁ, ନିଜ ଚେହେରାକୁ ଆବୃତ ନ କରିବାକୁ, ଯଦି ଢାଙ୍କିବେ ସ୍ୱାସ୍ଥ୍ୟ ଖରାପ ହେବ ଏବଂ ଚଲାବୁଲା କରିବା ପାଇଁ କହନ୍ତି ଅର୍ଥାତ୍ ଯଦି ଡାକ୍ତର କୁହନ୍ତି ଚେହେରାକୁ ଖୋଲା ରଖି ବାହାରେ ବୁଲାବୁଲି କରନ୍ତୁ ନଚେତ ସ୍ୱାସ୍ଥ୍ୟ ଖରାପ ହୋଇଯିବ ତେବେ ଏହି ଅବସ୍ଥାରେର ଯଦି ସେହି ସ୍ତ୍ରୀ ଲୋକଟି ଚେହେରା ଖୋଲା ରଖେ ତାହା ଗ୍ରହଣ ଯୋଗ୍ୟ । କେତେକ ଫେଂକ୍‌ହା (ଇସ୍‌ଲାମୀୟ ଧର୍ମବେର୍ତାଙ୍କ ନିକଟରେ) "ଯଦି କୌଣସି ଗର୍ଭବତୀ ସ୍ତ୍ରୀକୁ ଭଲ ଧାଈ ନ ମିଳେ ଏବଂ ଡାକ୍ତର କୁହନ୍ତି ଯେ ଯଦି ସେ କୌଣସି ଅଭିଜ୍ଞ ଡାକ୍ତରଙ୍କୁ ଦେଖାଇ ପ୍ରସବ ନ କରାନ୍ତି ତାହେଲେ ତାଙ୍କ ଜୀବନ ପ୍ରତି ବିପଦ ଅଛି ।" ତା ହେଲେ ଏହି ଅବସ୍ଥାରେ ସେ ଯଦି କୌଣସି ପୁରୁଷ ଡାକ୍ତରଙ୍କ ଦ୍ୱାରା ପ୍ରସବ କରାନ୍ତି ତାହା ଉଚିତ ହେବ । ଏହି ଅବସ୍ଥାରେ ସ୍ତ୍ରୀ ଲୋକଟି ଯଦି ପୁରୁଷ ଡାକ୍ତରଙ୍କ ଦ୍ୱାରା ପ୍ରଶବ ନ କରାଇ ମୃତ୍ୟୁ ମୁଖରେ ପଡନ୍ତି ତା ହେଲେ ଅଲ୍ଲାଃତାଲାଙ୍କ ନିକଟରେ ସେ ଜଣେ ଆତ୍ମହତ୍ୟାକାରୀ ସଦୃଶ୍ୟ ପାପି ହୋଇବେ ।

ଏହିପରି ବାଧ୍ୟତା କାର୍ଯ୍ୟଅନୁସାରେ ମଧ୍ୟ ହୋଇପାରେ ଯେପରି ଜମିଦାର ଘରର ସ୍ତ୍ରୀମାନଙ୍କ ଦୃଷ୍ଟାନ୍ତ ମୁଁ ଦେଲି । ପ୍ରଥମେ ଏହି ଦୃଷ୍ଟାନ୍ତ ମୁସ୍‌ଲେହ୍ ମଉଦ୍[ର.ଅ] ମଧ୍ୟ ଦେଇ ସାରିଛନ୍ତି ଯଦି ସେମାନେ କାମ ନକରନ୍ତି ଏବଂ ଯେ ପର୍ଯ୍ୟନ୍ତ ସେମାନେ କାରବାରରେ ନିଜ ପୁରୁଷ ମାନଙ୍କୁ ସାହାଯ୍ୟ ନ କରନ୍ତି ତାଙ୍କ କାମ ଚଳି ପାରିବ ନାହିଁ । ଏହି ସବୁ କଥା "ଇଲ୍ଲା ମା ଜହରା" ରେ ନିହିତ ଅଛି । **(ତଫସସିର୍ କବିର୍ ଖଣ୍ଡ - ୬ ପୃଷ୍ଠା -୨୯୯)**

ସୁତରାଂ ଇସଲାମ ସ୍ୱାଧୀନତା ପ୍ରଦାନ କରିବା ସହ ସୀମା ମଧ୍ୟ ନିର୍ଦ୍ଧାରଣ କରିଅଛି । ଏମିତି ନାହିଁ କି ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରିଦେଇଛି । ଆବଶ୍ୟକ ସ୍ଥଳେ ପରଦା କମ କରିବା ଅର୍ଥାତ ସୀମିତ କରିବାର ଅନୁମତି ଦିଆଯାଇଛି । କିନ୍ତୁ ତତ୍‌ସହିତ ଅନୁଚିତ ଭାବରେ ଇସଲାମର ଆଦେଶ ଉଲଂଘନ କରିବାର କଦାପି କାହାରିକୁ ଅନୁମତି ନାହିଁ । ସ୍ୱାଧୀନତାର ଅର୍ଥ ନୁହେଁ ଯେ ନିର୍ଲଜ ପରି ଆଚରଣ କରିବ ।

ହଜରତ ମସିହ ମଉଦ[ଆ.ସ]ଙ୍କର ନିର୍ଦ୍ଦେଶ ଧାର୍ମିକ ଶିକ୍ଷା ଉପରେ ଗଭୀରତାର ସହ ଅନୁଧ୍ୟାନ କରିବା ସମ୍ପର୍କରେ ହଜରତ ମୁସଲେଃ ମଉଦ[ର.ଅ] କୁହନ୍ତି ମୁସଲମାନମାନଙ୍କ ସମସ୍ୟାର ମୂଳ କାରଣ ଏହା ଯେ ସେମାନେ ନିଜ ଶିକ୍ଷା ଉପରେ ଗଭୀରତାର ସହ ଅନୁଧ୍ୟାନ କରୁନାହାନ୍ତି । ଦେଖ ଧାର୍ମିକ ଶିକ୍ଷାରେ ଅନେକ ରହସ୍ୟ ଲୁକ୍କାୟିତ ଥାଏ । ତାହାକୁ ବୁଝିବା ପାଇଁ ଗଭୀର ଚିନ୍ତା ଓ ସାଧନା ଅନିବାର୍ଯ୍ୟ । ନଚେତ ଜଣେ ଭ୍ରମିତ ହୋଇ ପଥଭ୍ରଷ୍ଟ ହେବାର ସମ୍ଭାବନା ଥାଏ । ହଜରତ ମସିହ ମଉଦ[ଆ.ସ] ଏକ ସମ୍ମିଳନୀରେ କହିଥିଲେ ଯଦି ଅଲ୍ଲାଃଙ୍କ ଭୟ (ତକଓ୍ୱା)ଥାଏ ତେବେ ଜଣେ ୧୦୦ ମହିଳାଙ୍କୁ ବିବାହ କରିପାରନ୍ତି । ଏହି ବିଷୟ ଜମାତ୍‌ର ସମ୍ବାଦପତ୍ର ମାନଙ୍କ ମଧ୍ୟରୁ ଏକ ସମ୍ବାଦ ପତ୍ରରେ ପ୍ରକାଶ ପାଇ ଚର୍ଚ୍ଚା ହେଲା ଯେ ଜଣାପଡୁଛି ହଜରତ୍ ମସିହ ମଉଦ୍[ଆ:ସ]ଙ୍କର ବିଚାରଧାରା ଚାରି ସ୍ତ୍ରୀ ପର୍ଯ୍ୟନ୍ତ ବିବାହ କରିପାରିବାର ସୀମା ରେଖା ଠାରୁ ଭିନ୍ନ ଅଟେ ।

( ପୁରୁଷମାନେ ବହୁତ ଖୁସି ହୋଇଥିବେ ଯେ ଚାରି (ସ୍ତ୍ରୀ)ର ଅଙ୍କୁଶ ନାହିଁ) । ଜଣେ ଯେତେ ଚାହୁଁ ବିବାହ କରିପାରିବ ।

ଉକ୍ତ କଥୋପକଥନକୁ ହଜରତ ମିର୍ ନାସର ନଓ୍ୱାବ ସାହେବ (ମରହୁମ୍) ହଜରତ୍ ମସିହ ମଉଦ୍[ଆ:ସ]ଙ୍କ ନିକଟରେ ପହଂଚାଇଲେ, ଯାହା ବାହାରେ ଚାଲିଥିଲା ଏବଂ ପଚାରିଲେ ଯେ ଆପଣଙ୍କ ଉକ୍ତିର କ'ଣ ତାତ୍ପର୍ଯ୍ୟ ଆପଣ କହିଲେ ମୋର କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ଯଦି ଜଣେ ସ୍ତ୍ରୀ ମରିଯାଆନ୍ତି ବା କୌଣସି କାରଣରୁ ତାଲାକ୍ ହୋଇଯାଏ ତାହେଲେ ମଣିଷ ଦ୍ୱିତୀୟ ବିବାହ କରିପାରିବ । ଏହିପରି ସେ ଶହେ ବିବାହ କରିପାରିବ ।

ଏହି ବିଚାର ଦ୍ୱାରା ଆପଣ ଅନ୍ୟ ଧର୍ମର ବିଚାରକୁ ଖଣ୍ଡନ କରିଲେ ଯେ "ଜଣେ ଲୋକ ଜୀବନରେ ଦ୍ୱିତୀୟ ବିବାହ କୌଣସି ପରିସ୍ଥିତିରେ କରିପାରିବ ନାହିଁ " (ତାର ସ୍ତ୍ରୀ ମରୁ ବା ତଲାକ ହେଉ, ଥରେ ବିବାହ ହୋଇଗଲା କଥା ଶେଷ, ବିଶେଷ କରି ଯଦି ସ୍ତ୍ରୀ ମରିଯାଏ । ଆପଣ ଏହି ବିଚାରକୁ ଖଣ୍ଡନ କଲେ ଏହି ସନ୍ଦର୍ଭରେ କଥା ଚାଲିଥିଲା ।)

ହଜରତ୍ ମୁସ୍‌ଲେହ୍ ମଉଦ[ର.ଅ] କହୁଛନ୍ତି ଯେ ଯଦି ଏବେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ଉକ୍ତିଟିର ଅର୍ଥ କରାଯାଇଥାନ୍ତା । ତାହେଲେ କିଛି ଦିନ ପରେ ଲୋକେ ଏହା ବୁଝିଥାନ୍ତେ ଯେ ଆପଣଙ୍କର ବିଶ୍ୱାସ ଏହା ଥିଲା ଯେ " ଯେତେ ଚାହଁ ସେତେ ବିବାହ କରିପାର" କେବଳ (ଅଲ୍ଲାଃର ଭୟ) ତକ୍‌ଓ୍ୱାର ସର୍ତ ରହିବ । (ଆଜିକାଲି ପୁରୁଷ ଦ୍ୱିତୀୟ ଓ ତୃତୀୟ ବିବାହ କରୁଛନ୍ତି କିନ୍ତୁ ତକ୍‌ଓ୍ୱାର ସର୍ତକୁ ପାଶୋରି ଯାଉଛନ୍ତି । (ତକ୍‌ଓ୍ୱାର ସର୍ତ ଜରୁରୀ ଅଟେ ।) ଏହି ସନ୍ଦର୍ଭରେ ହଜରତ୍ ମୁସ୍‌ଲେହ୍ ମଉଦ୍[ର.ଅ]କହନ୍ତି "ମୋର ମନେ ପଡୁଛି ଯେ ହଜ୍‌ରତ୍ ଖଲିଫା ଅଓ୍ୱଲଙ୍କର ଏହି ବିଶ୍ୱାସ କେତେକାଳ ପର୍ଯ୍ୟନ୍ତ ଥିଲା କି ଚାରିରୁ ଅଧିକ ବିବାହ ଗ୍ରହଣଯୋଗ୍ୟ । ସେହି ସମୟରେ ଛୋଟିଆ ଜମାତ ଥିଲା । ଲୋକମାନେ ନିଜ ଭିତରେ ମିଳାମିଶା କରିପାରୁଥିଲେ ।(କାଦିଆନ୍ ରେ ଅଳ୍ପ ଲୋକ ଥିଲେ) ଏହି ବିଷୟ ଉପରେ ଅଧିକ ଚର୍ଚ୍ଚା ହେଉଥିଲା । ଏକ ସମୟରେ ଏହାକୁ ନେଇ ପ୍ରଶ୍ନ ଉଠିଲା । ପ୍ରଥମ ଖଲିଫା କହିଲେ ଇସଲାମୀୟ ନୀୟମରେ ଚାରୋଟି ପତ୍ନୀ ରଖିବାର କୌଣସି ପ୍ରମାଣ ମିଳୁ ନାହିଁ । ଅବୁଦାଉଦ (ହଦିସ)ରେ ଲେଖା ଅଛି ହଜରତ ଇମାମ ହସନ[ର.ଅ]୧୮/୧୯ଜଣ ମହିଳାଙ୍କୁ ବିବାହ କରିଥିଲେ । ଆପଣ ଏହି ତଥ୍ୟ ହଜରତ ମସିହ ମଉଦ[ଆ.ସ] ଙ୍କ ନିକଟକୁ ପଠାଇଲେ । ଏହି ସଭାରେ ଜଣେ କିଏ କହିଲେ ଯେ ହଜରତ ମସିହ୍ ମଉଦ୍[ଅ.ସ]ଙ୍କର ଏପରି ବିଶ୍ୱାସ ନଥିଲା । ଏହା ଉପରେ ହଜରତ ଖଲିଫା ଅଓ୍ୱଲ ଏହା ଭାବିଲେ ଯେ ହୋଇପାରେ କି ଆପଣଙ୍କ ନିକଟରେ ଏହି ମାମଲା ସମ୍ପୂର୍ଣ୍ଣ ରୂପେ ରଖା ହୋଇ ନଥିବ । ତେଣୁ ଜଣକୁ କହିଲେ ଯେ ଏହି ବହିଟିକୁ ନେଇଯାଅ । (ଏହା ଯାହା ହଜ୍‌ରତ୍ ଇମାମ୍ ହସନ୍‌ଙ୍କ ବିଷୟରେ ଅବୁଦାଉଦରେ ବର୍ଣ୍ଣିତ ଅଛି ।) ଏବଂ ହଜ୍‌ରତ୍ ମସିହ ମଉଦ୍[ଆ:ସ]ଙ୍କୁ ଏହି

ଦୃଷ୍ଟାନ୍ତ(ହାୱାଲା)ଦେଖାଇ ଆଣନ୍ତୁ । ହଜରତ୍ ମୁସଲେହ ମଉଦ୍[ର.ଅ] କହୁଛନ୍ତି ଯେ ବହିଟି ଆଣିବା ବାଲା ବହିନେଇ ହଜରତ୍ ମସିହ ମଉଦ[ଆ:ସ]ଙ୍କ ନିକଟକୁ ଯାଉଥିବା ସମୟରେ ମତେ ରାସ୍ତାରେ ଭେଟ ହେଲା । ମୁଁ ପଚାରିଲି ଏହା କ'ଣ ? ସେ କହିଲେ ହଜରତ୍ ମୌଲବି ସାହେବ ଏହି ଦୃଷ୍ଟାନ୍ତ (ହାୱାଲା)ଟିକୁ ହଜରତ ମସିହ ମଉଦ୍[ଅ:ସ]ଙ୍କୁ ଦେଖାଇବା ପାଇଁ ପଠାଇଛନ୍ତି । ହଜରତ୍ ମୁସ୍‌ଲେହ୍ ମଉଦ୍[ର.ଅ]କହୁଛନ୍ତି ଯେ ମୁଁ ତାଙ୍କର ଉତ୍ସାହକୁ ଦେଖି ଏବଂ ଏହି ବିଷୟଟି ଏପରି ଥିଲା ଯେ ମୁଁ ମଧ୍ୟ ଉତରର ଅପେକ୍ଷାରେ ବସି ରହିଲି । (ସେହିଠାରେ ଛିଡା ହୋଇ ରହିଲି ଯେଉଁଠାରେ ପଚାରିଥିଲି) । କିଛି ସମୟ ପରେ ସେ ଫେରିଲେ । ମୁଁ ଦେଖିଲି ଯେ ସେ ଯିବା ବେଳେ ବହୁତ ଖୁସିଥିଲେ କିନ୍ତୁ ଫେରିବା ସମୟରେ ମୁଣ୍ଡକୁ ନୁଆଁଇ ଆସୁଛନ୍ତି । ମୁଁ କହିଲି କଥା କଣ ? ସେ କହିଲେ ଯେ- ହୁଜୁର ଉତର ଦେଲେ ମୌଲବ ସାହେବଙ୍କୁ ପଚାର ଏହା କେଉଁ ସ୍ଥାନରେ ଲେଖା ଅଛି ଯେ,ସେ ସମସ୍ତେ ଏକ ସମୟରେ ନିକାହ୍‌ରେ ଥିଲେ । ତାପରେ ଚାରୋଟିରୁ ଅଧିକ ବିବାହ କରିବାର ଚର୍ଚ୍ଚା ହିଁ ବନ୍ଦ ହୋଇଗଲା । ପୁଣି ଚାରୋଟି ବିବାହ ନିମନ୍ତେ ଅଲ୍ଲାଃଙ୍କ ଭୟ ସର୍ତ ଅଟେ । ହଜରତ ମୁସଲେହ ମଉଦ[ର.ଅ] ଇମାମଙ୍କ ଅଦେଶର ଆଜ୍ଞାକାରୀ ହେବା ସମ୍ବନ୍ଧରେ କୁହନ୍ତି-ଇମାମଙ୍କ ନିର୍ଦ୍ଦେଶ ପରେ ଅନ୍ୟ କାହାର କୌଣସି କଥାର କିଛି ମୂଲ୍ୟ ନାହିଁ । ତୁମ ପାଇଁ ପ୍ରଯୁଯ୍ୟ ଯେ ଯେତେବେଳେ ଅଲ୍ଲାଃ ଓ ରସୁଲଙ୍କର କୌଣସି କଥା ତୁମ କାନରେ ପଡେ ତୁମେ ସଙ୍ଗେ ସଙ୍ଗେ ତାହାର ଆଜ୍ଞାକାରୀ ହୁଅ । ଏଥିରେ ହିଁ ତୁମର ଉନ୍ନତି ଲୁକ୍କାୟିତ ବରଂ ଏପରି ସମୟରେ ଯଦି ଜଣେ ନମାଜ ପାଠ କରୁଥାଏ ତେବେ ତାହାର କର୍ତବ୍ୟ କି ସେ ନମାଜ ଭଙ୍ଗ କରି ଅଲ୍ଲାଃ ଓ ରସୁଲଙ୍କ ଡାକରାର ଉତର ଦେବା ଉଚିତ । କେତେକ ଲୋକ ଏଥିରେ ଆପତି କରିବାରୁ ହଜରତ ମସିହ ମଉଦ[ଆ.ସ] ଉକ୍ତ ପଂକ୍ତି ପାଠ କଲେ-**ଲା ତଜ୍‌ଅଲୁ ଦୁଆ ଅର୍‌ରସୁଲି ବୈନାକୁମ୍ କଦୁଆଇ ବାଜିକୁମ ବାଜା । କଦ୍ ୟାଲମୁଲ୍ ଲାହୁଲ୍ ଲଜିନା ୟତସଲ୍ ଲଲୁନା ମିନ୍‌କୁମ୍ ଲିଓାଜା । ଫଲ୍‌ୟହ ଜରିଲ୍ ଲଜିନା ୟୁଖା ଲିଫୁନା ଅନ୍ ଅମ୍‌ରିହି ଅନ୍ ତୁସିବହୁମ ଫିତ୍‌ନତୁନ୍ ଅଓୟୁସିବହୁମ ଅଜାବୁନ୍ ଅଲିମ୍ (ନୁର-୬୪)**ଅର୍ଥାତ ତୁମେମାନେ ଏପରି ମନେକର ନାହିଁ ଯେ ରସୁଲଙ୍କର ତୁମକୁ ଡାକିବା ତୁମେମାନେ ପରସ୍ପରକୁ ଡାକିବା ଭଳି ସମାନ ଏବଂ ଯେତେବେଳେ ଇଚ୍ଛା ଉତର ଦେଲ ଅଥବା ନଦେଲ । ତୁମମାନଙ୍କ ମଧ୍ୟରୁ ଯେଉଁମାନେ ତାହାଙ୍କ ଆଦେଶର ବିରୁଦ୍ଧାଚରଣ କରନ୍ତି । ସେମାନେ ସତର୍କ ରହିବା ଉଚିତ ଯେ ଅଲ୍ଲାଃଙ୍କ ତରଫରୁ ସେମାନଙ୍କ ପ୍ରତି କୌଣସି ବିପଦ ନଆସିଯାଏ କିମ୍ବା ସେମାନଙ୍କୁ କୌଣସି ଯନ୍ତ୍ରଣାଦାୟକ ଶାସ୍ତି ନ ମିଳେ । ଏହିପରି ଆଉ ଏକ ସ୍ଥାନରେ ଅଲ୍ଲାଃ କୁହନ୍ତି- **ୟା ଅୟୁହଲ୍ ଲଜିନା ଆମନୁସ୍ ତଜିବୁ ଲିଲ୍ଲାହି ଓ ଲିର୍ ରସୁଲି ଇଜା ଦାଆକୁମ୍ ଲିମା ୟୁହ୍ ଇକୁମ୍(ଅନଫାଲ୍-୨୫)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ତୁମେମାନେ ଅଲ୍ଲାଃ ଓ ରସୁଲଙ୍କ କଥା ଶୁଣିବା ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇଯାଅ ଯେତେବେଳେ କି ସେ ତୁମକୁ ଜୀବନ ଦାନ କରିବାକୁ ଡାକନ୍ତି ।

ସେ ଯାହା ହେଉ ନବୀଙ୍କ କଥାର ସଙ୍ଗେ ସଙ୍ଗେ ଉତର ଦେବା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବରଂ ଏପରି କହିବା କଥା କି ବିଶ୍ୱାସ ଆଣିବାର ଏହା ବୃହତ ପ୍ରମାଣ ।

**(ତଫ୍‌ସିରେ କବିର୍,ଖଣ୍ଡ-୬,ପୃଷ୍ଠା-୪୦୮-୪୦୯)**

ସେଥିଯୋଗୁଁ ଯଦି ଏହାକୁ ସେହି ମୁରବୀ ବ୍ୟକ୍ତି ମାନେ କରିଛନ୍ତି ତାହାଲେ ବିଲ୍ କୁଲ୍ ଗ୍ରହଣଯୋଗ୍ୟ । ନମାଜ ଅସଲ ଲକ୍ଷ୍ୟ ନୁହେଁ ବା ଅନ୍ୟ କୌଣସି ପୂଣ୍ୟ କାର୍ଯ୍ୟ ନବୀଙ୍କ ଉପସ୍ଥିତିରେ ଅସଲ ଲକ୍ଷ ନୁହେଁ ଅଧିକନ୍ତୁ ସର୍ବଦା ଅସଲ ଲକ୍ଷ ଅଲ୍ଲାଃତାଲାଙ୍କ ନିକଟରେ ପହଂଚିବା, ଏବଂ ତାର କଥା ମାନିବା, ଯାହାର ଉଦାହରଣ ଆମକୁ ହଜରତ ମସିହ ମଉଦ[ଆ:ସ]ଙ୍କ ସାହାବାଙ୍କ ଠାରୁ ମିଳୁଛି । ଏହିପରି ହଜରତ୍ ମୁହମ୍ମଦ[ସ:ଅ]ଙ୍କ ସାହାବାଙ୍କ ନିକଟରୁ ମଧ୍ୟ ମିଳୁଛି ।

ଗୋଟିଏ ଜରୁରୀ କଥା ଆଡକୁ ହଜରତ ମୁସ୍‌ଲେହ୍ ମଉଦ୍[ର.ଅ]ଧ୍ୟାନ୍ ଆକର୍ଷଣ କରାଇଛନ୍ତି ଏବଂ ଏହା ସର୍ବଦା ଜରୁରୀ ଅଟେ, ଏବେ ମଧ୍ୟ ଅଛି । ଆପଣ କହୁଛନ୍ତି ଯେ ମୋମିନ୍ ପାଇଁ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ଦରକାର ପଡେ ନାହିଁ ପରନ୍ତୁ କେବଳ ସଙ୍କେତ ହିଁ ଯଥେଷ୍ଟ ହୋଇଥାଏ । ଏବଂ ସେହି ସଙ୍କେତକୁ ବୁଝି ସେ ଏତେ ଉତ୍ସାହର ସହିତ କାମ କରିଥାଏ ଯେ କିଛି ଲୋକ ପାଗଳାମି ବୋଲି ଭାବିନିଅନ୍ତି । ଏଥିଯୋଗୁଁ ଯେତେ ପୂର୍ଣ୍ଣ ମୋମିନ ସଂସାରରେ ହୋଇଛନ୍ତି ତାଙ୍କୁ ଲୋକମାନେ ପାଗଳ କହିଥାନ୍ତି । ଆପଣ ଏହି ସନ୍ଦର୍ଭରେ କହୁଛନ୍ତି ଯେ ଅଲ୍ଲାତାଲା କ୍ଷମା ଦିଅନ୍ତୁ ମୋର ଶିକ୍ଷକ ଥିଲେ, ମୌଲବି ୟାର୍ ମୁହମ୍ମଦ ସାହେବ୍ ତାଙ୍କର ନାମ ଥିଲା । ହଜରତ ମସିହ ମଉଦ[ଅ.ସ]ଙ୍କର ସାହାବି ଥିଲେ ତାଙ୍କ ବୁଦ୍ଧିରେ କିଛି ଦୃବଳତା ଥିଲା ବା ଏପରି ଦୃବଳତା ଥିଲା ଯେ ସେ ହଜରତ ମସିହ ମଉଦ[ଆ.ସ]ଙ୍କୁ ନିଜର ପ୍ରେମିକା ଏବଂ ନିଜକୁ ପ୍ରେମୀ ମନେକରୁଥିଲେ । ଏହି ପ୍ରେମ ଯୋଗୁଁ ସେ ଭାବୁଥିଲେ ଯେ ମୋତେ ମଉଦ୍ ପୁଅ ଓ ମୁସ୍‌ଲେହ ମଉଦ୍[ର.ଅ] କରିଛନ୍ତି । (ଏହି ପ୍ରେମ ଯୋଗୁଁ ଯାହା ହଜରତ ମସହ ମଉଦ[ଅ.ସ]ଙ୍କ ସହିତ ଥିଲା । ସେ ଭାବୁଥିଲେ ଯେ ହଜରତ ମସିହ ମଉଦ୍ ସେହି ମଉଦ୍ ପୁଅ ଓ ମୁସ୍‌ଲେହ ମଉଦ୍ ଅଟନ୍ତି) । ହଜରତ୍ ମସିହ ମଉଦ୍[ଅ.ସ]ଙ୍କର ଏପରି ଅଭ୍ୟାସ ଥିଲା ଯେ କଥାବାର୍ତା ସମୟରେ ବେଳେବେଳେ ନିଜ ଜଂଘ ଆଡକୁ ହାତ ଏପରି ଆଣୁଥିଲେ ଯେପରି କାହାକୁ ଡାକୁଛନ୍ତି ବା ଯେପରି ଜଣକୁ ଡକାଯାଏ । ଥରେ ହଜରତ୍ ମସିହ ମଉଦ୍[ଆ:ସ] ଏହିପରି ଉତ୍ସାହିତ ହୋଇ କିଛି କଥା କହୁଥିଲେ (ଇତି ମଧ୍ୟରେ) ମୌଲବି ୟାର ମୁହମ୍ମଦ ସାହେବ୍ ଡିଆଁମାରି ହଜରତ୍ ମସିହ୍ ମଉଦ୍[ଆ:ସ] ପାଖରେ ଆସି ବସିପଡିଲେ । ପରେ ଜଣେ ପଚାରିଲେ ଯେ ଆପଣ ଏପରି କଣ କଲେ ? ସେ କହିଲେ ହଜରତ ମସିହ ମଉଦ[ଆ.ସ] ଏପରି ଇଙ୍ଗିତ କରିଥିଲେ ଏବଂ ଏହି ଇଙ୍ଗିତ ମୋ ପାଇଁ ଥିଲା ଯେ ତୁମେ ଆଗକୁ ଚାଲିଆସ । ତେଣୁ ମୁଁ ଡିଆଁମାରି ଆଗକୁ ଚାଲିଆସିଲ । ଏପରି ପାଗଳାମି ଥିଲା । କିନ୍ତୁ କିଛି ଦୃଷ୍ଟି କୋଣରୁ ପାଗଳାମି ମଧ୍ୟ ଉଚିତ୍ ଅଟେ । ତାଙ୍କର ଏହି ପାଗଳାମିରେ କୌଣସି ଖରାପ ଉଦ୍ଦେଶ୍ୟ ନଥିଲା ବରଂ ପ୍ରେମ ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ପାଗଳା ପ୍ରେମୀ ନିଜ ପାଇଁ ଉଦ୍ଦିଷ୍ଟ ନଥିବା ଇଙ୍ଗିତକୁ ମଧ୍ୟ ନିଜ ପ୍ରତି ବୁଝିନିଏ । ତେଣୁ ଆପଣ ଜମାତ୍‌କୁ ପରାମର୍ଶ ଦେଇ କହୁଛନ୍ତି ଯେ ଯେଉଁ ଜାତି ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରିବାର ଦାବି କରେ ସେ ଠିକ୍ ଇଙ୍ଗିତକୁ କାହିଁକି ବୁଝିପାରୁନାହିଁ ଯେ ତାହା ତାଙ୍କ ପାଇଁ କରା ଯାଇଛି । ଆମ ଜମାତରେ ପାଗଳ (ପ୍ରେମୀ) ମାନେ ଯେଉଁମାନେ ଏହି ସିଲ୍‌ସିଲାର ସହିତ ପ୍ରେମ କରିଥାନ୍ତି; ତାଙ୍କର କଣ ମୌଲବି ୟାର୍ ମୁହମ୍ମଦଙ୍କ ସଦୃଶ ପ୍ରେମ ନାହିଁ ? କି ହଜରତ୍ ମସିହ ମଉଦ୍ ନିଜ ଜଙ୍ଘରେ ଧିରେ ହାତ ମାରିଲେ କିନ୍ତୁ ସେ ଭାବିନେଲେ ଯେ ମତେ ଡାକୁଛନ୍ତି କିନ୍ତୁ ଏଠି ଅଲ୍ଲାଃତାଲା ଖୋଲା ଖୋଲି ଭାବେ ନିର୍ଦ୍ଦେଶ ଦେଉଛନ୍ତି ଏବଂ ତାର ମସିହ୍ ମଧ୍ୟ ନିର୍ଦ୍ଦେଶ ଦେଉଛନ୍ତି କିନ୍ତୁ ସେଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି ।

**( ଖୁତ୍‌ବାତେ ମହ୍‌ମୁଦ୍ ଖଣ୍ଡ-୧୭-୭୩୩-୩୪)**

ତେଣୁ ଆମକୁ ଚିନ୍ତା କରିବାକୁ ପଡିବ ଓ ସମୀକ୍ଷା କରିବାକୁ ହେବ ଯେ ଆମେ କିପରିଭାବେ ଅଲ୍ଲାତାଲାଙ୍କର ନିର୍ଦ୍ଦେଶ ଓ ତାର ଇଙ୍ଗିତକୁ ବୁଝିପାରୁଛେ । ହଜରତ୍ ମୁସ୍‌ଲେହ୍ ମଉଦ୍[ର.ଅ] ଏହି ସନ୍ଦର୍ଭରେ କହୁଛନ୍ତି ଯେ ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶ ଉପରେ ପରିଚାଳିତ ହୋଇ ତାର ସାନ୍ନିଧ ପାଇବା ପାଇଁ କରନ୍ତୁ । ଆଲ୍ଲାଃତାଲାଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇ ଲୋକଙ୍କୁ ଖୁସି କରିବା ନିମନ୍ତେ କାର୍ଯ୍ୟ କରିବା ଅନୁଚିତ । ଆପଣ କହୁଛନ୍ତି ଯେ ମୌଲବୀ ଗୁଲାମ ଅଲୀ ସାହେବ ଜଣେ ନୈଷ୍ଠିକ ୱହାବୀ ଥିଲେ । ୱହାବୀ ମାନଙ୍କର ଫତ୍‌ୱା ଥିଲା ଯେ ହିନ୍ଦୁସ୍ତାନରେ ଜୁମ୍ମା ନମାଜ ହୋଇପାରିବ କିନ୍ତୁ ହନ୍‌ଫି ଧର୍ମାମଲମ୍ବିଙ୍କ ନିକଟରେ ହିନ୍ଦୁସ୍ତାନରେ ଜୁମ୍ମା ନମାଜ ହୋଇପାରିବ ନାହିଁ ( ସେ ସମୟରେ ଅଦ୍ଭୁତ କଥା ଥିଲା କାରଣ ସେମାନେ କୁହନ୍ତି ଜୁମ୍ମା ସେତେବେଳେ ଧାର୍ଯ୍ୟ ହେବ ଯେତେବେଳେ ମୁସଲମାନ୍ ସୁଲ୍‌ତାନ୍ (ଶାସକ) ଥିବେ । (ରାଜା ମୁସଲମାନ ଥିବେ ତ ଚଳିବ) ଜୁମ୍ମା ପଢାଇବା ବାଲା ମୁସଲମାନ କାଜି ହୋଇଥିବେ ଏବଂ ଯେଉଁଠି ଜୁମ୍ମା ପଢାଯିବ ତାହା ସହର ହେବା ଆବଶ୍ୟକ । ହିନ୍ଦୁସ୍ତାନରେ ଅଂଗ୍ରେଜ ଶାସକ ଥିବାରୁ ନା ମୁସଲମାନ ରାଜାଥିଲେ ନା କାଜି ଥିଲେ । ଏଥିଯୋଗୁଁ ସେମାନେ ଜୁମ୍ମା ନମାଜ ପଢିବାକୁ ଉପଯୁକ୍ତ ଭାବୁ ନଥିଲେ । (ଏହି ପରି ସମସ୍ୟା ଜନ୍ମ ହୋଇଥିଲା ।) ଅପରପକ୍ଷେ ପବିତ୍ର କୋରାନରେର ଲେଖା ଦେଖୁଥିଲେ ଯେ "ଯେବେ ତୁମକୁ ଜୁମ୍ମା ନମାଜ ପାଇଁ ଡାକରା ଆସେ ତେବେ ତ୍ୱରିତ ସବୁ କାମଦାମ ଛାଡି ଜୁମ୍ମା ନମାଜ ପାଇଁ ଚାଲି ଯାଅ ।" ଏଥିପାଇଁ ତାଙ୍କର ଆତ୍ମା ଶାନ୍ତି ପଡୁ ନଥିଲା । ଗୋଟିଏ ପଟେ ତାଙ୍କର ମନ ଜୁମ୍ମା ପଢିବା ପାଇଁ ବ୍ୟାକୁଳ ହେଉଥିଲା । ସେପଟେ ସେ ଡରୁଥିଲେ ଯେ କୌଣସି ହନ୍‌ଫି ମୌଲବୀ ତାଙ୍କ ବିରୋଧରେ ଫତ୍‌ୱା ଦେଇ ନଦେଉ । ଏହିପରି ଘଡିସନ୍ଧି ମୁହୂର୍ତରେ ସେମାନଙ୍କର ଅଭ୍ୟାସ ଥିଲା ଯେ ଜୁମାଦିନ ଗାଁରେ ପ୍ରଥମେ ଜୁମ୍ମା ପଢୁଥିଲେ ଏବଂ ପୁଣି ଜୋହର ନମାଜ୍ ପଢିନେଉଥିଲେ ଏବଂ ସେ ଭାବୁଥିଲେ ଯେ ଯଦି ପଢିବାଉଚିତ୍ ତା ହେଲେ ଆମେ ବଂଚିଗଲୁ ଏବଂ ଯଦି କେବଳ ଜୋହର ନମାଜର ସମସ୍ୟା ଠିକ୍ ତେବେ ମଧ୍ୟ ଆମେ ବଂଚିଗଲୁ । ଏଥିଯୋଗୁଁ ସେ ଜୋହର୍ ନମାଜର ନାମ ଏହ୍‌ତିୟାତି (ବଂଚିବାର ରାସ୍ତା) ରଖିଥିଲେ ଏବଂ ଭାବୁଥିଲେ ଯେ ଯଦି ଅଲ୍ଲାଃତାଲା ଆମର ଜୁମ୍ମା ନମାଜକୁ ଅଲଗା ଫିଙ୍ଗି ଦିଏ ତେବେ ଆମେ ଜୋହରକୁ ଉଠେଇ ତା ସାମ୍ନାରେ ରଖିଦେବୁ ଏବଂ ଯଦି କିଏ 'ଏହିତିୟାତି' ନମାଜ ପାଠ କରୁନଥିଲା ତା ହେଲେ ବୁଝାଯିବ ଯେ ସେ ୱହାବି ଅଟନ୍ତି । ହଜ୍‌ରତ୍ ମସିହ୍ ମଉଦ୍[ଆ:ସ] କହୁଥିଲେ ଯେ ଥରେ ଆମେ ମୌଲବି ଗୁଲାମ ଅଲୀଙ୍କ ସାଙ୍ଗରେ ଗୁରୁଦାସ୍ ପୁର ଗଲୁଁ । ରାସ୍ତାରେ ଜୁମ୍ମାର ସମୟ ଆସିଗଲା । ଆମେ ନମାଜ ପାଠ ପାଇଁ ଗୋଟିଏ ମସ୍‌ଜିଦ୍‌କୁ ଗଲୁଁ । ଆପଣଙ୍କର ପଦ୍ଧତି ସାଧାରଣତଃ ୱହାବିଙ୍କ ସଙ୍ଗେ ମିଶି ଯାଉଥିଲା । କାରଣ ୱହାବିମାନେ ହିଦିସ ନିୟମାନୁସାରେ କାର୍ଯ୍ୟ କରିବାକୁ ବାଧ୍ୟ ମନେ କରନ୍ତି । ଏବଂ ତାଙ୍କର ଏହା ମଧ୍ୟ ବିଶ୍ୱାସ ଯେ ରସୁଲ୍ କରିମ୍[ସ.ଅ]ଙ୍କ ସୁନ୍ନତ ଉପରେ ପରିଚାଳିତ ହେବା ମନୁଷ୍ୟର ମୋକ୍ଷ ପାଇଁ ଅନିବାର୍ଯ୍ୟ ଅଟେ। ସୁତରାଂ ଆପଣ (ହଜରତ୍ ମସିହ ମଉଦ[ଆ:ସ]) ମୌଲବି ଗୁଲାମ୍ ଅଲି ସାହେବଙ୍କ ସାଥିରେ ଗଲେ ଏବଂ ଜୁମ୍ମା ନମାଜ ପଢିଲେ । ମୌଲବି ଗୁଲାମ ଅଲି ସାହେବ ନମାଜ ଜୁମ୍ମା ପରେ ପୁଣି ଚାରି ରେକାତ୍ ଜୋହର ନମାଜ ପାଠ କଲେ । ହଜରତ୍ ମସିହ୍ ମଉଦ୍[ଆ:ସ] ତାଙ୍କୁ ପଚାରିଲେ ମୌଲବି ସାହେବ୍ ଜୁମ୍ମା ନମାଜ୍ ପରେ ଏ ଚାରି ରେକାତ କଣ ପାଇଁ ? ସେ କହିଲେ ଏହା "ଏହାତିୟାତି" ଅଟେ । ମୁଁ କହିଲି ମୌଲବି ସାହେବ ଆପଣତ ଜଣେ ୱହାବି ଅଟନ୍ତି କିନ୍ତୁ ବିଶ୍ୱାସ ଓଲଟା ରଖିଛନ୍ତି । ପୁଣି ଏହତିୟାତିର କ'ଣ ଅର୍ଥ ? କହିଲେ ଏହତିୟାତିର ଏହା ଅର୍ଥ ନୁହେଁ ଯେ ଅଲ୍ଲାଃଙ୍କ ନିକଟରେ ଆମର ଜୁମ୍ମା ଗ୍ରହଣୀୟ ନା ଜୋହର୍ ପରନ୍ତୁ ଏହାର ଅର୍ଥ ଏହା ଯେ ଲୋକମାନେ ବିରୋଧ ନ କରନ୍ତୁ । ଲୋକଙ୍କ ଭୟ ଅଟେ । ତେବେ କେତେ ଲୋକ ମୌଲବି ଗୁଲାମ ଅଲିଙ୍କ ଭଳି କାର୍ଯ୍ୟ କରିଥାନ୍ତି ଓ ମନେ ମନେ ଖୁସି ଯେ ଜୁମ୍ମା ପଢିଲେ ଏପଟେ ଲୋକଙ୍କୁ ଖୁସି କରିବା ପାଇଁ ଚାରି ରେକାତ ଜୋହର୍ ନମାଜ ମଧ୍ୟ ପଢିଥାନ୍ତି । **(ତଫ୍‌ସିରେ କବୀର, ଖଣ୍ଡ -୬, ପୃଷ୍ଠା - ୩୮୨-୮୩)**

ହଜରତ ମସିହ ମଉଦ[ଆ.ସ]ଙ୍କୁ ଏକ ସଭାରେ କେହି ଜଣେ କହିଲେ ଆମ ଜମାତ୍‌ର ଅଧିକାଂଶ ଲୋକ ଦାଢି କାଟି ଦେଉଛନ୍ତି । ଆପଣ ଉତର ଦେଲେ ମୂଳ ଜିନିଷ ଅଲ୍ଲାଃଙ୍କୁ ପ୍ରେମ କରିବା ଅଟେ । ଯେତେବେଳେ ସେମାନଙ୍କ ହୃଦୟରେ ଏହା ସୃଷ୍ଟି ହୋଇଯିବ

*ଅବଶିଷ୍ଟାଂଶ ପୃଷ୍ଠା ନଂ ୬ ରେ ଦେଖନ୍ତୁ ......*

*ପୃଷ୍ଠା ନଂ ୧୨ର ଅବଶିଷ୍ଟାଂଶ........*

ଏହିପରି ଜଣେ ବ୍ୟକ୍ତିଙ୍କ ଚର୍ଚ୍ଚା କରି ହଜରତ ମୁସଲେହ ମଉଦ[ର.ଆ] କୁହନ୍ତି କି ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଲ୍ଲାଃ ଏପରି ଲୋକଙ୍କୁ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବା ନିମନ୍ତେ ଜନ୍ମ ଦେଇଥାନ୍ତି । ଆପଣ କୁହନ୍ତି ମୁଁ ହଜରତ ମସିହ ମଉଦ[ଆ.ସ] ଙ୍କ ଠାରୁ ଶୁଣିଛି କି ଜଣେ ଲୋକ ଏକ ସିଦ୍ଧପୁରୁଷଙ୍କୁ ପଚାରିଲେ କି କେତେ ଟଙ୍କାରେ ଜକାତ ଦେବାର ଆଦେଶ ରହିଛି । ସେ ଉତର ଦେଲେ ତୁମ ପାଇଁ ଚାଳିଶ ଟଙ୍କାରେ ଏକ ଟଙ୍କା ଜକାତ ଦେବା ଧାର୍ଯ୍ୟ କରାଯାଇଛି । ବ୍ୟକ୍ତି ଜଣକ ପୁଣି ପ୍ରଶ୍ନ କଲେ "ମୋ ପାଇଁ" କହିବାରେ ତାତ୍ପର୍ଯ୍ୟ କଣ । କଣ ଏହା ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ଅଟେ । ସେ କହିଲେ ହଁ ତୁମ ପାଇଁ ଏତିକି ଧାର୍ଯ୍ୟ କରା ଯାଇଛି କିନ୍ତୁ ଯଦି ମୋ ନିକଟରେ ୪୦ ଟଙ୍କା ଥାଏ । ତେବେ ତାହାର ଜକାତ ମୋତେ ୪୧ଟଙ୍କା ଦେବାକୁ ହେବ । କାରଣ ତୁମ ପାଇଁ ଅଲ୍ଲାଃଙ୍କର ନିର୍ଦ୍ଦେଶ ରହିଛି କି ତୁମେ ଆମଦାନି କର ଓ ଖାଅପିଅ କିନ୍ତୁ ମୋ ଆବଶ୍ୟକତା ସେ ନିଜେ ପୂରଣ କରିଥାନ୍ତି । ତେଣୁ ଯଦି ମୁର୍ଖାମି ଯୋଗୁଁ ମୁଁ ୪୦ଟଙ୍କା ସଂଚୟ କରିନିଏ ତେବେ ମୋତେ ୪୦ଟଙ୍କା ଦେବା ସହ,ଏକ ଟଙ୍କା ଜୋରିମନା ଦେବାକୁ ପଡିବ । ତେବେ ଏହା ସାଧୁ ସନ୍ଥମାନଙ୍କ ସ୍ତର ଅଟେ କିନ୍ତୁ ଅନ୍ୟମାନେ ନିଜ ସାଂସାରିକ କାର୍ଯ୍ୟ,କାମନା ପୂରଣ କରିବାରେ ଅର୍ଥ ଓ ସମୟ ଖର୍ଚ୍ଚ କରିବା ସହ ଅଲ୍ଲାଃଙ୍କ ଉପାସନା କରିବା ଏବଂ ଅନ୍ୟମାନଙ୍କ ଆବଶ୍ୟକତା ପୂରଣ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ , ଯାହାକି ଅଲ୍ଲାଃଙ୍କ ପ୍ରଦତ (ଧନ,ସମ୍ପତି,ସମ୍ମାନ) ପାଇଁ କୃତଜ୍ଞ ସ୍ୱରୂପ ହେବ । କେତେକ ଲୋକଙ୍କ ଚିନ୍ତାଧାରା ବ୍ୟବସାୟ ମୂଳକ ହୋଇଥାଏ ତ କେତେକ ଅନ୍ୟର ନକଲ କରିବାରେ । ତେବେ କେତେକ ସମୟରେ ସେମାନେ ଏପରି କିଛି କାର୍ଯ୍ୟ କରିବସନ୍ତି ଯାହାକି ଜମାଅତର ରୀତି ବିପରିତ କିମ୍ବା ଇସଲାମୀୟ ଶିକ୍ଷା ବିରୁଦ୍ଧ ହୋଇଥାଏ । ଏପରି ଲୋକ ଜମାଅତର କର୍ମକର୍ତାମାନଙ୍କ ମଧ୍ୟରେ ମଧ୍ୟ ଦେଖିବାକୁ ମିଳିଥାନ୍ତି । ତେଣୁ ଏପରି ବ୍ୟକ୍ତିମାନଙ୍କୁ ଏମିତି କୌଣସି ନିଷ୍ପତି ଦେବାରୁ ନିଜକୁ ନିବୃତ ରଖିବାକୁ ଚେଷ୍ଟାକରିବା ଉଚିତ୍ । ଯଦି ନକଲ କରିବାର ଅଛି ତେବେ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ଆମକୁ ହଜରତ ମୁହମ୍ମଦ[ସ.]ଙ୍କ ସୁନ୍ଦର ଚରିତ୍ରର ନକଲ କରିବା ଉଚିତ୍ ଏବଂ ଏହି ଯୁଗରେ ଅଲ୍ଲାଃ ଆମମାନଙ୍କ ସମ୍ମୁଖରେ ହଜରତ ମସିହ ମଉଦ[ଆ.ସ]ଙ୍କର ଯେଉଁ ଉଦାହରଣ ରଖିଛନ୍ତି । ତାହା ଆପଣ ନିଜ ଆକା (ମାଲିକ) ହଜରତ ମୁହମ୍ମଦ[ସ.ଆ] ଙ୍କଠାରୁ ଶିଖି ଆମକୁ ଶିଖାଇଲେ । ତେଣୁ ବର୍ତମାନ ଆମକୁ ତାହାର ହିଁ ଅନୁକରଣ କରିବା ଉଚିତ୍

ହଜରତ ମୁସଲେହ ମଉଦ[ର.ଆ] ନିଜର ଏକ ଘଟଣା ଚର୍ଚ୍ଚା କରି କୁହନ୍ତି ମୋର ମନେଅଛି ତାହା ହଜରତ ମସିହ ମଉଦ[ଆ.ସ]ଙ୍କ ଜୀବନର ଅନ୍ତିମ ବର୍ଷ କିମ୍ବା ପ୍ରଥମ ଖଲିଫାଙ୍କ ସମୟର ରମଜାନ ମାସ ଥିଲା । ପ୍ରଚଣ୍ଡ ଗ୍ରୀଷ୍ମ ତାପ ଯୋଗୁଁ କିମ୍ବା ସହରୀ(ପ୍ରାତଃ ଭୋଜନ)ରେ ପାଣି ନପିଇବା ଯୋଗୁଁ ମୋତେ ପ୍ରବଳ ତୃଷ୍ଣା ଅନୁଭବ ହେଲା ଏବଂ ଏପରି ମନେହେଲା ଯେମିତି ମୁଁ ଚେତା ହରାଇ ଦେବି । ରୋଜା ଖୋଲିବାକୁ ଆହୁରି ଘଣାଏ ସମୟ ଥାଏ । ମୁଁ ଶକ୍ତି ଶୂନ୍ୟ ହୋଇ ଏକ ଖଟରେ ପଡିଗଲି ଏବଂ ଦିବ୍ୟ ସ୍ୱପ୍ନରେ କ'ଣ ଦେଖେ କି କେହିଜଣେ ମୋ ପାଟିରେ ଜଳ କିମ୍ବା ପାନ ଆଣି ରଖିଦେଲେ ଓ ମୁଁ ତାହାକୁ ଶୋଷିବାକୁ ଲାଗିଲି ଯଦ୍ୱାରା ମୋର ତୃଷ୍ଣା ମେଂଟିଗଲା । ଏପରି ଅଲ୍ଲାଃ ମୋର ତୃଷ୍ଣା ଦୂର କଲେ । ତେବେ ଆବଶ୍ୟକତା ପୂରଣ ନିମନ୍ତେ ଆମେ ଦରକାରୀ ଜିନିଷର କାମନା କରିଥାଉ କି ତାହା ଆମକୁ ମିଳିଯାଉ କିମ୍ବା ତାହାର କାମନା ହିଁ ହୃଦୟରୁ ଦୂରୀଭୁତ ହେଉ । ତେଣୁ ଅଲ୍ଲାଃଙ୍କ ନିକଟରେ ସର୍ବଦା ଏଭଳି ପ୍ରାର୍ଥନା କରିବା ଉଚିତ୍ ଏବଂ ଅଲ୍ଲାଃଙ୍କ ପ୍ରଶନ୍ନତା ଓ ନିଷ୍ପତିକୁ ଗୁରୁତ୍ୱ ଦେଇ ପ୍ରାର୍ଥନା କରିବା ଉଚିତ୍ । ମୋତେ ଅନେକ ଲୋକ ଚିଠି ଲେଖିଥାନ୍ତି କି ଅମୁକ ସ୍ଥାନରେ ଆମର ବିବାହ ହେବା ନିମନ୍ତେ ଦୁଆ କରିବେ ଏବଂ ତାଙ୍କ ପିତାମାତା ଓ ଜମାଅତର ଲୋକଙ୍କୁ ମଧ୍ୟ ଆମ ପାଇଁ ନିବେଦନ କରିବେ । ନଚେତ୍ ମୁଁ ବଂଚିବି ନାହିଁ ଓ ସେ ମଧ୍ୟ ଜୀବନ ହାରି ଦେବ । ଏସବୁ ଅଯୌକ୍ତିକ ଓ ନିରର୍ଥକ କଥା ଅଟେ । ଦେଖ ବିବାହ ବନ୍ଧନର ଉଦ୍ଦେଶ୍ୟ ଆତ୍ମ ସନ୍ତୋଷ ଏବଂ ସନ୍ତାନ ପ୍ରାପ୍ତି ଅଟେ । ତେଣୁ ଅଲ୍ଲାଃଙ୍କ ଠାରୁ କୃପା ଭିକ୍ଷା କରିବା ଉଚିତ୍ ଯେ ଯଦି ଅଲ୍ଲାଃଙ୍କ ଦୃଷ୍ଟିରେ ତାହା ଆମ ପାଇଁ ଫଳପ୍ରଦ ସାବ୍ୟସ୍ତ ହେବ ତେବେ ଉକ୍ତ ସମ୍ପର୍କ ଯୋଡିଜାଉ । ନଚେତ୍ ତାହାର ଭାବନା ହିଁ ହୃଦୟରୁ ଦୂରେଇ ଯାଉ । ଦେଖ ଏସବୁ ସାଂସାରିକ ପ୍ରେମ,ଭଲପାଇବା କ୍ଷଣସ୍ଥାୟୀ ଅଟେ । ସଂସାର ପ୍ରେମ ମଧ୍ୟ ଅଲ୍ଲାଃଙ୍କୁ ଭଲପାଇବା ନିମନ୍ତେ ଭିକ୍ଷା କରିବା ଉଚିତ୍ । ଏପରି ସ୍ଥଳେ ସଂସାର ପ୍ରେମ ପୂରଣ ହେବା ସହ ତାହା ମନୁଷ୍ୟକୁ ପ୍ରକୃତ ଆତ୍ମ ସନ୍ତୋଷ ଓ ଆତ୍ମ ତୃପ୍ତି ପ୍ରଦାନ କରିଥାଏ । ସଂସାରର କୌଣସି ଜିନିଷ ମନୁଷ୍ୟ ପାଇଁ କ୍ଷତିକାରକ ନୁହେଁ । ଏହାର ଯଥାର୍ଥ ବୁଝାଇ ହଜରତ ମୁସଲେହ ମଉଦ[ର.ଆ] କୁହନ୍ତି କୋଚିଲା ଏକ ପ୍ରକାର ବିଷାକ୍ତ (ଫଳ) ଅଟେ । ଏହାର ସେବନ କରିବା ଫଳରେ ଅନେକ ଲୋକ ମୃତ୍ୟୁବରଣ କରିଥାନ୍ତି କିନ୍ତୁ ଏହାର ଉପଚାରରେ ଲକ୍ଷ ଲକ୍ଷ ଲୋକ ସୁସ୍ଥ ମଧ୍ୟ ହୋଇଥାନ୍ତି । ଏହିପରି ଏକ କ୍ଷତିକାରକ ଜିନିଷ ଅଫିମ ଅଟେ । କିନ୍ତୁ ଏହାର ଅପକାରିତା ଅପେକ୍ଷା ଉପକାରିତା ବେଶ ଅଧିକା । ହଜରତ ମସିହ ମଉଦ[ଆ.ସ] କୁହନ୍ତି ଡାକ୍ତରମାନଙ୍କ କହିବା ଅନୁସାରେ ଡାକ୍ତରୀ ଔଷଧର ଅଧାରୁ ଅଧିକ ପ୍ରସ୍ତୁତିରେ ଅଫିମ ବ୍ୟବହାର ହୋଇଥାଏ । ଏହାର ଉପକାରିତା ଏତେ ଅଧିକ ଯାହାର କଳନା କରିବା କଷ୍ଟକର । ସୁତରାଂ ସଂସାରରେ ଏପରି କୌଣସି ଜିନିଷ ନାହିଁ ଯାହାକି ମଣିଷ ପାଇଁ କ୍ଷତିକାରକ ଅଟେ । କେବଳ ସେଗୁଡିକର ଅପବ୍ୟବହାର ମଣିଷ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ।

ସୁତରାଂ ସର୍ବଦା ମନେରଖିବା ଉଚିତ୍ ଯେ,ଜଣେ ସଚୋଟ ମୋମିନ୍ ଯେତେବେଳେ କୌଣସି କାର୍ଯ୍ୟର ଉତମ ପରିଣାମ ଦେଖେ **ଅଲହମଦୋଲିଲ୍ଲାଃ** କହେ କି ଅଲ୍ଲାଃ ହିଁ ମୋତେ କୃତକାର୍ଯ୍ୟ କଲେ ଏବଂ ଯେତେବେଳେ ଖରାପ ପରିଣତି ଦେଖେ ସେତେବେଳେ **ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** ପଢେ କି ମୋ ନିଜ ଦୋଷତ୍ରୁଟି ଯୋଗୁଁ ମୁଁ ଅସଫଳ ହେଲି । ତେବେ ଅଲ୍ଲାଃଙ୍କ ବିଭୂତି ସେହି ବ୍ୟକ୍ତି ପ୍ରାପ୍ତ କରିଥାଏ ଯେ ଦୋଷ ତ୍ରୁଟିକୁ ନିଜ ଆଡକୁ ଓ କୃତକାର୍ଯ୍ୟ ଅଲ୍ଲାଃଙ୍କ ପ୍ରଦତ ମନେକରି **ଅଲହମଦୋଲିଲ୍ଲାଃ** ପାଠ କରିଥାଏ । ଏତଦ୍ ଦ୍ୱାରା ସେ ଅଲ୍ଲାଃଙ୍କ ଦୟା ଓ ଆହୁରି ଅଧିକ ଉନ୍ନତି ପ୍ରାପ୍ତ କରିବାର ଅଧିକାରୀ ହୋଇଥାଏ । କେତେକ ସମୟରେ ଛୋଟଛୋଟ କଥା ବଡ ଧରଣର ସଫଳତା ଆଣିଦେଇଥାଏ । ଏଥିସମ୍ବନ୍ଧରେ ହଜରତ ମୁସଲେହ ମଉଦ[ର.ଆ] ନିଜର ଏକ ଖୁତବାରେ କୁହନ୍ତି ହଜରତ ମସିହ ମଉଦ[ଆ.ସ]ଙ୍କଠାରୁ ଏକ ମହିଳାଙ୍କ କଥା ଶୁଣିଛି । ତାଙ୍କର ଏକ ମାତ୍ର ପୁତ୍ର ଥିଲା । ଏକଦା ସେ ଯୁଦ୍ଧ କ୍ଷେତ୍ରକୁ ବାହାରିଲା ଏବଂ ନିଜ ମାତାଙ୍କୁ କହିଲା ମୋତେ ଏପରି କିଛି ଜିନିଷ କୁହନ୍ତୁ ଯଦି ମୁଁ ଯୁଦ୍ଧରୁ ଫେରେ ଆପଣଙ୍କ ପାଇଁ ଉପହାର ସ୍ୱରୂପ ନେଇଆସିବି । ସେ କହିଲେ ଯଦି ତୁ କିଛି ଆଣିବାକୁ ଚାହୁଁଛୁ ତେବେ ମୋ ପାଇଁ ଜଳି ଯାଇଥିବା ରୋଟି ଟୁକୁରା ଯେତେ ସମ୍ଭବ ନେଇଆସିବୁ । ସେଥିରେ ମୁଁ ଖୁସି ହେବି । କିଛି ଦିନ ପରେ ସେ ଘରକୁ ଫେରିଲା ଓ ସାଥିରେ ଜଳନ୍ତା ରୋଟି ଟୁକୁରାର ଗୁଡାଏ ବସ୍ତା ଆଣି ମାଁ ସମ୍ମୁଖରେ ରଖିଦେଲା । ଏହା ଦେଖି ମାଁ ବହୁତ ଖୁସି ହୋଇ କହିଲେ ଏପରି କହିବାରେ ମୋର ଉଦ୍ଦେଶ୍ୟ ତୁମେ ଭଲକରି ରୋଟି ତିଆରି କରିବ ଏବଂ ଜଳି ଯାଇଥିବା ଅଂଶ ଅଲଗା କରି ବାକି ରୋଟି ଖାଇନେବ । ଏହା ଏକ ସାଧାରଣ କଥା କିନ୍ତୁ ଏପରି କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ଏବଂ ମହିଳା ଜଣକ ଏହାହିଁ ଚାହୁଁ ଥିଲେ । ଦୁଆ ସ୍ୱୀକୃତି ପ୍ରାପ୍ତ ହେବା ନିମନ୍ତେ ହଜରତ ମୁସଲେହ ମଉଦ[ର.ଆ] କୁହନ୍ତି ଏଥିପାଇଁ ଦୁଇ ମୂଳ ସର୍ତ ମନେରଖିବା ଉଚିତ୍ । ଯେପରିକି ଅଲ୍ଲାଃ କୁହନ୍ତି-**ଫଲ୍ ୟସ୍ତଜିବୁଲି ଓଲୟୁମିନୁବି** ଅର୍ଥାତ୍ ମୋ ଆଦେଶ ପାଳନ କର ଏବଂ ମୋ ଉପରେ ଆସ୍ଥା ରଖ । ଏହା ବ୍ୟତୀତ ମଧ୍ୟ ଅନେକ କଥା ରହିଛି ଯେମିତିକି ଦରୁଦ ପାଠ କରିବା ଦାନଦକ୍ଷିଣା କରିବା । ହୁଜୁର[ଅ.ବ] କହିଲେ ମୋତେ ଅନେକ ଲୋକ ଚିଠି ଲେଖୁଛନ୍ତି କି ଆମେ ବହୁତ ଦୁଆ କଲୁ କିନ୍ତୁ ଅଲ୍ଲାଃ ଆମ ଦୁଆ ଶୁଣିଲେ ନାହିଁ । ଏହା ଅଲ୍ଲାଃଙ୍କ ଉପରେ ଅଭିଯୋଗ କରିବା ଅଟେ । ପ୍ରକୃତରେ ଏପରି ଲୋକ ଦୁର୍ବଳ ବିଶ୍ୱାସୀ ଅଟନ୍ତି । କିଛି ଦିନ ପୂର୍ବେ ଜଣେ ବ୍ୟକ୍ତି ମୋ ନିକଟକୁ ଆସି ଏହି କଥା କହିଲେ । ମୁଁ ତାଙ୍କୁ ପଚାରିଲି ଅଲ୍ଲାଃ କୁହଛନ୍ତି **ଫଲ୍ ୟସ୍ତଜିବୁଲି** ଅର୍ଥାତ ମୋ ଆଦେଶ ପାଳନ କର । କଣ ଅପଣ ଅଲ୍ଲାଃଙ୍କ ସମସ୍ତ ଆଦେଶ ପାଳନ କରୁଛନ୍ତି । ସେ କହିଲେ ନା । ତେବେ ପ୍ରଥମେ ନିଜ ଅବସ୍ଥା ନିରିକ୍ଷଣ କର ଯେ ଆମେ କିଭଳି ଅମଲ କରୁଛେ । ଅଲ୍ଲାଃ ଆମକୁ ନିଜ ଆଦେଶ ମୁତାବକ ଅମଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମ ବିଶ୍ୱାସକୁ ଦୃଢ଼ତା ପ୍ରଦାନ କରିବା ସହ ଆମ ପ୍ରାର୍ଥନାକୁ ସ୍ୱୀକୃତି ପ୍ରଦାନ କରନ୍ତୁ ।

ଖୁତ୍‌ବାର ଶେଷରେ ହଜୁର ଶ୍ରୀମାନ ସୟଦ ଅସଦୁଲ ସଲାମ ଶାହ ସାହେବ ପିତା ସୟଦ ନୟିମ ଶାହ ସାହେବ ଯେ କି ଗ୍ଲାସଗୋ ର ନିବାସୀ ଥିଲେ । ତାଙ୍କ ପିତା ଓ ଦଦା ଉଭୟ ଧର୍ମ ସେବାରେ ବେଶ ଆଗରେ ଥିଲେ । ଚଳିତ ମାର୍ଚ୍ଚ ୨୪ ତାରିଖରେ ତାଙ୍କୁ ୪୦ ବର୍ଷ ବୟସରେ ଶହିଦ କରିଦିଆଗଲା (ଇନ୍ନା ଲିଲ୍ଲାଃ ଓ ଇନ୍ନାଇଲୈହ୍ ରାଜେଉନ)। ସେ ଡାଃ.ନସିରୁଦ୍ଦିନ କମର ସାହେବ(ପେନଶନର ସଦର ଅନ୍‌ଜୁମନ ଅହମଦୀୟା କାଦିଆନ)ଙ୍କର ଜାମାତା ଥିଲେ । ଆଂଚଳିକ ଅମିର ସାହେବଙ୍କର କହିବା ଅନୁସାରେ ଶେଷ ଦେଖାରେ ମଧ୍ୟ ତାଙ୍କ କଥାରେ ମୁଁ ଖଲିଫାଙ୍କ ସହ ପ୍ରେମ ଓ ନିବିଡତାର ଆଭାସ ସ୍ପଷ୍ଟ ବାରି ପାରୁଥିଲି । କେତେକ ଲୋକଙ୍କ ଏପରି ମନ୍ତବ୍ୟ ଠିକ୍ ନୁହେଁ କି ସେ ଜମାଅତ ଛାଡି ଯାଇଥିଲେ । ସେ ଅହମଦି ଥିଲେ ଏବଂ ଅହମଦି ଯୋଗୁଁ ତାଙ୍କୁ ଶହିଦ କରି ଦିଆଗଲା । ଅଲ୍ଲାଃ ତାଙ୍କ ଉପରେ ଦୟା କରନ୍ତୁ ଓ ତାଙ୍କୁ କ୍ଷମା କରନ୍ତୁ ଏବଂ ତାଙ୍କ ପିତାମାତା ଓ ପତ୍ନୀଙ୍କୁ ଧୈର୍ଯ୍ୟ,ଶାନ୍ତି ପ୍ରଦାନ କରନ୍ତୁ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବା ପାଇଁ ପାଠକ ପାଠିକାମାନଙ୍କୁ ଅନୁରୋଧ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mobile : + 91 9437128786
e-mail : odiabadar@gmail.com
website : www.akhbarbadrqadian.in
www.alislam.org/badr

Title Code: PUNODI00001
The Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Distt. Gurdaspur (Pb.) INDIA Qadian - 143516
Vol. 1 Thursday 14-21 April 2016 Issue No. 6-7

MANAGER
NAWAB AHMAD
Mobile : +91 94170- 20616
Tel. : +91 1872-224757
E-mail : managerbadrqnd@gmail.com
ANNUAL SUBSCRIPTION : Rs.300/-

**ଆମ୍ଭେମାନେ ଭାଗ୍ୟବାନ ଯେ ହଜରତ ମସିହ ମଉଦ[ଆ.ସ]ଙ୍କ ବୟତ କରି ସେହି ଗୋଷ୍ଠୀରେ ଶାମିଲ ହୋଇଛେ ଯେ, ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିଥାନ୍ତି । ଏଥିପାଇଁ ଆମେ ଯେଭଳି କୃତଜ୍ଞ ହେଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ । କାରଣ ସେ ଆମକୁ ସତ୍‌ପଥରେ ପରିଚାଳିତ ହେବାର ମାର୍ଗ ଦର୍ଶାଇ ଦେଇଛନ୍ତି ।**

# ୦୧ ଅପ୍ରେଲ ୨୦୧୬ ଖୁତ୍‌ବା ଜୁମାର ସାରାଂଶ, ସ୍ଥାନ : ମସଜିଦ ବୈତୁଲ୍ ଫୋତୁହ ଲଣ୍ଡନ

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହୁଜୁର ଅନଓର[ଅ.ବ] କହିଲେ- ପୂର୍ବ ଖୁତ୍‌ବାରେ ମୁଁ ହଜରତ ମସିହ ମଉଦ[ଆ.ସ] ଙ୍କର ଏକ ପରିଚ୍ଛେଦ ଚର୍ଚ୍ଚା କରିଥିଲି । ଯେଉଁଥିରେ ଆପଣ କୁହନ୍ତି ତୁମେମାନେ ମୋ ଯୁଗରେ ଜନ୍ମ ଗ୍ରହଣ କରିଥିବାରୁ ଆନନ୍ଦରେ ନାଚିଉଠ କାରଣ ଏହି ସୌଭାଗ୍ୟ ଅଲ୍ଲାଃ ଆପଣଙ୍କୁ ପ୍ରଦାନ କରିଛନ୍ତି । ଜଣା ନାହିଁ ଏହି ସମୟ ପାଇବା ପାଇଁ କେତେ ଗୋଷ୍ଠୀ,ବରପୁତ୍ର ପ୍ରତିକ୍ଷା କରି କରି ସଂସାରରୁ ବିଦାୟ ନେଲେ । ତେଣୁ ଅମ୍ଭେମାନେ ଭାଗ୍ୟବାନ ଯେ ହଜରତ ମସିହ ମଉଦ[ଆ.ସ]ଙ୍କ ବୟତ କରି ସେହି ଗୋଷ୍ଠୀରେ ଶାମିଲ ହୋଇଛେ ଯେ, ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରି ଥାନ୍ତି । ସେ ହତଭାଗାମାନଙ୍କ ମଧ୍ୟରୁ ନୁହେଁ ଯେଉଁମାନଙ୍କୁ ହୁଜୁର[ଆ.ସ]ଙ୍କ ସମୟ ପ୍ରାପ୍ତ ହେବା ପରେ ମଧ୍ୟ ତାଙ୍କୁ ବୟତ କରିବାର ସୌଭାଗ୍ୟ ମିଳିଲା ନାହିଁ । କାରଣ ବିରୁଦ୍ଧାଚରଣରେ ଆଗକୁ ବଢିଚାଲିବା ସେମାନଙ୍କୁ ଅଲ୍ଲାଃଙ୍କ ପ୍ରିୟମାନଙ୍କ ଆନୁଗତ୍ୟ ସ୍ୱୀକାର କରିବାରୁ ବଂଚିତ ରଖିଥିଲା ।

ଏହି ଦୃଷ୍ଟିରୁ ଆମମାନଙ୍କୁ ଅଲ୍ଲାଃଙ୍କର କୃତଜ୍ଞ ହେବା ଉଚିତ ଯେ, ସେ ଆମର ସତ୍‌ପଥ ପ୍ରତି ମାର୍ଗ ଦର୍ଶନ କରିବା ସହ ଜୀବନର ବିଭିନ୍ନ ସମସ୍ୟା ଓ ପ୍ରଶ୍ନବାଚୀର ସମାଧାନ ଇସଲାମୀୟ ଶିକ୍ଷା ମୁତାବକ ନିଜ ପ୍ରେରିତ ଦୂତ ହଜରତ ମସିହ ମଉଦ[ଆ.ସ] ଙ୍କ ମାଧ୍ୟମରେ କରାଇଦେଲେ । ଆପଣ ନିଜ ରଚନା,ବକ୍ତୃତା ଓ ସମ୍ମିଳନୀମାନଙ୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଯେଉଁ ଶିକ୍ଷା ପ୍ରଦାନ କଲେ ତାହା ଆପଣଙ୍କ ସାଥିମାନଙ୍କ ମାଧ୍ୟମରେ ଆମକୁ ମିଳିଛି । କିନ୍ତୁ ସବୁଠାରୁ ବଳି ହଜରତ ମୁସଲେହ ମଉଦ[ର.ଆ]ଙ୍କର ବକ୍ତବ୍ୟ ଯେଉଁଥିରେ ଆପଣ ହଜରତ ମସିହ ମଉଦ[ଆ.ସ]ଙ୍କର ବର୍ଣ୍ଣନା ଯାହାକି ଆପଣ ସ୍ୱଚକ୍ଷୁରେ ଦେଖିଥିଲେ କିମ୍ବା ଶୁଣିଥିଲେ ଅଥବା ହୁଜୁରଙ୍କ ନିକଟବର୍ତୀ ସାଥିମାନଙ୍କ ଠାରୁ ଶୁଣିଥିଲେ ଦରଜ କଲେ । ସେହି ଉଦାହରଣଗୁଡିକୁ ପାଠ କଲେ ଆପଣଙ୍କ କହିବାର ଉଦ୍ଦେଶ୍ୟ ସହଜରେ ବୁଝା ପଡିଥାଏ । ଏକଦା ହଜରତ ମୁସଲେହ ମଉଦ[ର.ଆ] ଧର୍ମଘଟ ଓ ବିରୋଧ ପ୍ରଦର୍ଶନ କରିବା ଇସଲାମୀୟ ଶିକ୍ଷା ଅନୁଯାୟୀ ଉଚିତ୍ କି ନୁହେଁ ଚର୍ଚ୍ଚା କରି କହିଲେ । ଏଥି ସମ୍ବନ୍ଧରେ ପ୍ରଶ୍ନ ଉଠୁଛି କି ଏପରି କରିବାର କାରଣ କ'ଣ ହୋଇପାରେ ? ଏହି କି ଯେ ଜନସାଧାରଣଙ୍କ ଅଧିକାର ସେମାନଙ୍କୁ ପ୍ରଦାନ ନ କରିବା । ସେଥିପାଇଁ ଇସଲାମ ଆମକୁ ଶିକ୍ଷା ଦେଇଛି କି ତୁମେ ପରଷ୍ପରର ଭାଇ ସାଜି ପରସ୍ପର ପ୍ରତି ଥିବା କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟାକର । ଯଦି ଏପରି କର ତେବେ ସାଂସାରିକ ବ୍ୟବସ୍ଥାରେ ମଧ୍ୟ ଏଭଳି ବିଘଟନ ଦେଖାଯିବ ନାହିଁ । ଏହା ଇସଲାମୀୟ ଶିକ୍ଷା ଓ ସଂସ୍କାରର ସାରାଂଶ ଯେ, ଆବଶ୍ୟକ ସ୍ଥଳେ ନିଜ ଅଧିକାର ହାସଲ କର କିନ୍ତୁ ନିୟମ ଉଲଂଘନ କର ନାହିଁ । ଆପଣ ଆହୁରି କୁହନ୍ତି ଇସଲାମୀୟ ସଦନ ଶିଷ୍ଟାଚାର ଉପରେ ଆଧାରିତ,ତାହାର ମୂଳରେ ନ୍ୟାୟ ଓ ପ୍ରେମ ରହିଛି । ତେଣୁ ନିଜ ଅଧିକାର ହାସଲ କଲାବେଳେ ଏହି ନିୟାମାବଳି ଆପଣାଇବା ଉଚିତ୍ । ଦେଖ ହଜରତ ମସିହ ମଉଦ[ଆ.ସ]ଙ୍କ ସମୟରେ ଯଦି କେହି ଅହମଦି କୌଣସି ପ୍ରକାର ବିକ୍ଷୋଭ କିମ୍ବା ବିଦ୍ରୋହରେ ଯୋଗଦିଏ ତେବେ ଆପଣ ତାହାକୁ କଠୋର ଦଣ୍ଡ ଦିଅନ୍ତି ଏବଂ ଅସନ୍ତୋଷ ପ୍ରକାଶ କରନ୍ତି । ଆଜିକାଲି ମୁସଲମାନ ଦେଶମାନଙ୍କରେ ଯେଉଁ ଧର୍ମଘଟ ଓ ବିଦ୍ରୋହ ଦେଖିବାକୁ ମିଳୁଛି ତାହା କେବଳ ପରଷ୍ପରର ଅଧିକାର ପ୍ରଦାନ ନକରିବା ଯୋଗୁଁ ସୃଷ୍ଟି ହେଉଛି । ଅଲ୍ଲାଃ ଉକ୍ତ ଦେଶମାନଙ୍କ ପ୍ରଶାସନ ଦଳକୁ ବିଶେଷ କରି ପାକିସ୍ତାନର ପ୍ରଶାସକଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ କି ସେମାନେ ନିଜ ପ୍ରଜାମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରନ୍ତୁ । ଏହିପରି ପ୍ରତ୍ୟେକ ଅହମଦି ମଧ୍ୟ ଦୁଆ କରିବା ଉଚିତ୍ ଯେ କୌଣସି ସ୍ଥାନରେ ଯଦି ଜୋର ଜବରଦସ୍ତି ଏପରି ବିଦ୍ରୋହରେ ଯାହା ଦ୍ୱାରା ଜନସାଧାରଣ କିମ୍ବା ସରକାରଙ୍କ ସମ୍ପତି ନଷ୍ଟକରିବା ଛଡା ଆଉ କିଛି ହାସଲ ହୋଇନଥାଏ,ଶାମିଲ କରିବାକୁ ଚେଷ୍ଟାକରାଯାଏ ତେବେ ସେମାନେ ସେଥିରୁ ନିବୃତ ରହିବା ଉଚିତ୍ ।

ପ୍ରତ୍ୟେକ ବ୍ୟକ୍ତି ସେ ଯେଉଁ କାର୍ଯ୍ୟରେ ନିୟୋଜିତ ହେଉ ନା କାହିଁକି ଯଦି ଆଗ୍ରହତାର ସହ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ସମ୍ପାଦନ କରେ ତେବେ ଏହା ତାହାର ବିଶିଷ୍ଟତା କୁହାଇଥାଏ । ହଜରତ ମୁସଲେହ ମଉଦ[ର.ଅ] ଉଦାହରଣ ମାଧ୍ୟମରେ ଏହାର ସ୍ପଷ୍ଟିକରଣ କରି କୁହନ୍ତି ଯଦି ଜଣେ ସୈନିକ କିମ୍ବା ସେନାଧ୍ୟକ୍ଷ, ଶିକ୍ଷକ, ନ୍ୟାୟଧୀଶ, ଓକିଲ, ବ୍ୟବସାୟୀ, ବିଧାନସଭା ମୂଖ୍ୟ କିମ୍ବା ପ୍ରଧାନ ମନ୍ତ୍ରୀ ନିଜ ନିଜ କାର୍ଯ୍ୟ ନିଷ୍ଠାପର ଭାବରେ ସଚ୍ଚୋଟତାର ସହ ପୂର୍ଣ୍ଣ ସମୟ ଦେଇ ସମ୍ପଦନ କରେ ଓ ସନ୍ଧାବେଳେ ଥକି ବସିପଡି, କହିଉଠେ କି ଆଜି ସାରା ଦିନ ବ୍ୟସ୍ତତା ଓ କାମର ବୋଝ ମୋ ଅଂଟା ଭାଙ୍ଗିଦେଲା । କିନ୍ତୁ ଯଦି ଆମେ ହଜରତ ମୁହମ୍ମଦ[ସ.ଆ]ଙ୍କ ଜୀବନୀ ଉପରେ ନଜର କରୁ ସେତେବେଳେ ଆପଣଙ୍କ ନମୁନା ଦେଖି ଆଶ୍ଚର୍ଯ୍ୟ ଲାଗେ କି ସମସ୍ତ ପ୍ରକାର ସାଂସାରିକ ଓ ବ୍ୟବସ୍ଥାମୂଳକ କାର୍ଯ୍ୟ ଯାହାକି ବିଭିନ୍ନ ବିଭାଗ ସହ ଜଡିତ ସମ୍ପାଦନ କରିବା ପରେ ଆପଣ ଘରର ନାନାଦି କାର୍ଯ୍ୟ କରିଥାନ୍ତି ଏବଂ ଏପରି ମଗ୍ନହୋଇ କରିଥାନ୍ତି କି ପ୍ରତ୍ୟେକ ପତ୍ନୀ ମନେକରିଥାନ୍ତି କି ମୋ ପ୍ରତି ହୁଜୁର[ସ.ଆ]ଙ୍କର ସବୁଠାରୁ ଅଧିକ ଆଗ୍ରହତା ରହିଛି । ତେବେ ନିତିଦିନ ଆପଣ ନମାଜ ଅସର ପାଠସାରି ପ୍ରତ୍ୟେକ ପତ୍ନୀଙ୍କ ଘରକୁ ଯାଇ ସେମାନଙ୍କର ଆବଶ୍ୟକତା ପଚାରି ବୁଝିଥାନ୍ତି ଏବଂ ଘରୋଇ କାମରେ ସେମାନଙ୍କୁ ସାହାଯ୍ୟ ମଧ୍ୟ କରିଥାନ୍ତି । ହଜରତ ମୁସଲେହ ମଉଦ[ର.ଆ] କୁହନ୍ତି ମୋର ମନେ ଅଛି ହଜରତ ମସିହ ମଉଦ[ଆ.ସ] ଏତେ ଅଧିକ କାର୍ଯ୍ୟରତ ଥାନ୍ତି କି ଆମେ ଶୋଇବାକୁ ଗଲାବେଳେ ଆପଣଙ୍କୁ କାମ କରିବାର ଦେଖିଥାଉ ଏବଂ (ସକାଳେ) ଉଠିଲା ବେଳେ ମଧ୍ୟ ଆପଣଙ୍କୁ କାମ କରୁଥିବାର ଦେଖିଥାଉ । ପୁଣି ଏପରି କଷ୍ଟ ଓ ପରିଶ୍ରମ କଲା ପରେ ମଧ୍ୟ ଯେଉଁ ସାଥିମାନଙ୍କୁ ସଂଶୋଧନ କରିବାକୁ କୌଣସି ପୁସ୍ତକ ଦେଇଥାନ୍ତି । ସେମାନଙ୍କର ଏପରି ପ୍ରଶଂସା କରିଥାନ୍ତି କି ଯଦି କେହି ନମାଜ ଇଶା ସମୟରେ ଆସି ଡାକନ୍ତି କି ହୁଜୁର ପୁସ୍ତକ ସଂଶୋଧନ କରିଆଣିଛି । ଆପଣ ଖଟରୁ ଓହ୍ଲାଇ ତାଙ୍କୁ ଦ୍ୱାର ପର୍ଯ୍ୟନ୍ତ ଛାଡିବାକୁ ଯାଇଥାନ୍ତି ଓ ଅନେକ ଥର କୃତଜ୍ଞତା ଜ୍ଞାପନ କରି କୁହନ୍ତି ଅଲ୍ଲାଃ ଆପଣଙ୍କୁ ଏହାର ସୁଫଳ ପ୍ରଦାନ କରନ୍ତୁ । ଏଥିପାଇଁ ଆପଣଙ୍କୁ ବହୁତ କଷ୍ଟ ସହ୍ୟ କରିବାକୁ ପଡିଲା । ଯେତେବେଳେ କି ତାଙ୍କ ମୁକାବିଲାରେ ଆପଣ ଯେଉଁ କଷ୍ଟ କରନ୍ତି ତାହା ବେଶ ଅଧିକ ଥିଲା । ତେବେ ହୁଜୁର[ଆ.ସ]ଙ୍କୁ ଆମେ ଏପରି କ୍ରମାଗତ କାର୍ଯ୍ୟ କରିବାର ଦେଖିଛୁ ଯେ, ତାହା ଦେଖି ଆମକୁ ଆଶ୍ଚର୍ଯ୍ୟ ଲାଗେ ।

ପୁଣି ଇସଲାମରେ ମହିଳାମାନଙ୍କ ସୁରକ୍ଷିତ ଭବିଷ୍ୟତ ନିମନ୍ତେ ବିଭିନ୍ନ ଆଦେଶ ରଦିଛି । ସେଥି ମଧ୍ୟରୁ ଗୋଟିଏ ଆଦେଶ ଏହିକି ଯେ ବିବାହ ପୂର୍ବରୁ ତାଙ୍କର ହକ୍ ମେହ୍‌ର ଧାର୍ଯ୍ୟ କରିବା ଏବଂତାହାର ପରିଶୋଧ କରିବା ରହିଛି । କିଛି ଲୋକ ମନେକରିଥାନ୍ତି କି କେବଳ ତଲାକ୍ (ବିଚ୍ଛେଦ) ହେଲେ ହିଁ ମେହ୍‌ର ଦେବାକୁ ହୁଏ କିନ୍ତୁ ସେମାନେ ଏହାର ପ୍ରକୃତ ଉଦ୍ଦେଶ୍ୟ ବୁଝିନଥାନ୍ତି । ମେହ୍‌ର ଧାର୍ଯ୍ୟ କରିବାରେ ଉଦ୍ଦେଶ୍ୟ ଏହି କି ଯେ,କେତେକ ସମୟରେ ମହିଳାଙ୍କୁ କିଛି ଖର୍ଚ୍ଚର ଆବଶ୍ୟକତା ପଡିଥାଏ ଏବଂ ସେଥିପାଇଁ ସେ ନିଜ ସ୍ୱାମୀଙ୍କୁ ମାଗିବାକୁ ବାଧ ହୁଅନ୍ତି କିନ୍ତୁ ମାଗିବାକୁ ତାଙ୍କୁ ପ୍ରଥମତଃ ଲାଜ ଲାଗେ ଦ୍ୱିତୀୟରେ ଏହାକୁ ସେ ପସନ୍ଦ ମଧ୍ୟ କରିନଥାନ୍ତି । ପୁଣି କେତେକ ସ୍ଥଳେ ସ୍ୱାମୀ ମଧ୍ୟ ପତ୍ନୀର ଆବଶ୍ୟକତା ପୂରଣ କରିପାରିନଥାନ୍ତି । ତେବେ ଏପରି ଅବସ୍ଥାରେ ମେହ୍‌ର (ଅର୍ଥ) ତାଙ୍କ କାମରେ ଆସିଥାଏ । କିନ୍ତୁ ଯଦି ପୁରୁଷମାନେ ଏହାର ପରିଶୋଧ ହିଁ ନକରନ୍ତି ତେବେ ଉପରୋକ୍ତ ପରିସ୍ଥିତିରେ ମହିଳାମାନେ କିପରି ନିଜର ଆବଶ୍ୟକତା ପୂରଣ କରିବେ । କେତେକ ସ୍ଥଳେ ପୁରୁଷମାନେ ମେହ୍‌ର ପରିଶୋଧ କରିବା ତ ଦୂରର କଥା ଓଲଟା ସେମାନଙ୍କ ଆମଦାନି ଉପରେ କଟକଣା ଲଗାଇଥାନ୍ତି କି ତୁମେ ମୋତେ ନପଚାରି କୌଣସି ଖର୍ଚ୍ଚ କରିବ ନାହିଁ କିମ୍ବା ତୁମ ଆମଦାନିର ଏତେ ଭାଗ ମୋତେ ଦିଅ ଅଥବା ମୋ ବ୍ୟାଙ୍କ ଖାତାକୁ ଆସିବା ଉଚିତ୍ । ଏପରି କରିବା ଅନୁଚିତ । ପୁଣି କେତେକ ଲୋକ ନିଜ ଝିଅମାନଙ୍କର ମେହ୍‌ର ଆଣି ଆତ୍ମସାତ କରିଥାନ୍ତି । ଏହା ମଧ୍ୟ ଅବୈଧ ଏବଂ ନିଜ କନ୍ୟାକୁ ବିକ୍ରି କରିବା ଅଟେ । ସେହିପରି କେତେକ ମହିଳା ମେହ୍‌ର କ୍ଷମା ଦେବା କଥା ସ୍ୱାମୀମାନେ କହିଥାନ୍ତି କିନ୍ତୁ ଏଥିପାଇଁ ମଧ୍ୟ ସର୍ତ ରହିଛି । ତାହା ଏହିକି ଯେ, ପ୍ରଥମେ ତାଙ୍କ ହାତରେ ମେହ୍‌ର ରଖି (କ୍ଷମା କରିବା କଥା) ପଚାରିବା ଉଚିତ୍ । ପୁଣି ସେହି ଟଙ୍କା ତାଙ୍କ ନିକଟରେ ଅତି କମ୍‌ରେ ଏକ ବର୍ଷ ରହିବାର ଆଦେଶ ରହିଛି । ତାପରେ ଯଦି ସେ କ୍ଷମା କରନ୍ତି ଅର୍ଥାତ ଅର୍ଥ ଫେରସ୍ତ କରନ୍ତି ତେବେ ଠିକ୍ ଅଛି । ସେହିପରି ଜକାତ ଦେବାର ଆଦେଶ ରହିଛି । ଯାହାକି ପ୍ରତ୍ୟେକ ମୁସଲମାନ ଯେ ଏହାର ସର୍ତ ପୂରଣ କରୁଥିବ,(ଜକାତ) ଦେବା ବାଧ୍ୟତାମୂଳକ ଅଟେ । କିନ୍ତୁ ଏପରି ମଧ୍ୟ ବୟୋଜ୍ୟେଷ୍ଠ ଲୋକ (ସିଦ୍ଧପୁରୁଷ) ଥାନ୍ତି ଯେ ନିଜର ସମ୍ପୂର୍ଣ୍ଣ ଆମଦାନି ଅଲ୍ଲାଃଙ୍କ ମାର୍ଗରେ ପ୍ରଦାନ କରିଦେଇଥାନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା -୧୧ରେ .....*

Printed & Published by: Jameel Ahmed Nasir on behalf of Nigran Board of Badar, at Fazle-Umar Printing Press Qadian, Harchowal Road, Qadian
Distt: Gurdaspur-143516, Punjab, India. And published at office of the Weekly Badar Moh-Ahmadiyya, Harchowal Road P.o:Qadian Distt:Gsp-143516, Punjab.India.Editor:Qamrul Haque Khan